

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୭ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 07 DECEMBER 2020

Vol.No. 30 ■ No. 309 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କୃଷି ଆଇନ ପ୍ରତ୍ୟାହାର ଦାବିରେ ଡିସେମ୍ବର ୮ ଭାରତ ବନ୍ଦକୁ ବାମପନ୍ଥୀ ଦଳଙ୍କ ସମର୍ଥନ

ଭୁବନେଶ୍ୱର,୦୬।୧୨ (ନି.ପ୍ର): କୃଷି ଓ କୃଷକ ସର୍ବନାଶକାରୀ ତିନୋଟି କୃଷି ଆଇନ-୨୦୨୦ ଓ ବିଦ୍ୟୁତ୍ ବିଲ୍-୨୦୨୦ ପ୍ରତ୍ୟାହାର ଦାବିରେ ଆନ୍ଦୋଳନ ଚଳାଇଥିବା କୃଷକ ସଂଗଠନଗୁଡ଼ିକ ଡିସେମ୍ବର ୮ ତାରିଖଦିନ ଭାରତ ବନ୍ଦ ପାଇଁ ଦେଇଥିବା ଡାକରାକୁ ଓଡ଼ିଶାରେ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମଏଲ) ଲିବରେସନ, ଫରୱାର୍ଡ ବ୍ଲକ ପକ୍ଷରୁ ସମର୍ଥନ ଘୋଷଣା କରାଯାଇଛି।



ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି ଯେ ଦୀର୍ଘ ୯ଦିନ ଧରି ଆନ୍ଦୋଳନ ଚଳାଇଥିବା କୃଷକଙ୍କ ସହିତ ସରକାର ୪ଥର ଆଲୋଚନା କଲେ ମଧ୍ୟ ସରକାର ତାଙ୍କ ଜିଦ୍‌ରେ ଅଟଳ ରହୁଥିବାରୁ କୌଣସି ସୁଫଳ ମିଳିପାରୁ ନାହିଁ। କୃଷକ ବିରୋଧୀ, ଖାଉଟି ବିରୋଧୀ ଓ ଜନ ବିରୋଧୀ କୃଷି ଆଇନ ଓ ବିଦ୍ୟୁତ୍ ବିଲ୍-୨୦୨୦ ପ୍ରତ୍ୟାହାର ପାଇଁ ଚାଲିଥିବା ଗଣତାନ୍ତ୍ରିକ ଆନ୍ଦୋଳନକୁ ଦମନ କରି ଭଣ୍ଡୁର କରିବା ପାଇଁ କେନ୍ଦ୍ରର ଏନଡିଏ ସରକାରଙ୍କ ହୀନ ଉଦ୍ୟମକୁ ଦୃଢ଼ ଭାବେ ନିନ୍ଦା କରାଯାଇଛି। ଦେଶର ସମ୍ବିଧାନ, ଗଣତନ୍ତ୍ର ଓ କୃଷିକୁ ରକ୍ଷା କରିବା ସହିତ କର୍ପୋରେଟ୍ ସଂସ୍ଥାମାନଙ୍କ ଚାଟୁକାରିତା ବନ୍ଦ କରିବା ତଥା ୩ଟି କୃଷି ଆଇନ ଓ ବିଦ୍ୟୁତ୍ ବିଲ୍-୨୦୨୦କୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ବାମପନ୍ଥୀ ଦଳମାନେ ଦାବି କରିଛନ୍ତି। ଦେଶର ସମସ୍ତ ଗଣତନ୍ତ୍ରପ୍ରେମୀ, ଧର୍ମନିରପେକ୍ଷ ଓ ପ୍ରଗତିଶୀଳ ଶକ୍ତି ଏବଂ ରାଜନୈତିକ ଦଳମାନେ ଏହି ବନ୍ଦରେ ସାମିଲ ହେବା ପାଇଁ ମଧ୍ୟ ବାମପନ୍ଥୀ ଦଳମାନେ ଆହ୍ୱାନ ଜଣାଇଛନ୍ତି। ଏହାକୁ ସଫଳ କରିବା ପାଇଁ ରାଜ୍ୟବାସୀଙ୍କୁ ବାମପନ୍ଥୀ ଦଳମାନେ ନିବେଦନ କରିଛନ୍ତି। ବନ୍ଦକୁ ସଫଳ କରିବା ପାଇଁ ବାମପନ୍ଥୀମାନଙ୍କର ଏକ ପ୍ରସ୍ତୁତି ବୈଠକ ଆଜି ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସିପିଆଇ ପକ୍ଷରୁ ଆଶିଷ କାନୁନ୍‌ଗୋ, ରାମକୃଷ୍ଣ ପଣ୍ଡା, ଡ଼. ପ୍ରଶାନ୍ତ ମିଶ୍ର, କ୍ଷୀରୋଦ ସିଂଦେଓ, ସିପିଆଇ(ଏମ୍) ପକ୍ଷରୁ ଅଳିକିଶୋର ପଟ୍ଟନାୟକ, ଦୁଷ୍ମନ୍ତ ଦାସ, ସିପିଆଇ (ଏମଏଲ) ଲିବରେସନ ପକ୍ଷରୁ ଯୁଧିଷ୍ଠିର ମହାପାତ୍ର, ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡ଼ା ଓ ଏଆଇଏଫବି ପକ୍ଷରୁ ଜ୍ୟୋତିରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ।

## ଜାନୁଆରୀରୁ ପୁଣି କଡ଼ାକଡ଼ି ହେବ ଟ୍ରାଫିକ ନିୟମ : ପରିବହନ ମନ୍ତ୍ରୀ

### ହେଲମେଟ୍ ଚେକିଂ ହେବ କଡାକଡି, ରେଡ୍ ଲାଇଟ୍ ଡେଇଁଲେ ୩ ମାସ ପାଇଁ ରଦ୍ଦ ହେବ ଡିଏଲ

ଭୁବନେଶ୍ୱର,୦୬।୧୨ (ନି.ପ୍ର): ଆଗାମୀ ଜାନୁଆରୀ ମାସରୁ ପୁଣି ଥରେ ଟ୍ରାଫିକ ନିୟମ କଡାକଡି ହେବ । ସେହିପରି ହେଲମେଟ ଚେକିଂକୁ ମଧ୍ୟ କଡାକଡି କରା ଯିବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା । ହେଲମେଟ୍ ନପିନ୍ଧିଲେ ଚାଳକଙ୍କର ଡ୍ରାଇଭିଙ୍ଗ ଲାଇସେନ୍ସ (ଡିଏଲ୍ ?) ବାତିଲ ନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍ ?ଟିଏ)ଙ୍କ ପକ୍ଷରୁ ସୂଚନା ଦିଆ ଯିବା ପରେ ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ ଏହି ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା । ସେ କହିଛନ୍ତି, ବର୍ତ୍ତମାନ ଚେକିଂ ସହ ଲୋକଙ୍କୁ ସଚେତନ କରାଯାଉଛି । ୨୦୧୯ ଠାରୁ କେନ୍ଦ୍ର ସରକାର ଏହି ଆଇନ ଆଣିଛନ୍ତି । କରୋନା ପାଇଁ ଏହାକୁ କୋହଳ କରାଯାଇଥିଲା । ମାତ୍ର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ନିଷ୍ପତି ନିଆଯାଇଛି । ବେପରୁଆ ଗାଡି ଚାଳକଙ୍କୁ କଠୋର ଦଣ୍ଡ ଦିଆଯିବ । ଉଲ୍ଲେଖନୀୟ ଯେ ଏଣିକି ଉଭୟ ଚାଳକ ଓ ସହଯାତ୍ରୀ ହେଲମେଟ୍ ପିନ୍ଧିବାକୁ ବାଧ । ଦୁଇ ଜଣ ଯାକ ହେଲମେଟ୍ ନପିନ୍ଧିଲେ ରଦ୍ଦ ହେବ ଲାଇସେନ୍ସ । ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ସୂଚନା ଦିଆଯାଇଛି । ଏହି ନୂଆ ନିୟମ, ନୂଆ ବର୍ଷରୁ ଲାଗୁ ହେଉଥିବା ବେଳେ ଏହାକୁ କଡ଼ାକଡ଼ି କରାଯିବା ନେଇ ଆଜି ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ବାବାସାହେବଙ୍କୁ ମହାପରିନିର୍ବାଣ ଦିବସରେ ସ୍ମରଣ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୦୬।୧୨ (ନି.ପ୍ର): ରାଷ୍ଟ୍ରପତି ରାମନାଥ କୋବିନ୍ଦ ବାବାସାହେବଙ୍କୁ ମହାପରିନିର୍ବାଣ ଦିବସରେ ମନେ ପକାଇଛନ୍ତି । ରାଷ୍ଟ୍ରପତି ଭବନ ପକ୍ଷରୁ ଟ୍ୱିଟ କରି କୁହା ଯାଇଛି ଯେ ଆମ ସମ୍ବିଧାନର ମହାନ ଶିଳ୍ପୀ ବାବାସାହେବ ବି.ଆର୍ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସରେ ସ୍ମରଣ କରୁଛି । ସେ ସମାନତା ଏବଂ ନ୍ୟାୟ ଉପରେ ଆଧାର କରି ସମାଜ ତଥା ଶାସନ ପ୍ରଣାଳୀ ପାଇଁ ଆଜୀବନ ସଂଘର୍ଷ କରି ଥିଲେ । ସେ ଦେଶର ଆର୍ଥିକ ତଥା ଆଇନ ଶୃଙ୍ଖଳା ତଥା ସାମଗ୍ରିକ ବିକାଶ ପାଇଁ ମାର୍ଗଦର୍ଶନ କରିଥିଲେ । ତାଙ୍କୁ ସାଦର ନମନ । ସେ କହିଛନ୍ତି ଯେ ଆଜି, ଆମ ଦେଶବାସୀ, ତାଙ୍କ ଦ୍ୱାରା ପ୍ରଦର୍ଶିତ କରା ଯାଇଥିବା ସମ୍ବିଧାନ ସମ୍ମତ ରାସ୍ତାରେ ଚାଲି ଅର୍ଥନୈତିକ ଏବଂ ସାମାଜିକ ନ୍ୟାୟ, ସୁଯୋଗର ସମାନତା ଏବଂ ଭ୍ରାତୃଭାବର ଆଦର୍ଶକୁ ସାକାର କରିବାକୁ ସଂକଳ୍ପ ନେବା ।

## ଅନ୍ତର୍ଜାତୀୟ ଫୁଟବଲ ଖେଳାଳି କୃଷ୍ଣଚନ୍ଦ୍ର ରାଉତରାୟଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୦୬।୧୨ (ନି.ପ୍ର): ଅନ୍ତର୍ଜାତୀୟ ଫୁଟବଲ ଖେଳାଳି କୃଷ୍ଣଚନ୍ଦ୍ର ରାଉତରାୟଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଶାର ଅନ୍ତର୍ଜାତୀୟ ଫୁଟବଲ ଖେଳାଳି କୃଷ୍ଣଚନ୍ଦ୍ର ରାଉତରାୟଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। କ୍ରୀଡ଼ା ଜଗତରେ ସେ ଛାଡ଼ି ଯାଇଥିବା ଛାପ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରୁଛି।

## ଇନ୍ଦୋରର ଚଇଥ୍ରାମ ଓ କବିତଖେଡ଼ିର ବାୟୋ ସିଏନଜି ପ୍ଲାଂଟ ପରିଦର୍ଶନ କଲେ ଧର୍ମେନ୍ଦ୍ର

- ବର୍ଜ୍ୟବସ୍ତୁ ପରିଚାଳନା ନେଇ ଇନ୍ଦୋର ମହାନିଗର ନିଗମ ଏବଂ ଇଣ୍ଡିଆନ ଅଏଲର ଅଫିସରଙ୍କ ସହ ଆଲୋଚନା
- ଇନ୍ଦୋରରେ ଘରୋଇ ବର୍ଜ୍ୟବସ୍ତୁକୁ ବ୍ୟବହାର ଯୋଗ୍ୟ ଇନ୍ଧନରେ ପରିଣତ କରାଯାଉଛି

ଇନ୍ଦୋର/ନୂଆଦିଲ୍ଲୀ,୦୬।୧୨ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ମଧ୍ୟପ୍ରଦେଶର ଇନ୍ଦୋର ସହର ଗସ୍ତ କରି ଏକ ବୈଠକରେ ଯୋଗଦେବା ସହ ଚଇଥ୍ରାମର ଦୈନିକ ୨୦ ଟନ କ୍ଷମତା ବିଶିଷ୍ଟ ବାୟୋ-ସିଏନଜି ପ୍ଲାଂଟ, କବିତଖେଡ଼ିର ଦୈନିକ ୧୫ ଟନ କ୍ଷମତା ବିଶିଷ୍ଟ ବାୟୋ-ସିଏନଜି ପ୍ଲାଂଟ ଗସ୍ତ କରି ପ୍ଲାଂଟର ପରିଚାଳନା କାର୍ଯ୍ୟ ତଦାରଖ କରିଛନ୍ତି । ଏହାସହ ଦେବଗରୁଡ଼ିଆରେ ଥିବା ଦୈନିକ ୫୦୦ ଟନ୍ ବିଶିଷ୍ଟ ଶୃଙ୍ଖଳା ବର୍ଜ୍ୟବସ୍ତୁ ପୃଥକକରଣ ସୁବିଧା ଅଂଚଳ ମଧ୍ୟ ପରିଦର୍ଶନ କରିଛନ୍ତି ଶ୍ରୀ ପ୍ରଧାନ । ଏହି ସବୁ ପ୍ଲାଂଟ



ପରିଦର୍ଶନ ପରେ ସେ କହିଛନ୍ତି ଯେ ଚୋଇଥ୍ରାମ ବାୟୋ ମିଥାନେସନ ପ୍ଲାଂଟରୁ ଆଖପାଖ ପରିବା ବଜାରୁ ସଂଗ୍ରହିତ ଓଦା ବର୍ଜ୍ୟବସ୍ତୁ ବ୍ୟବହାର କରାଯାଇ ଦୈନିକ ୭୦୦ କିଲୋଗ୍ରାମ ବାୟୋ – ସିଏନଜି ଉତ୍ପାଦନ କରାଯାଇଥାଏ । ସେହିପରି ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ଇନ୍ଦୋର ମହାନିଗର ନିଗମ(ଆଇଏମସି), ଇଣ୍ଡିଆନ ଅଏଲର ଅଫିସର ଏବଂ

▶▶ପୃଷ୍ଠା ୭

## ବାବାସାହେବଙ୍କ ସ୍ୱପ୍ନକୁ ପୂରଣ କରିବାକୁ ଦେଶ ପ୍ରତିବଦ୍ଧ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୦୬।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର ବାବାସାହେବ ଆମ୍ବେଦକରଙ୍କୁ ମହାପରି ନିର୍ବାଣ ଦିବସରେ ସ୍ମରଣ କରିଛନ୍ତି । ୧୯୫୬ ମସିହାରେ ଏହି ଦିନ, ଡକ୍ଟର ଆମ୍ବେଦକର ତାଙ୍କ ଦିଲ୍ଲୀ ବାସଭବନରେ ମୃତ୍ୟୁ ବରଣ କରିଥିଲେ। ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟ୍ୱିଟ୍ କରି କହିଛନ୍ତି ଯେ ମହାପରି ନିର୍ବାଣ ଦିବସରେ ରେ ମୁଁ ମହାନ ଡକ୍ଟର ବାବା ସାହେବ ଆମ୍ବେଦକରଙ୍କୁ ସ୍ମରଣ କରୁଛି । ତାଙ୍କର ବିଚାର ଏବଂ ଆଦର୍ଶ କୋଟି କୋଟି ଲୋକଙ୍କୁ ନିରନ୍ତର ପ୍ରେରଣା ଏବଂ ଶକ୍ତି ପ୍ରଦାନ କରେ । ସେ ଆମ ଦେଶ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାହା ପୂରଣ କରିବାକୁ ଆମେ ସଂକଳ୍ପବଦ୍ଧ ବୋଲି ସେ କହିଛନ୍ତି ।



## ଗୋଟିଏ ଦିନରେ ୩୯୩ କରୋନା ଆକ୍ରାନ୍ତ ଚିହ୍ନଟ

### ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୧୧୯୬

ଭୁବନେଶ୍ୱର,୦୬।୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୧୧୯୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୧୫୨୭୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୪୧୦୨ ରହିଛି । ଆଜି ଚିହ୍ନଟ ହୋଇଥିବା ୩୯୩ ଜଣଙ୍କ ମଧ୍ୟରୁ ୨୨୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୬୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୪୯ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।

▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୬ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୧୭୭୧ ହେଲା

ଭୁବନେଶ୍ୱର,୦୬।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭୭୧ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବଲାଙ୍ଗୀର ଜିଲ୍ଲାରେ ଜଣେ ୪୭ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୬୯ ବର୍ଷୀୟ କରୋନା ସଂକ୍ରମିତ ମହିଳା ମୃତ୍ୟୁବରଣ କରିଛନ୍ତି। ଭୁବନେଶ୍ୱରର ଜଣେ ୬୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଜିଲ୍ଲାର ଜଣେ ୩୮ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି । କଳାହାଣ୍ଡି ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କୋରାନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ନୂଆପଡା ଜିଲ୍ଲାର ୪୫ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି ।

## ପରୀ ହତ୍ୟା ମାମଲାର ସି.ବି.ଆଇ ତଦନ୍ତ ହେଉ : ଏ.ବି.ଭି.ପି

କଟକ,୦୬।୧୨ (ନି.ପ୍ର): ନୟାଗଡ଼ ଅତିଚର୍ଚ୍ଚିତ ପରୀ ହତ୍ୟା ଘଟଣା ଯେଉଁଥିରେ ୫ ବର୍ଷର ଶିଶୁକନ୍ୟା ପରୀକୁ ଅତି ବିଭତ୍ସ ଭାବରେ ମାରି ତାର ଶରୀରର ଅବଶିଷ୍ଟାଂଶ ତାଙ୍କ ଘରର ବାଡ଼ିରେ ପକାଇ ଦିଆଯାଇଥିଲା । ଘଟଣା ଘଟିବାର ଦୀର୍ଘଦିନ ହେଲେ ସୁଦ୍ଧା ପରୀର ହତ୍ୟାକାରୀକୁ ଏ ପର୍ଯ୍ୟନ୍ତ ଧରାଯାଇପାରିନାହିଁ । ଛୋଟ ଝିଅଟିର ହତ୍ୟା ପଛରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାମନ୍ତ୍ରୀ ଓ କୃଷି ବିଭାଗ ମନ୍ତ୍ରୀ ଡଃ. ଅରଉଣ ସାହୁଙ୍କ ହାତ ଅଛି ବୋଲି ପରୀର ବାପା ମା ଦାବି କରିଛନ୍ତି । ମନ୍ତ୍ରୀପଦର ଅପବ୍ୟବହାର କରି ଘଟଣାକୁ ଦିଗଭ୍ରଷ୍ଟ କରୁଥିବାରୁ ଦୋଷ ମଧ୍ୟ ଡଃ. ଅରୁଣ ସାହୁଙ୍କ ଉପରେ ଆସିଛି । ଏହି ଘଟଣାକୁ କେନ୍ଦ୍ର କରି ଅନେକ ସଂଗଠନ, ବୁଦ୍ଧିଜୀବି ବର୍ଗ ଅରୁଣସାହୁଙ୍କ ଇସ୍ତଫା ଦାବି କରିଛନ୍ତି । ପରୀ ହତ୍ୟା ଘଟଣାର ଆରମ୍ଭରୁ ହିଁ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ ପରୀକୁ ନ୍ୟାୟ ଦାବିରେ ଅନେକ ଥର ବିକ୍ଷୋଭ କରିଆସୁଛି । ହତ୍ୟା ଘଟଣାରେ ମନ୍ତ୍ରୀଙ୍କ ସମ୍ପୃକ୍ତି ଥାଇ ବି ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଏବଂ ଘଟଣାଟି ଘଟିବାର ଏତେ ମାସ ପରେ ବି ପରୀକୁ ନ୍ୟାୟ ନ ମିଳିବା ଯୋଗୁ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ ରାଜ୍ୟବ୍ୟାପୀ ବିଦ୍ରୋହ ଜାରି ରଖିଛି । ଏହି ପରିପ୍ରେକ୍ଷୀରେ ଏବିଭିପି କଟକ ତରଫରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯାଇଛି । ଏହି ବିରୋଧ ପ୍ରଦର୍ଶନରେ କଟକର କାର୍ଯ୍ୟକର୍ତା ମାନଙ୍କ ତରଫରୁ ଅରୁଣ ସାହୁଙ୍କ ଇସ୍ତଫା ଦାବି କରାଯାଇଛି ।

▶▶ପୃଷ୍ଠା ୭

## ବିଜେଡ଼ି ଓ ବିଜେପି ଚରିତ୍ର ସମାନ କିନ୍ତୁ ଚିତ୍ର ଭିନ୍ନ : ଏ ଚେଲାକୁମାର

ଭୁବନେଶ୍ୱର,୦୬।୧୨ (ନି.ପ୍ର): ଆଜି ଭାରତ ବର୍ଷର ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ସ୍ମରଣୀୟ ଦିବସ। ଆଜି ଭାରତ ବର୍ଷରେ ସମ୍ବିଧାନ ପ୍ରଣେତା ବାବାସାହାହେବ ଆମ୍ବେଦକରଙ୍କର ପୂଣ୍ୟ ତିଥି। ସମ୍ବିଧାନ କଂଗ୍ରେସ ଦଳ ପାଇଁ ଗୀତା, ବାଇବେଲ, କୋରାନ ବା ଅନ୍ୟ କୌଣସି ଧର୍ମଗ୍ରନ୍ଥ ପରି ଅଟେ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ପ୍ରଭାରୀ ତଥା ସାଂସଦ ଡ. ଏ ଚେଲା କୁମାର କହିଲେ ଯେ ନୟାଗଡ଼ ଜିଲ୍ଲା ଯଦୁପୁର ଗ୍ରାମର ୫ବର୍ଷର ନିରୀହ ନିଷ୍ପାପ କଳିକା ପରି ଅକାରଣରେ ଝଡ଼ି ପଡ଼ିଗଲା। ପରୀର ମୃତ୍ୟୁ ରାଜ୍ୟ ସରକାରଙ୍କ ପାଇଁ ସବୁଠାର ଏକ ଲଜ୍ଜାଜନକ ଏବଂ ଅମାନବୀୟ ଘଟଣା। ଗତ ଜୁଲାଇ ୨୩ ତାରିଖ ପର ଠାରୁ ଆଜି ପର୍ଯ୍ୟନ୍ତ ପରୀର ହତ୍ୟାକାରୀ ପାଖରେ ରାଜ୍ୟ ପୋଲିସ ନପଂହଚିପାରିବା ଏବଂ ପରୀରର ବାପାମାଙ୍କୁ ନ୍ୟାୟ ପ୍ରଦାନ ନ କରିପାରିବା ଏ ରାଜ୍ୟ ସରକାରଙ୍କର ପୋଲିସର ଦକ୍ଷ୍ୟତା, କର୍ତବ୍ୟପରାୟଣତା ଏବଂ ରାଜ୍ୟ ପ୍ରଶାସନର ଦକ୍ଷତା ସର୍ବୋପରି ଦୀର୍ଘ ୨୦ବର୍ଷ ଧରି ଗୃହ ବିଭାଗ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ଅଛି । କିନ୍ତୁ ଏଥିରେ ଗୃହ ବିଭାଗର ମୁଖ୍ୟ ଏବଂ ସର୍ବୋପରି ପ୍ରତିଦିନ ନିଜକୁ ସଚ୍ଚୋଟ ଏବଂ ଉତରଦାୟୀ ବୁଲାଉଥିବା ମୁଖ୍ୟମନ୍ତ୍ରୀଙ୍କର ଉତର ଦାୟିତ୍ୱ ପ୍ରତି ପ୍ରଶ୍ନ ଉଠାଉଛି। ଓଡ଼ିଶାରେ ନାରୀ ହିଂସା, ଅତ୍ୟଚାର ଏବଂ ବଳାତ୍କାର ଛୋଟ ଛୋଟ ଶିଶୁମାନଙ୍କ ନିଖୋଜ ଏବଂ ବଳାତ୍କାର ବହୁମାତ୍ରାରେ ବର୍ଷକୁ ବର୍ଷ ବୃଦ୍ଧି ପାଉଛି। ଏନସିଆରବି ରିପୋର୍ଟ ଅନୁସାରେ ଓଡ଼ିଶା ଭାରତବର୍ଷର ତୃତୀୟ ବୃହତମ ରାଜ୍ୟ। ଯେଉଁଠାରେ ନାରୀ ହିଂସା ଅତ୍ୟାଚାର, ବଳାତ୍କାର ଓ ଶିଶୁମାନଙ୍କ ନିଖୋଜର ତଥ୍ୟ ସାମନାକୁ ଆସୁଛି। କିନ୍ତୁ ଏ ରାଜ୍ୟର ମୁଖ୍ୟମନ୍ତ୍ରୀ ସମ୍ରାଟ ନିରୋଭଳି ବଂଶୀବାଦନ କରିବାରେ ଲାଗିପଡ଼ିଛନ୍ତି। ପରୀ ଘଟଣାରେ କଂଗ୍ରେସ ଦଳ ପ୍ରଥମ ରାଜନୈତିକ ଦଳ ହିସାବରେ ଜୁଲାଇମାସ ୨୩ ତାରିଖ ପାଖରୁ ଆଜିପର୍ଯ୍ୟନ୍ତ ନୟାଗଡ ଜିଲ୍ଲାର ଏସ୍‌ପିଙ୍କୁ ସାକ୍ଷାତ କରିବା ଏବଂ ତଦନ୍ତ ପ୍ରକ୍ରିୟାକୁ ଯୋରଦାର କରିବା ପାଇଁ ମେମୋରେଣ୍ଡମ ଦେଇଥିଲା। ନୟାଗଡ଼ ଜିଲ୍ଲାର ଜିଲ୍ଲାପାଳଙ୍କୁ ଭେଟି ସମାନ କଥା ଉଠାଇଥିଲା ଏବଂ ନୟାଗଡ଼ ଜିଲ୍ଲାରେ ଆନ୍ଦୋଳନ ମଧ୍ୟ ଚାଲୁ ରଖିଛି। ଓଡ଼ିଶା ମାନବିକ ଅଧିକାର କମିଶନରେ କେସ ଦାୟର କରାଯାଇଛି।




▶▶ପୃଷ୍ଠା ୭

## ଜୟନ୍ତୀରେ ରାଧାନାଥ ରଥଙ୍କୁ ମନେ ପକାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୬।୧୨ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସାହିତ୍ୟିକ ପଦ୍ମ ଭୂଷଣ ରାଧାନାଥ ରଥଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନେ ପକାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସାହିତ୍ୟିକ ପଦ୍ମ ଭୂଷଣ ରାଧାନାଥ ରଥଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ତାଙ୍କ ଦ୍ୱାରା ରଚିତ ଉଚ୍ଚକୋଟିର କବିତା, ଗଳ୍ପ ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛି। ଏଥିସହିତ ସାମ୍ବାଦିକତା, ରାଜନୀତି ତଥା ସମାଜସେବା ପ୍ରତି ଥିବା ତାଙ୍କର ଅବଦାନ ଅବିସ୍ମରଣୀୟ।

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

କନ୍ଧମାଳ,୬ା୧୨ (ନି.ପ୍ର): ମାଟିର ସ୍ୱାସ୍ଥ୍ୟ କହିଲେ ମାଟିର ଜୀବିତ ରହିବା କ୍ଷମତାକୁ ବୁଝାଇଥାଏ। ଏହି କ୍ଷମତା ମନୁଷ୍ୟ ତଥା ଜୀବଜଗତର ସ୍ୱାସ୍ଥ୍ୟ ଓ ପରିବେଶ ରକ୍ଷା କରିବାରେ ସହାୟକ ହେବା ସହିତ ମାଟିର ଉତ୍ପାଦନ ଶକ୍ତିକୁ ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏ' ଦିଗରେ ସଚେତନତା ବୃଦ୍ଧି କରିବା ପାଇଁ ବିଶ୍ୱ ମୃତିକା ଦିବସ ପାଳନ କରାଯାଉଛି। ତେବେ କନ୍ଧମାଳ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ-ତଥା-ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସୌଜନ୍ୟରେ ସ୍ଥାନୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସମ୍ମିଳନୀ କକ୍ଷରେ ମାନ୍ୟବର ଫୁଲବାଣୀ ବିଧାୟକ ଶ୍ରୀ ଅଙ୍ଗଦ କହଁରଙ୍କ ଅଧ୍ୟକ୍ଷତାରେ ଆଜି ବିଶ୍ୱ ମୃତିକା ଦିବସ ୨୦୧୯ ପାଳିତ ହୋଇଯାଇଛି। କୃଷି ବିଶେଷଜ୍ଞମାନଙ୍କ ସୁପରାମର୍ଶ କ୍ରମେ ମାଟିର ଉର୍ବରତା ବୃଦ୍ଧି ପାଇଁ ସ୍ୱଦେଶୀ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗକୁ ଶ୍ରୀ କହଁର ଗୁରୁତ୍ୱ ଦେଇଥିଲେ। ଉପସ୍ଥିତ ଅତିଥିମାନେ ବିଭିନ୍ନ ଜୈବିକ ଦ୍ରବ୍ୟ ଯଥା- ଜିଆ ଖତ,ଗୋବର ଖତ, କମ୍ପୋଷ୍ଟ ଆଦିର ବ୍ୟବହାର ଫଳରେ କିପରିମାଟିର ଜଳଧାରଣ କ୍ଷମତା ବୃଦ୍ଧି ହୋଇଥାଏ, ଖାଦ୍ୟସାର ଓ ଅଣୁଜୀବ ମାନଙ୍କର ବହୁଳ ଉପସ୍ଥିତି ଅନୁଭୂତ ହୁଏ ଏବଂ ମାଟିର ଭୌତିକ , ରାସାୟନିକ ଏବଂ ଜୈବିକ ଗୁଣର ସୀମା ବୃଦ୍ଧି ହୋଇ ଫସଲ ଉତ୍ପାଦନ ନିଶ୍ଚିତ ଭାବେ ବଢ଼ିଥାଏ ସେ ବିଷୟରେ ବର୍ଣ୍ଣନା କରିଥିଲେ। ସେହିପରି ସବୁଜ ସାର ଯୋଗାଉଥିବା ଗଛ କିପରି ମାଟିର ଗଠନକୁ ଉନ୍ନତି କରେ, ଫସଲର ଅଦଳବଦଳ ଫଳରେ କିପରି ରୋଗ ପୋକ କମିବା ସହିତ ମାଟିର ଭୌତିକ , ରାସାୟନିକ ଏବଂ ଜୈବିକ ଗୁଣ ସୁରକ୍ଷିତ ରହି ଫସଲ ଉତ୍ପାଦନକୁ ନିଶ୍ଚିତ ରୂପେ ବୃଦ୍ଧି କରିଥାଏ ସେ ବିଷୟରେ ମଧ ଆଲୋଚନା କରିଥିଲେ। ସମନ୍ୱିତ ଖାଦ୍ୟସାର ପରିଚାଳନା ଫଳରେ କିପରି ମାଟିର ଖାଦ୍ୟସାରର ପରିମାଣ ବଢ଼ିଥାଏ,ଫସଲକୁ ଆବଶ୍ୟକ ପରିମାଣର ଖାଦ୍ୟସାର ମିଳିଥାଏ, ଉନ୍ନତ ମାଟି ସହିତ ପରିବେଶ ସୁରକ୍ଷା ହୋଇଥାଏ ଏବଂ ସର୍ବୋପରି ମାଟିର ସ୍ୱାସ୍ଥ୍ୟ ପରିଚାଳନା କିପରି ହୋଇଥାଏ ଏବଂ ତାହା ଚାଷୀ ଭାଇ ମାନଙ୍କୁ କେଉଁ କେଉଁ ଫାଇଦା ଦେଇଥାଏ ସେ ବିଷୟରେ ଆଲୋଚନା କରିଥିଲେ। ପରେପରେ, ଚାଷୀମାନଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରାଯାଇଥିଲା। ଉକ୍ତ ଆଲୋଚନାଚକ୍ରରେ ଅତିଥିଭବେ କନ୍ଧମାଳ ଜିଲ୍ଲା ପରିଷଦର ଉପ-ସଭାପତି ଶ୍ରୀମତୀ ସାରତୀ ମଲ୍ଲିକ, ମାନନୀୟ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ଶିବ ପ୍ରସାଦ ତ୍ରିପାଠୀ, ଫୁଲବାଣୀ ବ୍ଲକ ଅଧକ୍ଷା ଶ୍ରୀମତୀ ମଞ୍ଜୁଲତା କହଁର, ଖଜୁରୀପଡ଼ା ବ୍ଲକ ଅଧକ୍ଷ ଶ୍ରୀ ବିରେନ୍ଦ୍ର କହଁର, ଉପ-ନିର୍ଦ୍ଦେଶକ ଉଦ୍ୟାନକୃଷି ଶ୍ରୀ ମନୋଜ କୁମାର ଦାଶ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ଶତପଥି, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଶୈଳେନ୍ଦ୍ର ନାରାୟନ ନାୟକ, କୃଷି ବୈଜ୍ଞାନିକ, ଫୁଲବାଣୀ ଡଃ ସୁବ୍ରତ କୁମାର ବେହେରା, କୃଷି ବୈଜ୍ଞାନିକ, ଘୁ.ଉଦୟଗିରି ଡଃ ଦେବାଶିଶ ମିଶ୍ର, ରସାୟନବିତ୍ ଶ୍ରୀ ପ୍ରଫୁଲ୍ଲ କୁମାର ସେଠୀ, ଉପ-ପ୍ରକଳ୍ପ ନିର୍ଦ୍ଦେଶକ (ଆତ୍ମା) ଶ୍ରୀ ଅନୀଲ କୁମାର ପ୍ରହରାଜଙ୍କ ସମେତ ବିଭାଗୀୟ ସରକାରୀ ପଦାଧିକାରୀ, ଜିଲ୍ଲାରୁ ନିମନ୍ତ୍ରତ ମହିଳା ଓ ପୁରୁଷ ଚାଷୀ ଯୋଗଦେଇଥିଲେ।

# କୋଭିଡ ନିୟମକୁ ଫୁ କରି ବେଧଡ଼କ ଚାଲିଛି ଜୁଆଖେଳ

ମାଲକାନଗିରି,୬ା୧୨ (ନି.ପ୍ର): ଦିନକୁ ଦିନ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ହ୍ରାସ ପାଉଥିଲେ ମଧ୍ୟ ଏବେ ବି କରୋନା ସଂକ୍ରମଣ ଭୟ ଲାଗିରହିଛି କ୍ଷ ଏହି ପରିସ୍ଥିତିରେ ଗାଁ ଗାଁରେ ଏବେ ବେଧଡକ ଭାବରେ ଚାଲିଛି ଜୁଆଖେଳ। ଲକ୍ଷ ଲକ୍ଷ ଟଙ୍କା ଲାଗୁଛି ଏହି ଜୁଆଖେଳରେ। ଦିନ ରାତି ସୁବିଧା ସୁଯୋଗ ଦେଖି ଜୁଆଖେଳ ଆରମ୍ଭ ହୋଇଯାଉଛି ବିଭିନ୍ନ ସ୍ଥାନରେ। କଲିମେଲା ବ୍ଲକ ପୁସୁଗୁଡା ଅ ଂଚଳର ବିଶେଷ କରି ରାସ୍ତାକଡ଼ ଜମି, ବୁଦୁବୁଦିଆ ସ୍ଥାନ କିମ୍ବା ଘର ଭିତରେ ଚାଲେ ଏହି ଖେଳ। ଏହି ଖେଳରେ ଯୁବବର୍ଗ ଠାରୁ ଆରମ୍ଭ କରି ନାବାଳକ ମାନେ ସାମିଲ ହୋଇ ଜୁଆ ଖେଳୁଥିବାର ଦେଖିବାକୁ ମିଳିଛି। ଏପରିକି ସରକାରୀ ଚାକିରିଆ, ବ୍ୟବସାୟୀମାନେ ମଧ୍ୟ ବେଶ ପସନ୍ଦ ଲାଭବାନ ହେବା ଆଶାରେ ଏହି ଖେଳ ପ୍ରତି ଲୋକଙ୍କ ଆଗ୍ରହ ଦିନକୁ ଦିନ ବଢ଼ିବାରେ ଲାଗିଛି। ଅନ୍ୟପଟେ ଏହି ଖେଳ ଯୋଗୁଁ ଅନେକ ପରିବାର ଆଜି ସର୍ବସ୍ୱାନ୍ତ ହୋଇଯାଇଥିବା ଦେଖିବାକୁ ମିଳିଛି। ତେବେ ଏଥିରେ ପୋଲିସର ଭୂମିକା ମଧ୍ୟ ସନ୍ଦେହ ଘେରରେ ରହିଛି। ଗାଁ ଗାଁରେ ଏହି ଜୁଆ ଖେଳ ଖୁଲମଖୁଲା ଚାଲୁଥିଲେ ମଧ୍ୟ ପୋଲିସ ନିକଟରେ କିପରି ଖବର ପହଁଚୁନି ତାହା ଚିନ୍ତାର ବିଷୟ ହୋଇଛି। ପର୍ବପର୍ବାଣି ଆସିଲେ ଜୁଆଡ଼ିମାନେ ଅଧିକ ସକ୍ରିୟ ହୋଇପଡିଛନ୍ତି। କାଳୀପୂଜା, ଲକ୍ଷ୍ମୀପୂଜା, ଦଶହରା ହେବା ସ୍ଥାନରେ ଏହି ଜୁଆ ଖେଳର ଆଡା ଅଧିକ ଜମିଥାଏ। ବର୍ତମାନ ଧାନ ଅମଳ ସମୟ ହୋଇଥିବାରୁ ଚାଷୀମାନେ ମଧ୍ୟ ମିଳୁଥିବା ଧାନ ଟଙ୍କାରେ ଜୁଆ ଖେଳିବାର ଆଶଙ୍କା ରହିଛି ଅନ୍ୟପକ୍ଷରେ କରୋନା କଟକଣା ଯୋଗୁଁ ପର୍ବପର୍ବାଣିକୁ ସରକାର ଅନୁମତି ଦେଇନଥିବା ବେଳେ ଜୁଆ ଖେଳ ପାଇଁ ସହସହ ଲୋକ ଏକାଠି ହେବା କୋରାନ ସଂକ୍ରମଣକୁ ନିମନ୍ତ୍ରଣ କରିବାର ଆଶଙ୍କା ରହିଛି କ୍ଷ ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ସଫେଇ କର୍ମଚାରୀଙ୍କ ଇପିଏଫ ବାବଦରେ ଲକ୍ଷାଧିକ ଟଙ୍କା ଲୁଟ ଅଭିଯୋଗ

ମାଲକାନଗିରି,୬ା୧୨ (ନି.ପ୍ର): ବାଲିମେଲା ଏନ୍ ଏସି ରେ ସ୍ୱଚ୍ଛତା ନାମରେ ଲକ୍ଷାଧିକ ଟଙ୍କାର ଲୁଟ ଘଟଣା। ସଫେଇ କର୍ମଚାରୀ ଙ୍କ ଇପିଏଫ ବାବଦ କୁ ଟଙ୍କା ଖାଇ ଆସୁଥିଲେ ଏନଏସି ର ଜଣେ ଚତୁର୍ଥ ଶ୍ରେଣୀ ର କର୍ମଚାରୀ। ଘଟଣା କୁ ଦୀର୍ଘ ଦିନ ବିତିଯାଇଥିଲେ ମଧ ଏଯାଏଁ କାର୍ଯ୍ୟାନୁଷ୍ଠାନ ଶୂନ। କେବେ ହେବ ଏହି ଦୁର୍ନୀତି ଖୋର କର୍ମଚାରୀ ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ। ନ୍ୟାୟ ପାଇବେନି କି ସଫେଇ କର୍ମଚାରୀ। ତେବେ ୨୦୧୭ ମସିହାରେ ସଫେଇ କର୍ମଚାରୀ ମାନଙ୍କ ବ୍ୟାଙ୍କ ଆକାଉ ନଥିଲେ ମଧ ଇପିଏଫ ଟଙ୍କା ବାବଦକୁ ସେମାନଙ୍କ ଦରମା ରୁ ୧୨% ଲେଖାଏଁ କଟାଯାଉଥିଲା। କିନ୍ତୁ ସେହି ଟଙ୍କା ସବୁ ଚଳୁ କରି ଖାଉଥିଲେ କିଛି ଉପରିସ୍ଥ ଅଧିକାରୀ ଏବଂ କିଛି ତଳିଆ କର୍ମଚାରୀ। ମାସିକ ଜଣେ ସଫେଇ କର୍ମଚାରୀ ଙ୍କ ଇପିଏଫ ବାବଦ କୁ ୬୪୮ ଟଙ୍କା କଟା ଯାଉଥିବା ବେଳେ ପାଖାପାଖି ୨୫ ଜଣ ସଫେଇ କର୍ମଚାରୀ ଙ୍କ ମାସିକ ୧୬ ହଜାର ୨୦୦ ଟଙ୍କା ଏବଂ ସମୁଦାୟ ବାର୍ଷିକ ୧ ଲକ୍ଷ ୯୪ ହଜାର ୪୦୦ ଟଙ୍କା ଚଳୁ କରି ଖାଇ ଆସୁଥିଲେ। ଖବର ପ୍ରକାଶିତ ହୋଇ ଘଟଣା କୁ ଦୀର୍ଘ ଦିନ ବିତି ଯାଇଛି। ତେବେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏନେଇ ଆମେ ଏନଏସି ର କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ରଥ ଙ୍କୁ ପଚାରିବାରୁ ସେ ଯେଉଁ ଚତୁର୍ଥ ଶ୍ରେଣୀ ର କର୍ମଚାରୀ ଏହି ଘଟଣା ସମ୍ପୃକ୍ତ ଥିଲେ ତାଙ୍କୁ ସେହି ଦାୟିତ୍ୱ ରୁ କାଢି ଦିଆଯାଇଥିବା କହିଥିଲେ ଏହାସହ ଏବେ ବି ଘଟଣା ଟି ତଦନ୍ତ ପରିସର ଭୁକ୍ତ ରହିଥିବା କହିଥିଲେ। ତେବେ ଏତେ ଦିନ ବିତିଯିବା ପରେ ବି କିପରି ଏଯାଏଁ ଜିଲ୍ଲା ପ୍ରଶାସନ ନିରବ ରହିଛି ଏନେଇ ସାଧାରଣ ରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାସହ କେବେ ଏହି ନିରୀହ ସଫେଇ କର୍ମଚାରୀ ଙ୍କୁ ନ୍ୟାୟ ମିଳିବ ସତରେ କଣ ଜିଲ୍ଲା ପ୍ରଶାସନ ସେମାନଙ୍କୁ ନ୍ୟାୟ ଦେବ ବୋଲି ଓଲଟା ସେମାନେ ପ୍ରଶ୍ନ କରିଛନ୍ତି।

# ଫୁଲବାଣୀରେ କୃଷି ବିରୋଧୀ ଆଇନ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

କନ୍ଧମାଳ,୬ା୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ ବିରୋଧୀ ଆଇନ ପ୍ରତ୍ୟାହାର ଦାବୀରେ ସର୍ବ ଭାରତୀୟ ସ୍ତରରେ ଚାଲିଥିବା ଆନ୍ଦୋଳନକୁ ସମର୍ଥନ ଜଣାଇ ଆଜି କନ୍ଧମାଳ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଫୁଲବାଣୀଠାରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ମାଦିକୁନ୍ଦା ଛକଠାରେ ଆୟୋଜିତ ଏହି ବିକ୍ଷୋଭରେ ଜିଲାର ବିଭିନ୍ନ ଅଂଚଳର ଚାଷୀମାନେ ଯୋଗ ଦେଇ କେନ୍ଦ୍ର ସରକାରଙ୍କ କୃଷି ବିରୋଧି ନୀତି ଓ କର୍ପୋରେଟ ପ୍ରିତିର ତିବ୍ର ନିନ୍ଦା କରିଥିଲେ। ଦେଶବସୀଙ୍କୁ ଖାଦ୍ୟ ଯୋଗାଉ ଥିବା ଚାଷୀଙ୍କ ସ୍ୱାର୍ଥକୁ ବେଖାତିର କରି କେନ୍ଦ୍ର ସରକାର କୃଷିକୁ କମ୍ପାନି ହାତକୁ ଟେକି ଦେବା ପାଇଁ ଯେଉଁ ଚକ୍ରାନ୍ତ କରିଛନ୍ତି ତାହାକୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ବିକ୍ଷୋଭକାରୀ ମାନେ ପ୍ରକାଶ କରିଥିଲେ। ଏକ ପକ୍ଷରେ ଚାଷୀ ମାନେ ଉଚିତ ସହାୟକ ମୂଲ୍ୟ ପାଉ ନ ଥିବା ବେଳେ ଆଳୁ, ପିଆଜ ଓ ଅନ୍ୟାନ୍ୟ ସାମଗ୍ରୀର ଦର ହୁ ହୁ ବଢୁ ଥିବାରୁ ଖାଉଟୀ ହନ୍ତସନ୍ତ ହେଉଛନ୍ତି। ଅପରପକ୍ଷରେ କମ୍ପାନୀ ମାନେ ମାଲାମାଲ ହେଉଛନ୍ତି। ଏଭଳି ଆଇନ ଲାଗୁ ହେଲେ ଦେଶର ଅନ୍ୟ ଚାଷୀ ମାନଙ୍କ ସମେତ କନ୍ଧମାଳ ଜିଲାର ଅଦା ହଳଦୀ ଚାଷୀଙ୍କ ଦାନାପାଣି ବୁଡିଯିବ ବୋଲି ବିକ୍ଷୋଭକାରୀ ଚାଷୀ ମାନେ କହିଛନ୍ତି। ତେଣୁ ଏଭଳି ଜନବିରୋଧୀ ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବୀ କରାଯାଇଛି। କନ୍ଧମାଳ କୃଷକ ସଂଗଠନର ସଂଯୋଜକ ଚାଣକ୍ୟ କହଁରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଅମିତ ଶାହଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଚାଷୀଙ୍କ ଦାବି ପ୍ରତି କେନ୍ଦ୍ର ସରକାର ଅଣଦେଖା କଲେ ଆଗାମୀ ଦିନରେ ଜିଲାର ପ୍ରତ୍ୟେକ ଅଂଚଳରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆ ଯାଇଛି। ସରକାର ଏହି ଆଇନକୁ ସଂପୂର୍ଣ୍ଣ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ରହିବ ବୋଲି ସଂଗଠନର ସଦସ୍ୟ ସନ୍ତୋଷ ପାତ୍ର ପ୍ରକାଶ କରିଚନ୍ତି। ଆନ୍ଦୋଳନରେ ଅନ୍ୟ ମାନଙ୍କ ମଧ୍ୟରେ ଉମାଚରଣ କହଁର,ଜଳନ୍ଧର କହଁର,ଆନନ୍ଦ କହଁର,ସଦାନନ୍ଦ କହଁର,ଭୁଳେଶ୍ୱର କହଁର,ବିଶ୍ୱାମିତ୍ର ଦିଗାଲ,ରାଜୀବ ଦିଗାଲ,ଭାବୀନ୍ଦ୍ର କହଁର,ବୈକୁଣ୍ଠ ମଲିକ,ରମେଶ ଦିଗାଲ,ସାମନ୍ତ ମଲିକ,ମହେନ୍ଦ୍ର କହଁର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଚାଷୀ ଆନ୍ଦୋଳନଙ୍କୁ ସମର୍ଥନ କରି ବିକ୍ଷୋଭ

ପୁରୀ,୬ା୧୨ (ନି.ପ୍ର): ଦିଲ୍ଲୀ ଚଲୋ ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଫଟୋ ବ୍ୟାନର ପୋଡିଥିଲେ। ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ ସଂଗଠନର ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ ଓ ଚାଷୀ ନେତା ଗୋବିନ୍ଦ ମହାପାତ୍ର। ଚାଷୀମାନଙ୍କୁ ଉଚିତ ନ୍ୟାୟ ଦେବା ଦାବିରେ ଓ କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ସମର୍ଥନ ଜଣାଇ ସେମାନଙ୍କୁ ନୈତିକ ସାହାସ ଦେବା ପାଇଁ ବିକ୍ଷୋଭକାରୀମାନେ କହିଥିଲେ। କେନ୍ଦ୍ର ସରକାର ନୂଆ କୃଷି ଆଇନରେ ଝିଂଟିକା ମାରି ବଣି ପୋଷୁଛନ୍ତି ବୋଲି ଗୋବିନ୍ଦ ମହାପାତ୍ର କରିଥିଲେ। ନୂଆ କୃଷି ନୀତି ଯୋଗୁଁ ଚାଷୀ ହାତରୁ ରୋଜଗାର ଛଡାଇ ନେବାକୁ ଷଡଯନ୍ତ୍ର ଚାଲିଛି। ମୋଦିଜୀ କୋଟି କୋଟି ଚାଷୀଙ୍କୁ ମିଛ କହି ଭୂଆଁ ଭୁଲାଉଛନ୍ତି। ଚାଷୀଙ୍କ ଆନ୍ଦୋଳନକୁ ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ଜୋରଦାର କରାଯିବ ବୋଲଇ ବକ୍ତାମାନେ କହିଥିଲେ। ଏହି ଆନ୍ଦୋଳନରେ ପ୍ରଶାନ୍ତ ଲେଙ୍କା, ଗଣେଶ ମଲ୍ଲିକ, ଅମର ସ୍ୱାଇଁ, ଶରତ ପ୍ରଧାନ, କୁନି ମହାପାତ୍ର, ବସନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ଡାକରାରେ ବଡଶଙ୍ଖଠାରେ ପୁରୀଜିଲ୍ଲା ପକ୍ଷରୁ ଜଗନ୍ନାଥ ଦେଓଙ୍କ ନେତୃତ୍ୱରେ ଅପରାହ୍ନରେ ନରେନ୍ଦ୍ର ମୋଦି, ଅମିତ ଶାହା, ପୁଞ୍ଜିପତି ଅମ୍ବାନୀ ଓ ଆଦାନୀଙ୍କ କୁଶ ପୁତଳିକା ଦାହ କରାଯାଇଥିଲା।

# ମାଲକାନଗିରିରେ ବିଶ୍ୱ ମୃତ୍ତିକା ଦିବସ ପାଳିତ

ମାଲକାନଗିର,୬ା୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମୃତିକା ଦିବସ ଆଜି ପାଳିତ ହୋଇଯାଇଅଛି। ଏହି ପରିପ୍ରେକ୍ଷୀରେ କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ଜିଲ୍ଲା ପରିଷଦ ସଭାପତି ଦଶରଥ ପଡିଆମୀ , ମାଲକାନଗିରି ବିଧାୟକ ଆଦିତ୍ୟ ମାଢୀ , ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ମାନସ ମାଡକାମୀ , ଜିଲ୍ଲାପାଳ ଡ.ୱାଇ , ବିଜୟ , ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ବାଳ ମୁକୁନ୍ଦ ଭୂୟାଁ , ଜିଲ୍ଲା ମୁଖ୍ୟ କୃଷି ଅଧି କାରୀ କୈଳାସ ଚନ୍ଦ୍ର ସ୍ୱାଇଁ , ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ବହୁ ଚାଷୀ , ଜିଲ୍ଲାସ୍ତରୀୟ ଅଧିକାରୀଗଣ , ଏକାଙ୍କିକାରେ ଭାଗନେଇଥିବା ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦେଇଥିଲେ। ସଭାରେ ଜିଲ୍ଲା ପରିଷଦ ସଭାପତି ଶ୍ରୀ ପଡ଼ିଆମୀ ଜିଲ୍ଲାର କୃଷକମାନେ କେବଳ ଧାନ ଚାଷ ଉପରେ ଗୁରୁତ୍ୱ ନଦେଇ ମୁଗ , ବିରି , ମାଣ୍ଡିଆ ଚାଷ ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ବିଧାୟକ ଶ୍ରୀ ମାଢ଼ୀ ଜୈବିକ କୃଷି ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଭାପତି ଶ୍ରୀ ମାଡକାମୀ , ମତ୍ସ୍ୟ ଚାଷ ଓ ପରିବା ଚାଷ ଉପରେ ଗୁରୁତ୍ୱ ଆରୋପ କରି ଚାଷୀମାନେ ଉନ୍ନତ ଜ୍ଞାନ କୌଶଳ ଆହରଣ କରି ତାହାକୁ ଚାଷ ରେ ପ୍ରୟୋଗ କରିବାକୁ କ ହିଥିଲେ। ଜିଲ୍ଲାପାଳ ଡ . ୱାଇ ବିଜୟ ମାଟିର ଯତ୍ନ , ମାଟି ସହ ଆମର ସଂପର୍କ , ପଂଚଭୂତ ତତ୍ୱ , ଉପେର ଆଲୋକପାତ କରି ଚାଷୀମାନେ ମୁଗ , ବିରି , ମତ୍ସ୍ୟ ଓ ପରିବା ଚାଷ ଉପରେ ଗୁରୁତ୍ୱ ଆରୋପ କରି ଜୈବିକ ସାର , ମୃତିକା ପରୀକ୍ଷଣ ଉପରେ କହିଲେ ଏବଂ ଆକ୍ୱଆପନିକ୍ସ ଉପରେ ଆଲୋକ ପାତ କେବଳ ପାଣିରୁ ବି ସବୁ ଉତ୍ପାଦନ କରାଯାଇ ପାରିବ ବୋଲି ଆଲୋକପାତ କରିଥିଲେ ! ୨ ଜଣ ଛାତ୍ରଛାତ୍ରୀ ମାଟି ହାଣ୍ଡି ଖତ ଓ ଜୈବିକ କୃଷି ଉପରେ ନିଜ ମତ ଦେଇଥିଲେ। ଏକାଙ୍କିକା ମାଧ୍ୟମରେ ଛାତ୍ର ଛାତ୍ରୀ ଭବିଷ୍ୟତ କୃଷକମାନଙ୍କ ପାଇଁ ବାର୍ତା ଦେଇଥିଲେ। ଏହି ଦିବସ ଉପଲକ୍ଷେ ମତ୍ସ୍ୟ , ମୃର୍ତିକା ସଂରକ୍ଷଣ ଓ ଜଳ ବିଭାଜୀକା , ଓଡ଼ିଶା ଜୀବିକା ମିଶନ ଓ କୃଷି ବିଭାଗ ତରଫରୁ ଆକର୍ଷଣୀୟ ଷ୍ଟଲମାନ ଖୋଲା ଯାଇଥିଲା।

## ଖଡିଆଳରେ ସଟ୍ଟା କାରବାର ବୃଦ୍ଧି ଅଭିଯୋଗ

ନୂଆପଡା,୬ା୧୨ (ନି.ପ୍ର): ନୂଆପଡା ଜିଲ୍ଲାର ପ୍ରମୁଖ ସହର ଖଡିଆଳ ହୋଇଥିବା ବେଳେ ଏଠାରେ ସଟ୍ଟା କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ସଟ୍ଟା କାରବାରରେ ଛାତ୍ର ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ଲିପ୍ତ ରହୁଥିବାର ନଜିର ରହିଛି। ସହରର ବିଭିନ୍ନ ଛକ ଏବଂ ଦୋକାନ ମାନଙ୍କରେ ବେଧଡକ ଭାବରେ ସଟ୍ଟା ଖେଳା ଯାଉଥିବା ବେଳେ ପୋଲିସ ବିଭାଗ ଜାଣି ମଧ୍ୟ ନିରବ ରହୁଥିବା ଚର୍ଚ୍ଚା ହେଉଛି। ପ୍ରତିଦିନ ଏହି କାରବାର ବୃଦ୍ଧି ପାଉଥିବା ବେଳେ ପୋଲିସ ବିଭାଗ ନାମକୁ ମାତ୍ର ଚଢଉ କରି ବାହାବା ନେଉଛି। ଏହି କାରବାର ଯୋଗୁଁ ସାଧାରଣ ଲୋକେ ତଳିତଳାନ୍ତ ହେଉଥିବା ବେଳେ ସଟ୍ଟା ଏଜେଂଟ ଏବଂ ଗଦି ମାଲିକ ମାନେ ମାଲେମାଲ ହେଉଥିବା ଜଣାପଡିଛି। ନୀରକ୍ଷର ଏବଂ ଶ୍ରମିକ ଶ୍ରେଣୀର ଲୋକ ଏହାର ପ୍ରଭାବରେ ପ୍ରଭାବିତ ହୋଇ କଷ୍ଟ ଉପାର୍ଜିତ ଟଙ୍କାକୁ ନଷ୍ଟ କରିଦେଉଛନ୍ତି। ଯାହାଫଳରେ ପରିବାରିକ ଅଶାନ୍ତି ଦେଖା ଦେଉଛି। ଅନ୍ୟପକ୍ଷରେ ଏସବୁ ବିଷୟରେ ପ୍ରଶାସନ ଜାଣି ମଧ୍ୟ ଏହାର ପଦକ୍ଷେପ ନେଉନଥିବା ନେଇ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି। ନୂଆପଡା ଆରକ୍ଷୀ ଅଧିକ୍ଷକ ତୁରନ୍ତ ଦୃଷ୍ଟି ଦେଇ ସଟ୍ଟା କାରବାର ବୃଦ୍ଧି ପାଉଥିବା ସ୍ଥାନ ମାନଙ୍କରେ ଚଢଉ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହେଉଛି।

# ୧୧ ଦିନରେ ବିସ୍ଥାପିତଙ୍କ ଧାରଣା ପ୍ରତ୍ୟାହୃତ

## ଆନ୍ଦୋଳନକାରୀଙ୍କ ସହ ବିଧାୟକ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ଆଲୋଚନା

ନୂଆପଡା,୬ା୧୨ (ନି.ପ୍ର): ନୂଆପଡା ଜିଲା ଖଡିଆଳ ସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ କାର୍ଯ୍ୟାଳୟ ସମ୍ମୁଖରେ ବିସ୍ଥାପିତ ସହାୟତା ସମିତିର ଧାରଣା ୧୧ ଦିନରେ ଉଦ୍‌ଯାପିତ ହୋଇଯାଇଛି। ଆଜି ବିସ୍ଥାପିତ ସହାୟତା ସମିତି ସହ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ନୂଆପଡା ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନଙ୍କ ସହ କେନାଲ ବିଭାଗର ନିର୍ବାହୀଯନ୍ତ୍ରୀ ଏସ.ଏସ. ଦାସ ଏବଂ ନିର୍ବାହୀଯନ୍ତ୍ରୀ ଆରଆର ରଞ୍ଜିନ କୁମାର ପାଣି ଯୋଗଦାନ କରିଥିଲେ। ଏଥିରେ ଗତକାଲି ନୂଆପଡା ଜିଲ୍ଲାପାଳ ସ୍ୱଧାଦେବ ସିଂହଙ୍କ ସହ ହୋଇଥିବା ବୈଠକ ଓ ବୈଠକରେ ବିସ୍ଥାପିତ ମାନଙ୍କ ସମସ୍ୟା ସବୁର ସମାଧାନ କରାଯିବାର ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ସୂଚନା ମିଳିଛି। ବିସ୍ଥାପିତଙ୍କ ଦାବୀ ଗୁଡିକର ସମାଧାନ ସକାଶେ ବିସ୍ଥାପିତଙ୍କୁ ବିଧାୟକ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରତିଶୃତି ଦେଇଥିଲେ। ଏହି ଆନ୍ଦୋଳନରେ ୧୨ ଗୋଟି ବିସ୍ଥାପିତ ଗ୍ରାମ ଲମ୍ବିପାଣି, ଦରଗାଁ, କାଳିମାଟି, ସନବାହାଲି, ହରିପୁର, ଝାଲକୁସୁମ, ବୁଡାଛାପର, କୋନାବିରା, ରଘୁପାଲି, କୋଟାମାଲ, ରଜନା ଓ ବୋଲଧା ଗ୍ରାମର କ୍ଷତିଗ୍ରସ୍ତ ବିସ୍ଥାପିତ ମାନେ ସାମିଲ ଥିଲେ। ସେମାନଙ୍କ ମୁଖ୍ୟ ଦାବୀ ଯଥା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୧୨ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ର ଶ। ସ ର୍ନି କ ସ୍ତ ର ରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଲତରେ ଫଇସଲା ସରି ନିଷ୍ପତି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବର୍ତମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାର୍ଙ୍ଗିକ ଭ। ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗୃହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଲା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ ସହ ଅନ୍ୟାନ୍ୟ ଦାବୀ ରହିଛି। ଆଜିର ଏହି ଧାରଣାରେ ବିସ୍ଥାପିତ ସହାୟତା ସମିତି ସଭାପତି ନିତ୍ୟାନନ୍ଦ ପ୍ରଧାନ, ସମ୍ପାଦକ ଗୋପିନାଥ ଗଉଡ, ଜୟରାମ ମାଝୀ, କରୁଣାକର ହୋତା, ହୃଷୀକେଶ ବେହେରା, ବୁଡାରାମ ଦଳ, ପ୍ରମୋଦ ଗୁଆଲ, ନିଳକଣ୍ଠ ପ୍ରଧାନ, କିଶୋର ବେହେରା, ତୁକାରାମ ସଗରିଆ, ଦୁର୍ଯ୍ୟୋଧନ ମାଝୀ, ହରମୋହନ ମେହେର, ନିଳାମ୍ବର ଜଗତ, ନିରା ହରିଜନ, ନାରାୟଣ ଅହିରଙ୍କ ସମେତ ଶତାଧିକ ବିସ୍ଥାପିତ ସାମିଲ ଥିଲେ।

# ଅଧାପନ୍ତରିଆ ବେହେରାସାହି ଯାତ୍ରୀ ବିଶ୍ରାମଗାର

କନ୍ଧମାଳ,୬ା୧୨ (ନି.ପ୍ର): କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ପଂଚାୟତ ଅନ୍ତର୍ଗତ ବେହେରାସାହିରେ ନିର୍ମାଣାଧିନ ଯାତ୍ରୀ ବିଶ୍ରାମଗାର ଗତ ୧୦ବର୍ଷ ହେଲା ଅଧପନ୍ତରିଆ ହୋଇ ପଡ଼ିରହିଛି। କାମ ଅଧା ହୋଇ ଦୀର୍ଘ ୧୦ ବର୍ଷ ହେଲା ବନ୍ଦ ହୋଇ ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏନେଇ କେହି କିଛି ପଦକ୍ଷେପ ନେଉନଥିବା ମଧ୍ୟ ଚିନ୍ତାର କାରଣ ହୋଇଛି। ଯେତିକି ନିର୍ମାଣ ହୋଇଛି ତାହା ମଧ୍ୟ ଭାଙ୍ଗିରୁଜି ଯାଇଥିବାର ଦେଖାଯାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନଗଲେ ବିଶ୍ରାମଗାର ନଷ୍ଟ ହୋଇଯିବାର ମଧ୍ୟ ଆଶଙ୍କା ଦେଖାଯାଇଛି। ପ୍ରକାଶଯେ, ଗୋଛାପଡ଼ା ଥାନା ଅନ୍ତର୍ଗତ ଗୋଛାପଡ଼ା ଉପରେ ସଲାଗୁଡ଼ା , ଗୋଛାପଡ଼ା ,କ୍ରାଣ୍ଡିବାଲି , ପକାରି, ବାଲନ୍ଦାପଡ଼ା , ପାହିରାଙ୍ଗୁ , କୋଇରିମାଣ୍ଡୁ , ଲୁଇସଂ ଭଳି ବିଭିନ୍ନ ପଂଚାୟତ ଅଧିବାସୀ ମାନେ ସଂପୂର୍ଣ୍ଣଭାବେ ନିର୍ଭର କରିଥାନ୍ତି। ଏହି ସବୁ ଅ ଳବାସୀ ସେମାନଙ୍କର ବିଭିନ୍ନ କାର୍ଯ୍ୟପାଇଁ ଗୋଛାପଡ଼ା ଠାରୁ ଫୁଲବାଣୀ କିମ୍ବା ଅନ୍ୟ ଅ ଳକୁ ଯାତାୟତ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଗତ ୧୦ ବର୍ଷ ତଳେ ଗୋଛାପଡ଼ା ନିକଟସ୍ଥ ଲୋହାରାସାହି ଠାରେ ନିର୍ମାଣ ଆରମ୍ଭ ହୋଇଥିଲା ଯାତ୍ରୀ ବିଶ୍ରାମଗାର। କିନ୍ତୁ ଆଜି ପର୍ଯ୍ନ୍ତ ତାହା ଶେଷହେବାର ନାମଧରୁନାହିଁ। ଯାତ୍ରୀମାନେ ପୂର୍ବଭଳି ଖରା ହେଉ କିମ୍ବା ବର୍ଷା ପ୍ରତ୍ୟେକ ସମୟରେ ରାସ୍ତା ପାର୍ଶ୍ୱରେ ହିଁ ଠିଆ ହୋଇ ଯାତ୍ରୀବାହି ବସ୍ କୁ ଅପେକ୍ଷା କରୁଛନ୍ତି ବୋଲି ଗ୍ରାମର ଦଶରଥ ବିନ୍ଧାଣୀ , ପ୍ରମୁଖ ପ୍ରକାଶ କରିଛନ୍ତି। କାମ ଆରମ୍ଭ ହେଲା କିନ୍ତୁ ଛାତ ପଡ଼ି ପାରିନାହିଁ। ଫଳରେ ଯେଉଁ ହଇରାଣକୁ ସେହି ହଇରାଣ ହେଉଛନ୍ତି। ବିଶ୍ରାମଗାର କାମ ସମାପ୍ତ ହୋଇଗଲେ ଯାତ୍ରୀମାନେ ଉପକୃତ ହୋଇ ପାରନ୍ତେ ବୋଲି ଅଂଚଳବାସୀ ପ୍ରକାଶ କରିଛନ୍ତି।

# ଜାତୀୟସ୍ତରର ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇ କୃଷକ ନେତାଙ୍କ ଆହ୍ୱାନ

ଧର୍ମଶାଳା,୬ା୧୨ (ନି.ପ୍ର): ଭାରତ ବର୍ଷର ଚାଷୀଙ୍କୁ ନ୍ୟାୟ ଦାବିରେ ଆଜକୁ ଦଶ ଦିନ ହେଲା ନୂଆଦିଲ୍ଲୀରେ ଚାଷୀ ଆନ୍ଦୋଳନ ଜାରି ରହିଛି। ନବନିର୍ମାଣ କୃଷକ ସଙ୍ଗଠନ ଏଥିରେ ମଧ୍ୟ ସକ୍ରିୟ ଭୂମିକା ନିର୍ବାହ କରୁଛି। ନିକଟରେ କେନ୍ଦ୍ର ସରକାର ଯେଉଁ ତିନୋଟି କୃଷି ବିଲ ପାସ କରିଛନ୍ତି ତାହା ସମ୍ପୂର୍ଣ୍ଣ ଚାଷୀ ବିରୋଧି ବୋଲି ଚାଷୀ ସଙ୍ଗଠନମାନେ ଏହାକୁ ପ୍ରତ୍ୟାହାର କରିବା ଦାବିରେ ଚାଷୀମାନେ ଅଡି ବସିଛନ୍ତି। ଓଡିଶାରେ ପ୍ରାଇସ,ପ୍ରେଷ୍ଟିଜ,ପେନସନ ପାଇଁ ଆନ୍ଦୋଳନ କରୁଥିବା ନବନିର୍ମାଣ କୃଷକ ସଙ୍ଗଠନ ଏହି ଆନ୍ଦୋଳନରେ ଯୋଗଦେଇ କେନ୍ଦ୍ର ସରକାର ଏହି ଆଇନ ପ୍ରତ୍ୟାହାର କରନ୍ତୁ ବୋଲି ଦୃଢ ଦାବି କରି ଆସୁଛି। ଓଡିଶାରେ ଶୀତଳଭଣ୍ଡାର ସଂଖ୍ୟା ଖୁବ୍ ନଗନ୍ୟ,ଧାନ ମଣ୍ଡିରେ ବ୍ୟାପକ ଅନିୟମିତତା,ଚାଷୀ ଫସଲରେ ଅଭାବି ବିକ୍ରି,ଚାଷୀ ଆତ୍ମହତ୍ୟା,ଚାଷ ଜମିକୁ ଜଳସେଚନର ଅଭାବ,ପ୍ରାକୃତିକ କ୍ଷୟକ୍ଷତିରେ ସରକାରୀ ସହାୟତା ନାହିଁ। ଏହିପରି ଅନେକ ଅଭାବରେ ଚାଷୀ କଷ୍ଟରେ ଜୀବନ ବିତାଉଥିବା ବେଳେ ସେମାନଙ୍କ ଅଭାବକୁ ପୂରଣ କରିବା ଉର୍ଦ୍ଦେଶ୍ୟରେ କେନ୍ଦ୍ରରେ ଆନ୍ଦୋଳନ ଜାରି ରହିଛି। ଏହି କ୍ରମରେ ଆଜି ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହ-ସଯୋଜକ ନିମାଇଁ ଚରଣ ରାୟଙ୍କ ତତ୍ୱବଧାନରେ ରସୁଲପୁର ବ୍ଲକ ମଙ୍ଗରାଜପୁର ଫଂଚାୟତ ଖଣ୍ଡାସଛକସ୍ଥିତ ଉତ୍କଳମଣୀ ଗୋପବନ୍ଧୁଙ୍କ ପ୍ରତିମୂର୍ତି ସମ୍ମୁଖରେ ଆଜି ଏକ ଦିବସୀୟ ଅନସନରେ ବସିଥିଲେ। ଏହି ଅନସନକୁ ସମର୍ଥନ ଜଣାଇ ମଙ୍ଗରାଜପୁର ଫଂଚାୟତର ସମିତି ସଭ୍ୟା ମହେଶ୍ୱତା ନାୟକ,ସମାଜସେବୀ ଅବଦୁଲ କଲାମ,ପ୍ରଦିପ ମଲ୍ଲିକ,ସୁନାକର ସାହୁ,ବୁଲବୁଲ ନାୟକ, ଲିଳାବତୀ ମଲ୍ଲିକ,ବିଳାସିନୀ ବେହେରା,ମିନତୀ ମଲ୍ଲିକ ଓ ଚାଷୀ ପରମାନନ୍ଦ ଜେନା ପ୍ରମୁଖ ଏହି ଅନସନରେ ଯୋଗ ଦେଇଥିଲେ। ଏଥିରେ ଚଳିତ ୮ ତାରିଖରେ ହେବାକୁ ଥିବା ଭାରତ ବନ୍ଦକୁ ସଫଳ କରିବାକୁ ନିଷ୍ପତି ନିଆଯାଇଥିବା ନେଇ କୃଷକ ନେତା ଶ୍ରୀ ରାୟ ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି।

# ମାଟି ତଳେ ଐତିହାସିକ ମନ୍ଦିର ଥିବା ସମ୍ଭାବନା: ମନ୍ଦିର ଚୂଡ଼ାକୁ ପୂଜା କରୁଛନ୍ତି ଲୋକେ

କନ୍ଧମାଳ,୬ା୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ବ୍ଲକର ସୋନପୁର ପଂଚାୟତ ମୁଖ୍ୟାଳୟର ଗ୍ରାମ ହେଉଛି ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଜଙ୍ଗଲରେ ଭରପୁର ଗାଁ। ଶୋନପୁର ପଂଚାୟତ ମୁଖ୍ୟାଳୟ ନିକଟରେ ଥିବା ହାଇସ୍କୁଲଠାରୁ କିଛି ଦୁରରେ ଏକ ମନ୍ଦିରର ଶିଖର ପରି ପଥରରେ ନିର୍ମିତ ଚକ୍ର ଆକୃତିର ଏକ ପଥର ଖଣ୍ଡ ରହିଛି କାହିଁ କେଉଁ ଯୁଗରୁ। ଅନେକ ପୁରୁଷ ଧରି ଏହାକୁ ଅଂଚଳବାସୀ ଗୋଟି ଚକ୍ର ଭାବରେ ପୂଜା କରି ଆସୁଛନ୍ତି ବୋଲି କହୁଛନ୍ତି ସେହି ଗ୍ରାମର ପୁରୁଖା ଲୋକମାନେ। ଏହି ଚକ୍ରକୁ ଲୋକେ ପିଢୀପିଢୀ ଧରି ଦେଖି ଆସୁଛନ୍ତି ଏବଂ ଏହାକୁ ଲୋକେ ଶିବ ଭଗବାନଙ୍କ ସ୍ଥଳୀ ଭାବରେ ପୂଜା କରିଆସୁଛନ୍ତି। ଏହି ପଥରେ ତିଆରି ଚକ୍ରଟି ମନ୍ଦିର ଉପରେ ଥିବା ଚୂଡା ଭଳି ଦେଖାଯାଉଛି। ସେଠାରେ ଥିବା ଲୋକେ ପ୍ରଥମେ ଏହାକୁ ସେଠାରୁ ଉଠାଇବାକୁ ଚେଷ୍ଟା କରିଛନ୍ତି ଏବଂ ପରେ ସେମାନେ ଏହାକୁ ଖୋଳିବାକୁ ମଧ୍ୟ ଚେଷ୍ଟା କରିଛନ୍ତି। ଏଥିରେ ବିଫଳ ହେବାପରେ ଏହା କୌଣସି ଭଙ୍ଗା ଖଣ୍ଡ ନୁହେଁ ଏହା ଭୁଗର୍ଭରେ ପୋତି ହୋଇଯାଇଥିବା ଗୋଟିଏ ସମ୍ପୁର୍ଣ୍ଣ ମନ୍ଦିରର ଉପରଭାଗ (ଚୂଡା) ବୋଲି ଲୋକେ ବିଶ୍ୱାସ କରୁଛନ୍ତି। ସେହି ଗ୍ରାମର ଲୋକେ ଏହି ଚକ୍ରକୁ ବିଭିନ୍ନ ପର୍ବପର୍ବାଣୀରେ ପୂଜା କରୁଛନ୍ତି। ଏହା ଏକ ମନ୍ଦିରର ଦଧିନଉତି ରହିବା ସ୍ଥାନ ପରି ମନେ ହେଉଛି।। ସେମାନଙ୍କ ମତରେ ଏହା ଏକ ମନ୍ଦିରର ଅଂଶ,କୌଣସି କାରଣ ବସତଃ ଏହା ଭୁଗର୍ଭରେ ପୋତି ହୋଇ ରହିଯାଇଛି। ସେଥିରେ ଯେଉଁ ଇଟା ବ୍ୟବହାର ହୋଇଛି ତାହା ବର୍ତମାନ ଯୁଗର ଇଟାଠାରୁ ଆକାରରେ ଦୁଇଗୁଣ। ଏହା କଣ ଜାଣିବା ପାଇଁ ଏହାକୁ ଖୋଳିବାର ଆବଶ୍ୟକତା ରହିଛି ବୋଲି ଗ୍ରାମବାସୀ ଓ ବୁଦ୍ଧିଜୀବୀ ମାନେ ଆଲୋଚନା କରୁଛନ୍ତି। ପୁରୁଣା ଗ୍ରାମବାସୀଙ୍କ କହିବା ହେଲା ଏହା ବିଶ୍ୱକର୍ମା ମନ୍ଦିର ନିର୍ମାଣ ହୋଇଥିଲା କୌଣସି ଭୌଗୋଳିକ ବିପ୍ରାତ ଯୋଗୁଁ ଏହା ଭୁଗର୍ଭରେ ପୋତି ହୋଇଯାଇଛି। ଏହି ଐତିହାସିକ ଜାଗାକୁ ବର୍ତମାନ ରାସ୍ତାଟିଏ ନାହିଁ ପ୍ରଶାସନ ଏହା ଉପରେ ନଜର ଦେଲେ ଏହା ଏକ ଦର୍ଶନୀୟ ସ୍ଥାନ ହୋଇପାରିବ। ପ୍ରତ୍ନତତ୍ୱବିତ ମାନଙ୍କ ଦ୍ୱାରା ଏହାର ଯାଂଚ କରା ଗଲେ ଏହାର ସତ୍ୟାସତ୍ୟ ଜଣାପଡିବ ବୋଲି ଅଂଚଳର ବୁଦ୍ଧୀଜୀବି ମାନେ ଦାବୀ କରିଛନ୍ତି। ଦାରିଙ୍ଗବାଡି ଅଂଚଳର ସ୍ୱେଛାସେବୀ ଅନୁଷ୍ଠାନ ଜାଗୃତିର ସମ୍ପାଦକ କୈଳାସ ଦଣ୍ଡପାଟ ଏହି ଅଂଚଳରେ ଦିର୍ଘ ଦିନ ହେଲା କାର୍ଯ୍ୟ କରି ଆସୁଛନ୍ତି ଏବଂ ଏହି ଚକ୍ର ବାବଦରେ ସେ ରାଜ୍ୟ ପ୍ରତ୍ନତତ୍ୱ ବିଭାଗକୁ ଲିଖିତ ଭାବରେ ଯଣାଇଥିବା ମଧ କହିଛନ୍ତି।

# ବୁଲି ଆସନ୍ତୁ ସମ୍ବଲପୁର

ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ତଥା ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟିକ କେନ୍ଦ୍ର ସମ୍ବଲପୁରରେ ରହିଛି ୫ଶହ ବର୍ଷ ପୁରୁଣା ସମଲେଶ୍ୱରୀ ମନ୍ଦିର । ସମ୍ବଲପୁର ଦେଇ ଯାଉଥିବା ବା ସମ୍ବଲପୁର ଆସିଥିବା ରାଜନୈତିକ ନେତା, ସରକାରୀ ଅଧିକାରୀ, ପର୍ଯ୍ୟଟକଟିଏ ବି ହୁଅନ୍ତୁ ନା କାହିଁକି ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କୁ ଦର୍ଶନ ନକରି ଫେରନ୍ତି ନାହିଁ । ସମ୍ବଲପୁରୀ ବସ୍ତ୍ର ବିଶ୍ୱ ବିଦିତ । ସମ୍ବଲପୁରକୁ ଆସୁଥିବା ପର୍ଯ୍ୟଟକ ଏଠାରୁ ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ବସ୍ତ୍ର କିଣିବା ପସନ୍ଦ କରନ୍ତି । ଏଠାରେ ବିଶ୍ୱ ପ୍ରସିଦ୍ଧ ହୀରାକୁଦ ନଦୀବନ୍ଧ ସହିତ ରହିଛି ବୁଢ଼ାରଜା ପାହାଡ଼, ଡେବ୍ରିଗଡ଼/ଉଷାକୋଠି ଅଭୟାରଣ୍ୟ, ହୁମା ବକ୍ର ମନ୍ଦିର, ଘଣ୍ଟେଶ୍ୱରୀ ପୀଠ, ଡେବ୍ରିଗଡ଼ ଅଭୟାରଣ୍ୟ, ଭୀମମଣ୍ଡଳୀ ପରି ବହୁ ଦର୍ଶନୀୟ ସ୍ଥାନ ।



## ହୀରାକୁଦ ବନ୍ଧ

ସମ୍ବଲପୁରରୁ ମାତ୍ର ୧୬ କିଲୋମିଟର ଦୂରରେ ମହାନଦୀ ଉପରେ ରହିଛି ବିଶ୍ୱର ଦୀର୍ଘତମ ମାଟି ବନ୍ଧ । ୭୪୬ ବର୍ଗ କିଲୋମିଟରର ପରିସୀମାରେ ଏହି ଡ୍ୟାମ ରହିଛି । ଡାଇକ ଉପରେ ପ୍ରାୟ ୨୧ କିଲୋମିଟରର ରାସ୍ତା ରହିଛି । ଏହି ନଦୀବନ୍ଧର ଉତ୍ତରପଟେ ଗାନ୍ଧୀ ମିନାର ଓ ଦକ୍ଷିଣ ପଟେ ଜବାହର ମିନାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଜବାହର ଉଦ୍ୟାନରୁ ଗାନ୍ଧୀ ମିନାରକୁ ଏବେ ରୋପୱେ' ସୁବିଧା କରାଯାଇଛି । ହୀରାକୁଦ ଡ୍ୟାମରେ ଫଟୋ ଉଠାଇବା ମନା ଥିବାବେଳେ ପର୍ଯ୍ୟଟକଙ୍କୁ ହୀରାକୁଦ ସୁରକ୍ଷା ଏଜେନ୍ସିଠାରୁ ଅନୁମତି ନେବାକୁ ପଡ଼ିଥାଏ ।

## ଉଷାକୋଠି ଅଭୟାରଣ୍ୟ



ସମ୍ବଲପୁରରୁ ପ୍ରାୟ ୪୮ କିଲୋମିଟର ଦୂର ବଡ଼ରମାରେ ରହିଛି ଉଷାକୋଠି ଅଭୟାରଣ୍ୟ । ସେଠାରେ ପ୍ରାୟ ସମସ୍ତ ପ୍ରକାର ବନ୍ୟପ୍ରାଣୀ ରହିଛନ୍ତି । ଅଭୟାରଣ୍ୟ ଭିତରେ ଥିବା ୱାଚ ଟାୱାରରୁ ପର୍ଯ୍ୟଟକ ଦେଖିବା ସହ ବଡ଼ ରମା ଫରେଷ୍ଟ ରେଞ୍ଜ ଅଫିସରଙ୍କଠାରୁ ଭିତରକୁ ଯିବା ପାଇଁ ଅନୁମତି ମିଳିଥାଏ । ଅକ୍ଟୋବରରୁ ଏପ୍ରିଲ ମାସ ମଧ୍ୟରେ ଏହି ଅଭୟାରଣ୍ୟକୁ ଯିବା ପାଇଁ ଶ୍ରେଷ୍ଠ ସମୟ । ଯାନବାହାନ ଓ କ୍ୟାମେରା ସକାଶେ ସ୍ୱତନ୍ତ୍ରଦେୟ ଦେବାକୁ ହୋଇଥାଏ ।

## ହୁମା ବକ୍ର ମନ୍ଦିର :

ସମ୍ବଲପୁରରୁ ୩୨ କିଲୋମିଟର ଦୂର ହୁମାଠାରେ ରହିଛି ପ୍ରସିଦ୍ଧ ବକ୍ର ମନ୍ଦିର । ମହାଦେବବାବାଙ୍କ ଏହି ମନ୍ଦିର ମହାନଦୀ ତଟ ଦେଶରେ ରହିଥିବାବେଳେ ଏଠାରେ 'କୁଡ଼ୋ' ମାଛ ରହିଛନ୍ତି । କୁଡ଼ୋ ମାଛକୁ ଭଗବାନଙ୍କ ପ୍ରତୀକ ରୂପେ ସେମାନଙ୍କୁ ଖାଦ୍ୟ ଦେଲେ ପୁଣ୍ୟ ହୁଏ ବୋଲି ବିଶ୍ୱାସ ରହିଛି । ସମ୍ବଲପୁରରୁ ଏଠାକୁ ନିୟମିତ ସିଟି ବସ ସୁବିଧା ରହିଛି ।



## ଘଣ୍ଟେଶ୍ୱରୀ ପୀଠ

ସମ୍ବଲପୁରରୁ ପ୍ରାୟ ୩୫ କିଲୋମିଟର ଦୂରରେ ରହିଛି ଦେବୀ ଘଣ୍ଟେଶ୍ୱରୀଙ୍କ ପୀଠ । ହୀରାକୁଦ ଶକ୍ତି ଉତ୍ପାଦନ କେନ୍ଦ୍ରର ଦ୍ୱିତୀୟ ପର୍ଯ୍ୟାୟ ଥିବା ଚିପିଲିମାର ଏହି ଦେବୀଙ୍କଠାରେ ଘଣ୍ଟା ଲାଗି କଲେ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି । ଏଠାକୁ ନିୟମିତ ସିଟି ବସ ସୁବିଧା ରହିଛି ।



## ଡେବ୍ରିଗଡ଼ ଅଭୟାରଣ୍ୟ

ହୀରାକୁଦ ଡ୍ୟାମ ଅଞ୍ଚଳରେ ଥିବା ଡେବ୍ରିଗଡ଼ ଅଭୟାରଣ୍ୟ ୩୫୩ ବର୍ଗ କିଲୋମିଟର ପରିସୀମାରେ ରହିଛି । ଏହାର ରାଜସ୍ୱ ଜିଲ୍ଲା ବରଗଡ଼ ହୋଇଥିବା ବେଳେ ସମ୍ବଲପୁରରୁ ଏହା ପ୍ରାୟ ୪୦ କିଲୋମିଟର ଦୂର । ସେଠାରେ ପ୍ରାୟ ସମସ୍ତ ପ୍ରକାର ବନ୍ୟପ୍ରାଣୀ ରହିଛନ୍ତି । ରାତ୍ରି ରହଣି ସକାଶେ ଏଠାରେ ଓଟିଡିସି କଟେଜ ବ୍ୟବସ୍ଥା ମଧ୍ୟ ରହିଛି ।



## ବୁର୍ଲା ପ୍ଲାନେଟୋରିଅମ

ସମ୍ବଲପୁରରୁ ମାତ୍ର ୧୨ କିଲୋମିଟର ଦୂର ବୁର୍ଲା ସହରରେ ରହିଛି ଓଡ଼ିଶାର ଦ୍ୱିତୀୟ ପ୍ଲାନେଟୋରିଅମ । ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ବୈଜ୍ଞାନିକ ଡ. ଏପିଜେ ଅବଦୁଲ କଲାମଙ୍କ ନାମରେ ଏହା ନାମିତ ହୋଇଛି । ଏହା ସହିତ ରହିଛି ସାଇନ୍ସ ଇଭୋଲ୍ୟୁସନ ପାର୍କ ।





## ଗୁଦଗୁଦା ଜଳପ୍ରପାତ

ସମ୍ବଲପୁରରୁ ପ୍ରାୟ ୧୧୭ କିଲୋମିଟର ଦୂର କୁଚିଣ୍ଡା ଉପଖଣ୍ଡରେ ରହିଛି ଗୁଦଗୁଦା ଜଳପ୍ରପାତ । ଏହି ବଣ ଜଙ୍ଗଲଘେରା ପ୍ରାକୃତିକ ଜଳପ୍ରପାତ ଦେଖିବାକୁ ବର୍ଷର ସବୁ ସମୟରେ ପର୍ଯ୍ୟଟକ ଯାଉଥିଲେ ହେଁ ଡିସେମ୍ବର ଜାନୁଆରୀ ମାସରେ ପିକନିକ ଦଳ ଭିଡ଼ ଜମେଇଥାନ୍ତି । ସମ୍ବଲପୁରରୁ କୁଚିଣ୍ଡା ଦେଇ କୁସୁମୀ ପର୍ଯ୍ୟନ୍ତ ବସ ସେବା ରହିଥିବା ବେଳେ ପରବର୍ତ୍ତୀ ୧୦କିଲୋମିଟର ଅନ୍ୟ ଯାନବାହାନ ଯୋଗେ ଯିବାକୁ ପଡ଼ିଥାଏ ।

# ସୁସ୍ଥତାର ଉପାୟ

**ନିୟମିତ ଭାବେ ଘର କାମ କଲେ ମଧ୍ୟ ଜଣେ ବ୍ୟକ୍ତି ସୁସ୍ଥ ଜୀବନ ଅତିବାହିତ କରିପାରିବ । ତନ୍ମଧ୍ୟରୁ କେତେକ ଉପାୟ:**

✱ନିୟମିତ ନିଜ ଘରର ବିଛଣାକୁ ନିଜେ ସଜାଡ଼ନ୍ତୁ । ପରୀକ୍ଷାରୁ ଜଣାପଡ଼ିଛି, ବିଛଣା ସଜାଡ଼ିଲେ ୧୫ମିନିଟ୍‌ରେ ୬୫ କ୍ୟାଲୋରୀ ଖର୍ଚ୍ଚ ହୁଏ । ଦେଢ଼ କିମି ଚାଲିବା ସହ ଏହାକୁ ତୁଳନା କରାଯାଉଛି ।

✱ଘର ପୋଛା କାମ ନିଜେ କଲେ ୩୦ମିନିଟରେ ୧୪୫ କ୍ୟାଲୋରୀ ଖର୍ଚ୍ଚ ହୋଇଥାଏ । ଟ୍ରେଡମିଲରେ ୧୫ମିନିଟ୍ ଦୌଡ଼ିବା ସହ ଏହା ତୁଳନୀୟ ।

✱ବାସନ ମାଜିଲେ ୧୫ମିନିଟ୍ ୫୬୦ କ୍ୟାଲୋରୀ ଖର୍ଚ୍ଚ ହୁଏ । ୨୫୦୦ ମିଟର ସନ୍ତରଣ କରିବା ସହ ବିଶେଷଜ୍ଞ ଏହାକୁ ତୁଳନା କରିଛନ୍ତି ।

✱ୱାଶିଂ ମେସନରେ ଲୁଗା ସଫା ନ କରି ନିଜେ କପଡ଼ାକୁ ସଫା କରନ୍ତୁ । ଏପରି କଲେ ୬୦ ମିନିଟରେ ୮୫ କ୍ୟାଲୋରୀ ଅପଚୟ ହୋଇଥାଏ ।

✱ପରିବା କାଟିବା ଏରୋବିକ୍ସ ବ୍ୟାୟାମ ପରି କାମ କରିଥାଏ ।

✱ଘର ବଗିଚାରେ କାମ କରିବା ଅନ୍ୟତମ ସରଳ ଉପାୟ । ଏପରି କଲେ ୬୦ ମିନଟରେ ୨୫୦ କ୍ୟାଲୋରୀ ଖର୍ଚ୍ଚ ହୁଏ ।

✱ସାଇକେଲ ଚଲାଇବା ସହ ଘର ଝଡ଼ାଝଡ଼ି କରିବାକୁ ତୁଳନା କରାଯାଇଛି । ଏହା କଲେ ୩୦ ମିନିଟରେ ୧୮୦ କ୍ୟାଲୋରୀ ଖର୍ଚ୍ଚ ହୁଏ ।







# ଧନିଆ ପତ୍ରର ଉପକାରିତା



➧ଦୁଇ ଚାମଚ ଧନିଆ ପତ୍ର ରସ ସହ, ଅଳ୍ପ ମିଶ୍ରି ଏବଂ ଅଧଗ୍ଲାସ ପାଣି ମିଶାଇ ଏହାକୁ ସକାଳେ ଏବଂ ସନ୍ଧ୍ୟାରେ ପିଅନ୍ତୁ । ଏହା ଦ୍ୱାରା ଦୁର୍ବଳ ଲାଗିବା ଏବଂ ମୁଣ୍ଡ ବୁଲାଇବା ଭଳି ସମସ୍ୟା ଦୂର ହୋଇଥାଏ । ଦହି ପାଣିରେ ଧନିଆ ରସ ମିଶାଇ ପିଇଲେ ଏହା ହଜମ ପ୍ରକ୍ରିୟା ସହଜ ହେବାରେ ସାହାଯ୍ୟ କରେ ।

➧ଅଧ ଗ୍ଲାସ ପାଣିରେ ଦୁଇ ଚାମଚ ଧନିଆ ପେଷ୍ଟ ମିଶାଇ ପିଇଲେ ପେଟକଟା ବନ୍ଦ ହୋଇଯାଏ ।

➧ ଧନିଆ ପତ୍ର ପେଷ୍ଟ ବଡ଼ କଳାଦାଗ ହୋଇଥିବା ସ୍ଥାନରେ ପ୍ରତିଦିନ ଲଗାଇଲେ ଦାଗ ଛାଡ଼ିଯାଏ ।

➧ପ୍ରତିଦିନ କେଶରେ ଧନିଆ ରସ ଲଗାଇଲେ କେଶ ଉପୁଡ଼ିବା ସମସ୍ୟା ଦୂର ହୋଇଥାଏ ।

➧ଧନିଆରେ ଭିଟାମିନ- ଏର ମାତ୍ରା ଅଧିକ ଥାଏ । ପ୍ରତିଦିନ ଏହାକୁ ଖାଦ୍ୟରେ ବ୍ୟବହାର କରିବା ଉଚିତ । ଏହା ଦ୍ୱାରା ଦୃଷ୍ଟିଶକ୍ତି ବଢ଼ିଥାଏ । ଗୋଟେ ଚାମଚ ଧନିଆ ରସ ସହ ଅଳ୍ପ ହଳଦୀ ମିଶାଇ ପ୍ରତିଦିନ ତ୍ୱଚାରେ ଲଗାଇଲେ ତ୍ୱଚାରେ ଭାଙ୍ଗ ପଡ଼ିବା, କଳାଦାଗ ଭଳି ସମସ୍ୟା ଦୂର ହୋଇଥାଏ । ଧନିଆ ପତ୍ର ରସ ପିଇଲେ ଟାଇଫଏଡ ରୋଗରୁ ଆରାମ ମିଳେ ।

➧ଧନିଆ ପତ୍ର ରସରେ ମିଶ୍ରି ମିଶେଇ ପେଷ୍ଟ ପ୍ରସ୍ତୁତ କରି ଏହାକୁ ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ପାଣିରେ ମିଶେଇ ପିଇଲେ ନିଦ୍ରାହିନତା ସମସ୍ୟା ଦୂର ହୋଇଥାଏ ।

➧ଧନିଆ ରସରେ ମିଶ୍ରି ମିଶେଇ ପେଷ୍ଟ ପ୍ରସ୍ତୁତ କରି ଏହାକୁ ପ୍ରତିଦିନ ଖାଇଲେ କାଶ, କଫ ଭଳି ସମସ୍ୟାରୁ ଆରାମ ମିଳିଥାଏ ।



# ସବୁଠୁ ଛୋଟ ବ୍ଲାକହୋଲ୍

ବ୍ଲାକହୋଲ ସର୍ବାଧିକ ବିଶାଳ, ଶକ୍ତିଶାଳୀ ଓ ରହସ୍ୟମୟ ବସ୍ତୁ ବୋଲି ଥିବା ମହାକାଶ ବିଜ୍ଞାନୀଙ୍କ ଧାରଣାକୁ ବଦଳାଇଛି ଏହି ଆବିଷ୍କାର । କ୍ଷୁଦ୍ର ନକ୍ଷତ୍ରପୁଞ୍ଜ , ନଜିସି ୪୩୯୫ କେନ୍ଦ୍ରରେ ଥିବା ଏକ ବ୍ଲାକହୋଲକୁ ମାପିବା ପରେ ବୈଜ୍ଞାନିକ ଦଳ ଆଶ୍ଚର୍ଯ୍ୟ ହୋଇଛନ୍ତି । ପୂର୍ବ ଧାରଣା ଅପେକ୍ଷା ଏହି ବ୍ଲାକହୋଲଟି ୪୦ ଗୁଣ ଛୋଟ । ସୂର୍ଯ୍ୟ ଘନତ୍ୱର ଏହା ୧୦ ହଜାର ଗୁଣ । ତେଣୁ ସେତେଅଧିକ ଛୋଟ ମଧ୍ୟ ହୋଇନପାରେ । ତେବେ ଛୋଟ ନକ୍ଷତ୍ରପୁଞ୍ଜରେ ଥିବା ବ୍ଲାକହୋଲଗୁଡ଼ିକ ବିଷୟରେ ଅଧିକ ଅଧ୍ୟନ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଇବ ବୋଲି ସେମାନେ କହିଛନ୍ତି । ନକ୍ଷତ୍ରପୁଞ୍ଜ ମଧ୍ୟ ଭାଗରେ ଅବସ୍ଥାନ କରୁଥିବା ଗୋଟିଏ ଅତି ବିଶାଳ ବ୍ଲାକହୋଲ ଛାୟା ପଥ ଭଳି କି ତା'ଠୁ ବଡ଼, ସେ ବିଷୟରେ ବୁଝିବା ବର୍ତ୍ତମାନର ବିଷୟ । ପ୍ରତି ନକ୍ଷତ୍ର ପୁଞ୍ଜରେ ବ୍ଲାକହୋଲ ଅଛି କି ନାହିଁ, ତାହା ମଧ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଏହି ନୂଆ ଆବିଷ୍କାର ବ୍ଲାକହୋଲ ତାଲିକାରେ ସାମିଲ ହୋଇ ଅଧିକ ତଥ୍ୟ ପ୍ରଦାନ କରିବା ବୋଲି ମିଶିଗାନ ୟୁନିଭର୍ସିଟିର ମହାକାଶ ବିଜ୍ଞାନୀ ଏଲିନା ଗାଲୋ କହିଛନ୍ତି ।



# ଖାଦ୍ୟପ୍ରତି ସତର୍କତା



ଖାଦ୍ୟ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ ଅଧିକ ଲୁଣି ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ତେବେ କେବଳ ଲୁଣ ନୁହେଁ, ଅନ୍ୟ ଖାଦ୍ୟ ମଧ୍ୟ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ଚିନି ଖାଇବା ଉପରେ ନିୟନ୍ତ୍ରଣ କରନ୍ତୁ । ଅଧିକ ପରିମାଣର ଚିନି ଖାଇଲେ ଚିଡ଼ଚିଡ଼ା ଲାଗିବା, ବିରକ୍ତି ଲାଗିବା, ମୋଟାପଣ, ଶ୍ୱାସ ବଢ଼ିବାର ଆଶଙ୍କା ରହିଛି । ଲୁଣରେ ସୋଡ଼ିୟମ ମାତ୍ରା ଅଧିକ ଥିବାରୁ ତାହା ରକ୍ତଚାପ, ହୃଦଘାତ ଓ କର୍କଟର ଆଶଙ୍କା ବଢ଼ାଇଥାଏ । ବଟାରରେ ମିଳୁଥିବା ଲୁଣିଆ ଚିପ୍ସଠାରୁ ଯଥା ସମ୍ଭବ ଦୂରେଇ ରହନ୍ତୁ । ମଇଦାରେ ଫାଇବର ଆଦୌ ନାହିଁ । ମଇଦାଜାତୀୟ ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୋଇନଥାଏ ଏଥିରେ ଥିବା ବ୍ଲିଚିଙ୍ଗ ତତ୍ତ୍ୱ କାରଣରୁ ହୃଦଘାତର ଆଶଙ୍କା ବଢ଼େ । ମୃଦୁ ପାନୀୟରେ ଥିବା କାର୍ବୋହାଇଡ୍ରେଟ୍ ଓ ଅନ୍ୟାନ୍ୟ ତତ୍ତ୍ୱ ସ୍ମୃତି ଶକ୍ତି ହ୍ରାସ କରେ ।

ଧ୍ୱନି ପ୍ରତିଧ୍ୱନି
୪
ବାଲେଶ୍ୱର
୭ ଡିସେମ୍ବର ୨୦୨୦, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସମ୍ଭାବ୍ୟ ଟିକା...

କରୋନା ସଂକ୍ରମଣ ଭୟରୁ ମୁକ୍ତି ପାଇଁ ଭାରତବାସୀଙ୍କୁ ଆଉ ଦୀର୍ଘ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ମାତ୍ର କିଛିସପ୍ତା ପରେ କରୋନା ଟିକା ସାର୍ବଜନୀନ ହେବ ବୋଲି ପ୍ରଧାନମନ୍ତ୍ରୀ ସର୍ବଦଳୀୟ ବୈଠକ ପରେ ଘୋଷଣା କରିଛନ୍ତି। ଇତିମଧ୍ୟରେ ରୁଷରେ ଟିକା ସାର୍ବଜନୀନ ହୋଇସାରିଥିବାବେଳେ ସର୍ବାଧିକ ଭରସାଯୋଗ୍ୟ ଅକ୍ସଫୋର୍ଡ଼-ଆଷ୍ଟ୍ରାଜେନେକା ଟିକା ପରୀକ୍ଷଣ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି। ତେଣୁ ବୈଶ୍ୱିକ ମହାମାରୀରେ ତ୍ରସ୍ତ ବିଶ୍ୱବାସୀଙ୍କ ମନରେ କିଛିଟା ଆଶା ସଂଚାର ହୋଇଛି। ଅପରପକ୍ଷରେ ଦୀର୍ଘ ୮ ମାସରୁ ଊର୍ଦ୍ଧ୍ୱ ସମୟ ଧରି କରୋନା ଭୟରେ ତ୍ରସ୍ତ ଭାରତୀୟମାନେ ଆତୁରତାର ସହିତ ଟିକାକୁ ଅପେକ୍ଷା କରି ରହିଥିବାବେଳେ ଭାରତରେ ଟିକା ସାର୍ବଜନୀନ ହେବା ବିଳମ୍ବିତ ହୋଇପାରେ ବୋଲି ଆଲୋଚନା ହୋଇ ଆସୁଥିଲା। ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପରେ ଆପାତତଃ ଏହି ଆଶଙ୍କା ଦୂର ହୋଇ ଆଶା ସୃଷ୍ଟି ହେବା ସ୍ୱାଭାବିକ। ଶୁକ୍ରବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ତିନିଟି ଟିକା କ୍ଲିନିକାଲ ଟ୍ରାଏଲର ବିଭିନ୍ନ ପର୍ଯ୍ୟାୟରେ ରହିଛି। ଆଉ ମାତ୍ର କେଇ ସପ୍ତାହ ମଧ୍ୟରେ ଟିକା ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଉପଲବ୍ଧ ହେବ ବୋଲି ବିଶେଷଜ୍ଞମାନେ ଆଶାପୋଷଣ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି ଯେ ଟିକା ସାର୍ବଜନୀନ ହେବା ପରେ ପ୍ରଥମେ କରୋନା ଯୋଦ୍ଧା, ଆଗଧାଡ଼ିର କର୍ମୀ, ଦୁରାରୋଗ୍ୟରେ ପୀଡ଼ିତ ବୟସ୍କ ବ୍ୟକ୍ତିଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକାକରଣର ସୁଯୋଗ ଦିଆଯିବ। ଜନସ୍ୱାସ୍ଥ୍ୟର ସୁରକ୍ଷା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ହୋଇଥିବାରୁ ଟିକାର ମୂଲ୍ୟ କେତେ ରହିବ ଓ ବଂଟନ ବ୍ୟବସ୍ଥା କିପରି କାର୍ଯ୍ୟକାରୀ ହେବ ସେ ସମ୍ପର୍କରେ ରାଜ୍ୟ ସରକାରମାନଙ୍କ ସହିତ ଆଲୋଚନା ହୋଇଛି। କରୋନା ମହାମାରୀ ସ୍ୱାସ୍ଥ୍ୟ ସମେତ ଅର୍ଥନୀତି, ସାମାଜିକ ସମ୍ପର୍କକୁ ଗୁରୁତର ପ୍ରଭାବିତ କରିଛି। ଲକ୍ଷଲକ୍ଷ ଲୋକ ନିଯୁକ୍ତି ହରାଇ ବେରୋଜଗାର ହୋଇଯାଇଥିବାବେଳେ କ୍ଷୁଦ୍ର ବ୍ୟବସାୟୀ, ଦିନ ମଜୁରୀଆମାନଙ୍କର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। କରୋନା ସଂକ୍ରମଣ ଭୟ ଯୋଗୁଁ ଜୀବନଜୀବିକା କେବେ ସ୍ୱାଭାବିକ ହେବ ତାହା ମଧ୍ୟ ନିର୍ଣ୍ଣିତ କରିହେଉନାହିଁ। ଏହି ପରିପ୍ରେକ୍ଷୀରେ ସର୍ବଶେଷ ବିକଳ୍ପ କରୋନା ଟିକାର ଗୁରୁତ୍ୱ ଆହୁରି ବଢ଼ିଯାଇଛି। ଏଠି କହି ରଖିବା ଉଚିତ୍ ହେବ ଯେ ବିଶ୍ୱର ସର୍ବାଧିକ ଭରସା ଯୋଗ୍ୟ ଅକ୍ସଫୋର୍ଡ଼-ଆଷ୍ଟ୍ରାଜେନେକା ଟିକା ଉତ୍ପାଦନ ପ୍ରକ୍ରିୟା ବିଶ୍ୱର ସର୍ବବୃହତ୍ ଟିକା ଉତ୍ପାଦନ ସଂସ୍ଥା ଉତ୍ପାଦନ ସଂସ୍ଥା ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆ ଲିମିଟେଡ୍ ସହିତ ମିଳିତ ଉଦ୍ୟମରେ ଚାଲିଛି। ଏହାଛଡ଼ା ଭାରତରେ ଆହୁରି ଦୁଇଟି ସଂସ୍ଥା 'ଭାରତ ବାୟୋଟେକ୍' ଓ 'କାଡିଲା' କମ୍ପାନୀର ଟିକା ପରୀକ୍ଷଣର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି। ଭବିଷ୍ୟତରେ ହୁଏତ ଆହୁରି ଅନେକ ଟିକା ଉତ୍ପାଦନକାରୀ କମ୍ପାନୀ ଭାରତର ଏକାଧିକ ସଂସ୍ଥା ଉପରେ ନିର୍ଭର କରିପାରନ୍ତି। ତେଣୁ ଭାରତରେ ଟିକା ଉପଲବ୍ଧ ହେବାରେ କୌଣସି ସଂଶୟ ନାହିଁ ବୋଲି କୁହାଯାଇପାରେ। କିନ୍ତୁ ଟିକା କେବେ ଆସିବ ସେ ସମ୍ପର୍କରେ ରହିଥିବା ଦ୍ୱନ୍ଦ୍ୱକୁ ପ୍ରଧାନମନ୍ତ୍ରୀ ଦୂର କରିଛନ୍ତି। ଏହା ଅବଶ୍ୟ ଅସ୍ୱୀକାର କରିହେବ ନାହିଁ ଯେ ଭାରତରେ ସମସ୍ତଙ୍କ ପାଇଁ ଟିକା ଉପଲବ୍ଧ କରାଇବା ଦିଗରେ ଅନେକ ଆହ୍ୱାନ ରହିଛି। ପ୍ରଥମତଃ ଅପେକ୍ଷାକୃତ ଉନ୍ନତ ଏମ୍ଆରଏନ୍ଏ ଟିକାର ସଂରକ୍ଷଣ ପାଇଁ ବିଯୁକ୍ତ ୭୦ଡିଗ୍ରୀ ସେଲସିୟସ ଆବଶ୍ୟକ, ଯାହା ଭାରତରେ ସମ୍ଭବ ନୁହେଁ। ତେଣୁ ପାରମ୍ପରିକ ଟିକା ଉପରେ ହିଁ ଆମକୁ ନିର୍ଭର କରିବାକୁ ପଡ଼ିବ। ଏହାର ଯେପରି ସୁଷମ ବଂଟନ ହୋଇପାରିବ ବା ସବୁବର୍ଗର ଲୋକଙ୍କ ପାଖରେ ପହଂଚିପାରିବ ତାହା ନିର୍ଣ୍ଣିତ କରିବା ପାଇଁ ଏକ କ୍ରିୟାଶୀଳ ବ୍ୟାପକ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ରାଜ୍ୟ ସରକାରମାନଙ୍କୁ ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ପୂର୍ବରୁ ସୂଚିତ କରିସାରିଛନ୍ତି। ତେଣୁ ଏ ଦିଗରେ ଦେଶବାସୀ କିମ୍ବା ରାଜ୍ୟବାସୀ ଦ୍ୱନ୍ଦ୍ୱରେ ରହିବା ଅନୁଚିତ୍। ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସ୍ୱାଗତ କରାଯିବା ସହିତ କେନ୍ଦ୍ରର ଏ ସମ୍ପର୍କିତ ଗାଇଡଲାଇନକୁ ଅନୁପାଳନ କରିବେ ବୋଲି କହିଛନ୍ତି। ଏଥିସହିତ ଓଡ଼ିଶାକୁ ଟିକା ବଂଟନରେ ଅଗ୍ରାଧିକାର ଦେବାକୁ କେନ୍ଦ୍ର ନିକଟରେ ଦାବି ଜଣାଇଛନ୍ତି। ଅତୀତରେ ହୋଇଥିବା ବିଭିନ୍ନ ପର୍ଯ୍ୟାୟ ସର୍ବେକ୍ଷଣରେ ଭାରତୀୟଙ୍କ ଶରୀରେ ଆଂଟିବଡ଼ି ବା ରୋଗପ୍ରତିରୋଧକ ଶକ୍ତି ପ୍ରାୟତଃ ୫୦% ରହିଥିବା ଜଣାଯାଇଛି। ଏଥିସହିତ ଟିକା ସାର୍ବଜନିନ ହେଲେ କରୋନାକୁ ଭାରତରେ ପରାହତ କରିବା ସମ୍ଭବ ହେବ। ଏଠାରେ ଏହା ଉଲ୍ଲେଖ ନିତାନ୍ତ ଆବଶ୍ୟକ ଯେ ଟିକା ସାର୍ବଜନୀନ ହେବା ନିର୍ଣ୍ଣିତ ହେବାପରେ କିମ୍ବା ଟିକା ସାର୍ବଜନୀନ ହେବାପରେ କିନ୍ତୁ ହଠାତ୍ ସଂକ୍ରମଣକୁ ସମ୍ପୂର୍ଣ୍ଣ ଅଣଦେଖା କରିବା ଆତ୍ମଘାତୀ ସାବ୍ୟସ୍ତ ହୋଇପାରେ। ତେଣୁ ଟିକା ସହିତ ସାମାଜିକ ଦୂରତ୍ୱ, ମାସ୍କ ଓ ହାତଧୁଆ ଅଭ୍ୟାସ ପୂର୍ବବତ୍ ଜାରି ରହିବା ନିହାତି ଜରୁରୀ। ଆଗାମୀ କିଛି ବର୍ଷ ପର୍ଯ୍ୟନ୍ତ ଏହି ଅଭ୍ୟାସକୁ ଜୀବନଚର୍ଯ୍ୟାର ଏକ ଅଂଶ କରିବାକୁ ପଡ଼ିବ। ତେବେ ଯାଇ କରୋନାକୁ ସମ୍ପୂର୍ଣ୍ଣ ରୂପେ ପରାହତ କରାଯାଇପାରିବ।

କବିତା କୋଣାର୍କ

## ଜେଜେ ଓ ନାତୁଣୀ....

**ସୁବ୍ରତ ମଲିକ**

କରୋନା ଭାରତ ମାଡ଼ି ଆସିଲା
ଦୋକାନ ବଜାର ବନ୍ଦ ରହିଲା
ଅଦିନରେ ସ୍କୁଲ ଛୁଟି ହୋଇଲା
ବିଚରା ମାମୁନି କଷ୍ଟ ପାଇଲା।।
ଦୁଃଖରେ ମାମୁନି ବସିବା ଦେଖି
ଜେଜେ ପଚାରିଲେ ପାଖକୁ ଡାକି
ନାତୁଣୀର ମୋର କଣ ହୋଇଛି
ଏତେ ସରି ତାର କିଏ କରିଛି ?
ଜେଜେଙ୍କ କୋଡ଼ରେ ମାମୁନି ବସି
ପଚାରିଲା ତାଙ୍କ କାନ ଆଉଁଷି
କରୋନା ଉତ୍ପତ୍ତି ସ୍ଥଳ କେଉଁଠି ?
ନର ସଂକ୍ରମିତ ହୁଏ କେମିତି ?
ନାତୁଣୀକୁ କରି ସ୍ନେହ ଆଦର
ଯତନରେ ଦେଲେ ଜେଜେ ଉତ୍ତର
ଚୀନ ଦେଶର ଉହାନ ସହର
କରୋନା ଭୂତାଣୁ ଜନମ ସ୍ଥଳ।
ଅଖାଦ୍ୟ ଭୋଜନ ତା ସୃଷ୍ଟି କାରଣ
ଚୀନବାସିନ୍ଦାଙ୍କ ବିଶ୍ୱକୁ ଦାନ
ଏ ରୋଗର ନାହିଁ କଉ ନିଦାନ
ଅବେଳର ନର ମୃତ୍ୟୁବରଣ।
ଜେଜେଙ୍କ ପାଟିରୁ ଏତକ ଶୁଣି
ତା' ଆଖିରୁ ବହିଲା ଲୁହ ଯେତକ
ବାହୁନି ହୋଇ ପୁଣି ପଚାରିଲା
କେମିତି ବଂଚିବ ନର ଜଗତ ?
ପୋଛିଦେଇ ଜେଜେ ଲୋତକ ଧାର
ବତାଇଲେ କରୋନା ପ୍ରତିକାର
ବାରମ୍ବାର ହାତ ପାଦ ଧୋଇବା
ନାକ ଓ ପାଟିରୁ ନ ଛୁଇଁବା
ପରିଷ୍କାର ପ୍ରତି ଧ୍ୟାନ ରଖିବା
ଉଷୁମ ପାଣି ନିଶ୍ଚେ ପିଇବା।
ମୁହଁରେ ମାସ୍କ ଭିଡ଼ି ରଖିବା
କାଶ ଛିଙ୍କ ହେଲେ କପଡ଼ା ଦେବା
ଜନଗହଳିଠୁ ଦୂରେ ରହିବା
ଜର ଥଣ୍ଡା ସର୍ଦ୍ଦି ଲାଗି ରହିଲେ
ଡାକ୍ତରଙ୍କ ପରାମର୍ଶ ନେବା।
ନୀରବେ ଜେଜେଙ୍କ କଥାକୁ ଶୁଣି
ମାମୁନି ଆମର ହୋଇଲା ତୁନି
ଆକାଶେ ଆସିଲା ରଜନୀ ରାଣୀ
ତା ପରଶେ ଶୋଇଲେ
ଜେଜେ ନାତୁଣୀ।

+ ମଙ୍ଗଳପୁର, ଅସୁରାଳି
ଭଦ୍ରକ-୭୫୬୧୩୭

# ମୁଁ, ମୁଁ ନୁହେଁ, ତୁମେ, ତୁମେ ନୁହଁ !

**ପଙ୍କଜ କୁମାର ପାଣିଗ୍ରାହୀ**

ସମୟର କରାଳ
ଲହରୀରେ ପାଗଳ,
ତୁମେ ଯାହା ଭାବ
ସଂସାର ତାହା ନୁହେଁ !
ମୁଁ, ମୁଁ ନୁହେଁ, ତୁମେ,
ତୁମେ ନୁହଁ !
ନିଜକୁ ନିଜେ ପଚାରି ବୁଝି,
ଥରେ ଭାବି ଦେଖ
ଆମେ କିଏ ?!!

ବାସ୍ତବତାର ସତ୍ୟତା ଉନ୍ମୋଚନ କରିବାରେ ଅସାମର୍ଥ୍ୟ ମଣିଷ ସବୁବେଳେ ଅନ୍ୟଠାରେ ନିଜକୁ ସମର୍ପିତ କରି ଅନାୟାସ ପ୍ରତାରିତ ହୋଇ ଚାଲିଥିବା ସମୟ ସ୍ରୋତର ଏକ ଗୁପ୍ତ ରହସ୍ୟ ଯାହା ସୃଷ୍ଟି ଆରମ୍ଭରୁ ଅଦ୍ୟାବଧି ପ୍ରଚଳିତ ମଣିଷ ସମାଜର ଗୋଟିଏ ଅଲୌକିକ କଳଙ୍କ ! ଆଦି କାଳରୁ ଦୁର୍ବଳଙ୍କୁ ଠକି, ପ୍ରତାରିତ କରି, ପ୍ରଭୁତ୍ୱ ଦେଖାଇ ଆୟାସରେ ଜୀବନ କାଟିବା ସହିତ ପର ପିଢ଼ିଙ୍କ ପାଇଁ ସଂରକ୍ଷିତ କରିବା ଚେଷ୍ଟା ଚତୁରଙ୍କ ଏକ ଅମାନବୀୟ ଚରିତ୍ର ଯାହା ସାଧାରଣରେ ସବୁ ମଣିଷ ବୁଝିନଥାନ୍ତି ! ଅନେକ ସମୟରେ ଚତୁରଙ୍କ ମିଥ୍ୟାଚାରିତା ସାମାଜିକ ଦୁର୍ବଳ ଶ୍ରେଣୀକୁ ପ୍ରତାରିତ କରିବାରେ ସମର୍ଥ ହେଉଥିବାବେଳେ ଆଜି ସମୟର କରାଳତା ଅତୀବ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିବା ଲକ୍ଷ କରାଯାଉଅଛି ! ବାସ୍ତବତାକୁ ନଜରଅନ୍ଦାଜ୍ କରି ସବୁବେଳେ ଅବାସ୍ତବ ମିଥ୍ୟା ପଛରେ ପ୍ରଧାବିତ ଅଜ୍ଞାନ ଶିକ୍ଷିତଙ୍କ ସଂଖ୍ୟା ଆକଳନ ବହିର୍ଭୂତ ! ଆଜିର ଏହି ଅତ୍ୟାଧୁନିକ ମଣିଷ ସମାଜରେ ପାଶ୍ଚାତ୍ୟର ପ୍ରଭାବ ଏବଂ ଚତୁର ବ୍ୟାପାରୀଙ୍କ ହାତମୁଠାରେ ପରିଚାଳିତ ଗଣତନ୍ତ୍ର ଲୋକାଭିମୁଖୀ ହେବା ପରିବର୍ତ୍ତେ ସ୍ୱେଚ୍ଛାଚାରିତା ଆଡ଼କୁ କ୍ଷିପ୍ର ପ୍ରଧାବିତ ହେଉଥିବା ସାଧାରଣ ଲୋକଙ୍କ ଆକଳନ ବହିର୍ଭୂତ ! ତେଣୁ ପ୍ରାୟତଃ ସମସ୍ତ ମଣିଷ ସାମାଜିକ ସ୍ରୋତରେ ନିଜକୁ ଜଡିତ କରି ସମାଜରେ କେବଳ ନିଜର ମିଥ୍ୟା ପ୍ରତିଷ୍ଠା ସୃଷ୍ଟି କରିବାରେ ନିମଗ୍ନ ! ପ୍ରାୟତଃ କହିବାକୁ ଗଲେ ବର୍ତ୍ତମାନର ପ୍ରଚଳିତ ସମସ୍ତ ପ୍ରଥା, ପରମ୍ପରା ଗୁଡିକ କେବଳ ଦୁର୍ବଳଙ୍କୁ ପ୍ରତାରିତ କରି ନିଜସ୍ୱ ସ୍ୱାର୍ଥ ହାସଲ କରିବାରେ ଅତୀବ ସହଯୋଗୀ ହେଉଥିବା ସାଧାରଣ ଲୋକଙ୍କ ଜ୍ଞାନ ବହିର୍ଭୂତ ବିଷୟ !

ଭାରତୀୟ ପରମ୍ପରା, ସଂସ୍କୃତିକୁ ମାନବୀୟତାର ମେରୁଦଣ୍ଡ ଭାବେ ବିଶ୍ୱ ଦରବାରରେ ଉତ୍ତୋଳନ କରିବା ଲକ୍ଷ ରଖିଥିବା କେତେକ ଜ୍ଞାନୀ, ଗୁଣି ଦାର୍ଶନିକଙ୍କ ମତବାଦ ଗୁଡିକ ବିପରୀତେ ପାଶ୍ଚାତ୍ୟର ଅମାନବୀୟ କାର୍ଯ୍ୟ କଳାପ ଗୁଡିକୁ ଆମଦେଶରେ ପ୍ରଚଳନ କରି ଉନ୍ନତିର ମିଥ୍ୟା ନାରା ଦେଇ ସାଧାରଣ ଲୋକଙ୍କ ଜୀବନ ବିପନ୍ନତା ଆଡ଼କୁ ଟାଣିନେବାରେ ବ୍ୟସ୍ତ ଚତୁର ବ୍ୟାପାରୀଙ୍କ ରହସ୍ୟ ଅନୁଭବ ନକରି ସେମାନଙ୍କ ପ୍ରରୋଚନାରେ ପଡି ମଣିଷ ସମାଜ ନିମ୍ନଗାମୀ ହେଉଥିବା ଏକ ଗୁରୁତର ବିଷୟ ! ତଥାପି ସମସ୍ତେ ନିଜସ୍ୱ ସ୍ୱାର୍ଥକୁ ପ୍ରାଧାନ୍ୟତା ଦେଇ କିଛି ନୂତନତାର ସନ୍ଧାନରେ ଲିପ୍ତ ହୋଇ ଦିଗହରା ହେଉଥିବା ସେମାନଙ୍କ ନିଜସ୍ୱ ଆକଳନ ବହିର୍ଭୂତ ହେଉଥିବା ପଛର ରହସ୍ୟ କଣ ବିଚାର କରି ଦେଖିଲେ ଜଣାଯିବ ଯେ............

ମଣିଷ ନିଜ ଜୀବନ କାଳ ମଧ୍ୟରେ ଯାହା ଅର୍ଥ ଉପାର୍ଜନ କରେ ସେଇଥିରେ ସେ କେବେହେଲେ ସନ୍ତୁଷ୍ଟ ହୋଇନଥାଏ ! ଅର୍ଥାତ ଆର୍ଥିକ ଉନ୍ନତିର ସୀମା ନଥାଏ ! ସାଧାରଣ ଲୋକଙ୍କୁ ଏକ ଅପ୍ରାକୃତିକ ମାଧ୍ୟମ ଟଙ୍କା ଏବଂ କୌଣସି ଯୋଗ୍ୟତାର ପ୍ରମାଣପତ୍ର ମଧ୍ୟରେ ସୀମିତ ରଖି ସମସ୍ତ ପ୍ରାକୃତିକ ପରିଚିତି ଲୁଣ୍ଠନ କରିନେବାରେ ବ୍ୟସ୍ତ ଚତୁର ବ୍ୟାପାରୀଙ୍କ ଲକ୍ଷ ଆକଳନ କରି ପାରୁନଥିବା ଅଜ୍ଞାନ ଶିକ୍ଷିତଙ୍କ ଅହଂଭାବ ସମାଜକୁ ଅତୀବ ନୀଚ ସ୍ତରକୁ ଟାଣି ନେଇ ଚାଲିଥିବା ଅସ୍ୱୀକାର କରିହେବନାହିଁ ! ମଣିଷ ଜୀବନର ବାସ୍ତବତା, ରହସ୍ୟ ତଥା ଆନନ୍ଦମୟ ଜୀବନ ଶୈଳୀକୁ ସର୍ବଦା ସଂକୁଚିତ କରି ରଖି ସେମାନଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଅଲୌକିକ ଭାବେ ଲୁଟି ଚାଲିଥିବା ଚତୁରଙ୍କ ରହସ୍ୟ ଉନ୍ମୋଚନ କରାନଗଲେ ମଣିଷ ସମାଜର ବାସ୍ତବ ଉନ୍ନତି ଅସମ୍ଭବ ! ତେଣୁ ବାସ୍ତବ, ଅବାସ୍ତବ, ଏବଂ ପ୍ରାକୃତିକ ଅପ୍ରାକୃତିକ ମଧ୍ୟରେ ଥିବା ପ୍ରଭେଦ ନଜାଣିଲେ ସବୁବେଳେ ମଣିଷ ଏମିତି ପ୍ରତାରିତ ହେଉଥିବା ସୁନିଶ୍ଚିତ ! ଅର୍ଥାତ ସେହି ରହସ୍ୟ ଉନ୍ମୋଚନ କରିବାର ପ୍ରକୃତ ମାର୍ଗ ସାଧାରଣ ଲୋକଙ୍କ ଭାବ ବହିର୍ଭୂତ ରହିଥିବା ପଛରେ ବ୍ୟବସ୍ଥାର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଅଟେ ! କିନ୍ତୁ ଆଜିର ବ୍ୟବସ୍ଥା ସାଧାରଣ ମଣିଷଙ୍କୁ କେବଳ ଅବାଟରେ ନେଇ ସେମାନଙ୍କୁ ଦୁର୍ବଳ କରିବା ଛଡା କୌଣସି ସୁଖ ପ୍ରଦାନ କରିବାରେ ବିଫଳ ରହୁଥିବା ଅତ୍ୟନ୍ତ ପରିତାପର ବିଷୟ ହୋଇପଡିଛି ! ହେଲେ କିଛି ମୁଷ୍ଟିମେୟ ଚତୁରଙ୍କ କବଳରୁ ନିଜେ ଏବଂ ଆମ ଭବିଷ୍ୟ ପିଢିଙ୍କ ସାମ୍ପ୍ରତିକ ଉନ୍ନତିର ଦିଶା ଦେଖାଉଥିବା ମଣିଷ ମାନଙ୍କ ଚତୁରୀର ଶିକାର ନହୋଇ ନିଜସ୍ୱ ଭାବଧାରାକୁ ପରିଷ୍କାର କରି ପ୍ରକୃତିର ବାସ୍ତବତା ଆଡ଼କୁ ମୁହାଁଇଲେ ହୁଏତ କିଛି ପରିବର୍ତ୍ତନ ହେବାର ସମ୍ଭାବନା ଅଛି ଯାହା କେତେଦୂର ସମ୍ଭବ ବିଚାର ଯୋଗ୍ୟ !

ମଣିଷ ନିଜର ପ୍ରକୃତ ପରିଚୟ ନପାଇ କେବଳ ନିଜର ମିଥ୍ୟା ପରିଚୟ ସୃଷ୍ଟି କରି ସମାଜରେ ଯେଉଁ ପ୍ରତିଷ୍ଠା ଲାଭ କରିବା ଉଦେଶ୍ୟରେ ଅସୀମ ଅସାମାଜିକ, ଅମାନବୀୟ କାର୍ଯ୍ୟ କରିଚାଲେ ସେସବୁ ସମ୍ପୂର୍ଣ୍ଣ ଭାବେ ମୂଲ୍ୟହୀନ ! କାରଣ ପ୍ରକୃତି ମଣିଷକୁ ଜନ୍ମଦେଇ ତାକୁ ଯେଉଁ ବାଟରେ ପରିଚାଳିତ କରିବା ଲକ୍ଷ ରଖିଥାଏ ପ୍ରାୟତଃ ସମସ୍ତ ମଣିଷ ତାହାର ବିପରୀତେ ଜୀବନ ଅତିକ୍ରମ କରୁଥିବା ଆଜି ସମୟର ଏକ ବିଡମ୍ବନା ! ମଣିଷ ଯେତେବେଳ ପର୍ଯ୍ୟନ୍ତ ନିଜର ପ୍ରକୃତ ପରିଚୟ ପାଇନାହିଁ ସେ ପର୍ଯ୍ୟନ୍ତ କେତେଯେ ଧନ, ମାନ, ଯଶ, କୀର୍ତ୍ତି, ଏବଂ ପ୍ରମାଣ ପତ୍ର ଏକଠା କରିପାରିଲେ ମଧ ସେସବୁ ଅହେତୁକ ଆନନ୍ଦ ପ୍ରଦାନ କରିପାରିବାରେ ସମର୍ଥ ହେଲେ ମଧ ବାସ୍ତବତାକୁ ଆଖିଠାର ସଦୃଶ୍ୟ ଉପଯୁକ୍ତ ଆନନ୍ଦ ଦେବ ନାହିଁ ! ଅଧିକନ୍ତୁ ଅତ୍ୟାଧୁନିକ ମଣିଷ ପ୍ରାକୃତିକ ଆନନ୍ଦ କଣ, ଜ୍ଞାନ ବହିର୍ଭୂତ ଥିବାବେଳେ ଏହି ଅପ୍ରାକୃତିକ ଛଳନାତ୍ମକ ଆନନ୍ଦକୁ ସର୍ବେସର୍ବା ବୋଲି ବିଚାର କରୁଥିବା ଅତ୍ୟନ୍ତ ପରିତାପର ବିଷୟ ! ତେଣୁ ସଂସାରର ସମସ୍ତ ବିଷୟକୁ ଭଲଭାବେ ବୁଝି ନିଜ ଜୀବନ ଚର୍ଯ୍ୟାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରି ଆନନ୍ଦମୟ ଦୁର୍ଲଭ ମଣିଷ ଜୀବନକୁ ବାସ୍ତବିକ ଉପଭୋଗ କରିବାରେ ନିଜର ପ୍ରକୃତ ପରିଚୟ ଖୋଜି ବାହାର କରିପାରିଲେ ହିଁ ସମ୍ଭବ ହେବ ଯାହା ସାଧାରଣ ଲୋକଙ୍କ ଜ୍ଞାନ ବହିର୍ଭୂତ ବିଷୟ ହୋଇପଡିଛି ଆଜିର ଏହି ମାରାଥନ ଦୌଡରେ ! କିନ୍ତୁ ନିଜସ୍ୱ ବାସ୍ତବ ପରିଚିତି ଆକଳନ କରିବାରେ ଅସାମର୍ଥ୍ୟ ମଣିଷ କେତେଯେ ଦୌଡିଲେ ମଧ ଏହି ମାରାଥନ ଦୌଡରେ କୃତକାର୍ଯ୍ୟ ହେବା ସମ୍ଭବ ହେବନାହିଁ ବୋଲି କେହି ବୁଝିନାହାନ୍ତି ! ତେଣୁ ପ୍ରଥମେ ନିଜର ବାସ୍ତବ ପରିଚୟ ଅନୁସନ୍ଧାନ କଲେ ଦୁନିଆର ସତ୍ୟ ଉନ୍ମୋଚନ କରି ବାସ୍ତବତାକୁ ଅନୁଭବ କରିବା ସମ୍ଭବ ହୋଇପାରିବ ଯାହା କେହି କରିବାରେ ଆଗ୍ରହୀ ନୁହନ୍ତି ! ସେମାନଙ୍କୁ ତାହାର ମାର୍ଗ ଦିଶୁନାହିଁ କାରଣ ସାମାଜିକ ପରିସ୍ଥିତି ହେତୁ ! କିନ୍ତୁ ସେହିସବୁ ବିଷୟରେ ମନୋନିବେଶ କଲେ ଯେ ତାହା ସମ୍ଭବ ହେବ ସେଇଥିରେ ତିଳେ ହେଲେ ଦ୍ୱିଧା ନାହିଁ !

ଆଲେଖ୍ୟଟିର ଶୀର୍ଷକଟି ପ୍ରାଧାନ୍ୟତା ଦିଏ ଯେ ମଣିଷ ଯେତେବେଳ ପର୍ଯ୍ୟନ୍ତ ନିଜର ପ୍ରକୃତ ପରିଚୟ ଅର୍ଥାତ - ବର୍ତ୍ତମାନ ଉପସ୍ଥିତ ସମୟ ପୂର୍ବରୁ ମୁ କେଉଁଠାରେ ଥିଲି, ବର୍ତ୍ତମାନ ଏଠାକୁ କାହିଁକି ଆସିଲି ଏବଂ କେମିତି ଆସିଲି, ପୁଣି ମୁ ଯେତେବେଳେ ଏହିଠାରୁ ଚାଲିଯିବି (ମୃତ୍ୟୁ ପରେ), କେଉଁଠାକୁ ଯିବି, କାହିଁକି ସେଠାକୁ ଯିବି, ଏବଂ କେମିତି ଯିବି ?? ଏହି ଛ'ଟି ପ୍ରଶ୍ନର ଉତ୍ତର ନପାଇଛି କେବଳ ଦର୍ପଣ ସମ୍ମୁଖରେ ଛିଡାହୋଇ ନିଜର ଉପସ୍ଥିତିକୁ ମୁଁ, ମୁଁ ବୋଲି ଭାବୁଥିବା ଏକ ଅଲୌକିକ ବିଷୟ ମଧ୍ୟରେ ସୀମିତ ରହିବା ଛଡା ପ୍ରକୃତ ଜ୍ଞାନ ପାଇବା ଅସମ୍ଭବ ! ଅର୍ଥାତ ନିଜର ବାସ୍ତବ ପରିଚୟ ବିହୀନ ମଣିଷ ନିଜକୁ ନିଜେ ଚିହ୍ନି ନପାରି କେବଳ ମିଥ୍ୟା କୁହେଳିକାର ମରୀଚିକା ମଧ୍ୟରେ ନିଜକୁ ଜଳିପୋଡି ଦୁର୍ଲଭ ମଣିଷ ଜୀବନକୁ ନଷ୍ଟ କରିବା ଛଡା ଆଉ କିଛି ହୋଇନପାରେ ! ଅତଏବ ସେହି ଅଜ୍ଞାନୀ ମଣିଷ କେବଳ ଦିନରାତି ଅନ୍ୟର ପ୍ରରୋଚନାରେ ପଡି ବାସ୍ତବତାକୁ ଉପଭୋଗ ନକରିପାରି ଦେହ ତ୍ୟାଗ କରିବା ଶ୍ରେୟ ହୋଇପଡୁଛି ! ବିଷୟଟିରେ ଉଲ୍ଲେଖିତ ସମସ୍ତ ବିଷୟ ତଥ୍ୟ ଜଡିତ ହୋଇଥିବା ବେଳେ ସେସବୁ ଜାଣିବା ବାସ୍ତବ ସମ୍ଭବ ! କିନ୍ତୁ ପ୍ରଚୁର ଜିଜ୍ଞାସା ସହିତ ଆନ୍ତରିକ ମାନ୍ୟତା ଥିବା ମଣିଷ ପକ୍ଷରେ ସମ୍ଭବ ଯାହା ଅହଂକାରିଙ୍କ ପାଇଁ ଏକ କୌତୁକ ଭଳି ହୋଇପାରେ ! ପୁନର୍ବାର ଜଣେ ମଣିଷ ନିଜର ବାସ୍ତବ ପରିଚୟ ପାଇବା ପରେ ପୃଥିବୀର କୌଣସି ଶକ୍ତି ତାକୁ ପ୍ରତାରିତ କରିପାରିବ ନାହିଁ କାରଣ, ସେତିକି ବେଳକୁ ସେ ତାହାର ଅନ୍ତର୍ଜ୍ଞାନ ସୃଷ୍ଟି କରିବାରେ ସମର୍ଥ ହୋଇ ସାରିଥିବ ଯାହା ସମସ୍ତ ଭଲ, ମନ୍ଦର ତୁଳନାତ୍ମକ ବିଚାର ସୃଷ୍ଟି କରିବାରେ ଯଥେଷ୍ଟ ସହାୟକ ହୋଇଥାଏ ! ତେଣୁ ନିଜର ବାସ୍ତବ ପରିଚୟ ପାଇବା ପୂର୍ବରୁ 'ମୁଁ' ବୋଲି ଅହଂଭାବ ପ୍ରଦର୍ଶନ କରିବା ଏକ ହାସ୍ୟାସ୍ପଦ ପରିଚୟ ଛଡା ଆଉ କିଛି ହୋଇନପାରେ !

ଆପଣଙ୍କ ସଂଶୟ ମୋଚନରେ ଆମର ସହଭାଗୀତା ରହିବ ନିଶ୍ଚୟ ।

ଧନ୍ୟବାଦ ।

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ.
ଦୂରଭାଷ.: ୯୪୩୭୩୨୪୯୧୭.

# ରାଜନୀତିର ପଶାପାଲିରେ ଆଫଗାନିସ୍ଥାନ

**ସୌମେନ୍ଦ୍ର ଜେନା**

ବିଶ୍ୱ ରାଜନୀତିର ପଶାପାଲିର ଗୋଟିରେ ପରିଣତ ହୋଇଛି ଆଫଗାନିସ୍ଥାନ। ଗୋଟିଏ ସମୟରେ ଏକ ଦୁର୍ଦ୍ଧର୍ଷ ରାଷ୍ଟ୍ର ଥିବା ଏହି ଦେଶ ଏବେ ବିଶ୍ୱର ମହାଶକ୍ତିଙ୍କ ହାତରେ ପୁତ୍ତଳିକା ସଦୃଶ ହୋଇଛି। ଗୋଟିଏ ସମୟରେ ଏହାର ପୂର୍ବତନ ଶାସକ ନାଜିବୁଲ୍ଲା ରୁଷିଆର ସେନାଙ୍କ ସହାୟତାରେ ଦେଶ ଚଳାଉଥିଲେ। ଏବେ ଯେମିତି ରାଷ୍ଟ୍ରପତି ଅସ୍ରଫ ଘନି ଆମେରିକା ସେନାଙ୍କର ସହାୟତାରେ ଚଳାଉଛନ୍ତି। ଅତୀତରେ ରୁଷିଆର ସେନାଙ୍କୁ ଏଠାରୁ ହଟାଇବାକୁ ଆମେରିକା ପାକିସ୍ଥାନ ସହାୟତାରେ ଅନେକ ମୁଜାହିଦୀନ ଗୋଷ୍ଠୀକୁ ପ୍ରଶିକ୍ଷଣ ଦେଇଥିଲା, ଯେଉଁମାନେ ପରବର୍ତ୍ତୀ ସମୟରେ ଆମେରିକା-ପାକିସ୍ଥାନ ସେନାର ସହାୟତାରେ ଦେଶରୁ ରୁଷିଆର ସେନାଙ୍କୁ ତଡିବାକୁ ସକ୍ଷମ ହୋଇଥିଲେ। ସେହିସବୁ ଛୋଟ ଛୋଟ ଗୋଷ୍ଠୀଗୁଡ଼ିକ ମଧ୍ୟରେ ପାସ୍ତୁନମାନଙ୍କ ତାଲିବାନ ଗୋଷ୍ଠୀ ସବୁଠୁ ଶକ୍ତିଶାଳୀ ହୋଇ ପରବର୍ତ୍ତୀ କାଳରେ ଆଫଗାନିସ୍ଥାନରେ କ୍ଷମତା ଦଖଲ କରି ସେଠାରେ ସରିୟା ଆଇନ ଲାଗୁ କରିବା ସହ ବର୍ବର ଶାସନ ଚଳାଇଲେ। ତେବେ ପରବର୍ତ୍ତୀ ସମୟରେ ଭସ୍ମାସୁର ପାଲଟିଥିବା ତାଲିବାନ ଆମେରିକା ବିରୋଧରେ କାର୍ଯ୍ୟ କରିବା ଆରମ୍ଭ କଲା। ଗୋଟିଏ ପଟେ ଆଇଏସ୍ ଗୋଷ୍ଠୀର ଶକ୍ତି ବୃଦ୍ଧି, ଅନ୍ୟପଟେ ତାଲିବାନ ଓ ଅଲ୍-କାୟଦାର ଆକ୍ରମଣ ଯୋଗୁ ଆଫଗାନିସ୍ଥାନ, ଇରାକ ଓ ସିରିଆରେ ଲକ୍ଷ ଲକ୍ଷ ଲୋକେ ମୃତ୍ୟୁ ମୁଖରେ ପଡିଲେ ଆଉ ଏହିସବୁ ଦେଶରୁ ସଂଖ୍ୟାଧିକ ଶରଣାର୍ଥୀ ଜୀବନ ବିକଳରେ ଇଉରୋପ ଓ ଏସିଆର ଦେଶଗୁଡିକୁ ଶରଣାର୍ଥୀ ଭାବେ ଗଲେ। ଏହି ଯୁଦ୍ଧର ଘନଘଟାରେ ଅନେକ ସହର ବୋମାମାଡରେ ଛାରଖାର ହୋଇଗଲା। ଆଫଗାନିସ୍ଥାନରେ ମଧ ରୁଷିଆ-ଆମେରିକା ସମର୍ଥିତ ଗୋଷ୍ଠୀଙ୍କ ଲଢ଼େଇରେ ଏକ ନିର୍ଣ୍ଣାୟକ ସମୟ ଆସିବା ପୂର୍ବରୁ ରୁଷିଆର ଅସ୍ଥିରତା ଓ ସୋଭିଏତ ରୁଷର ପତନ ଯୋଗୁ ରୁଷିଆର ସେନା ବାଧ ହୋଇ ପଛକୁ ଫେରିଥିଲେ। ଗତ ତିରିଶ ବର୍ଷରେ ତାଲିବାନ ଶାସନ ଓ ପରେ ଆମେରିକା ସମର୍ଥକ ସରକାର ଆଫଗାନିସ୍ଥାନରେ ଶାସନ କରି ଆସୁଛନ୍ତି।

(କ୍ରମଶଃ)

# ପରୀ ମୃତ୍ୟୁ ଏକ ସାମାନ୍ୟ ଘଟଣା

**ସୁବ୍ରତ କର**



ଏହା ଥିଲା ରାଜ୍ୟର ଏକ ଦୈନିକ ବଡ଼ କାଗଜର ସମ୍ପାଦକଙ୍କ ପ୍ରେସ୍ ବିବୃତି। ସେ ମଧ୍ୟ ଜଣେ ଜଣାଶୁଣା ରାଜନେତା ଏବଂ ନେତା ହିସାବରେ ଅନେକ ଅନୁଭୂତି। ପରେ ଅବଶ୍ୟ ଏହାକୁ ବାଟବଣା କରିଥିଲେ। ସବୁ ରାଜନେତାମାନେ ଯେମିତି କହନ୍ତି ଯେ ମୋର ବିବୃତିକୁ ଠିକ୍ ଭାବରେ ସମାନଙ୍କୁ ଅଣାଯାଇନାହିଁ ବା ଛପା ହୋଇନାହିଁ। ଛାଡ଼ନ୍ତୁ ସେ କଥା ଏବେ ଆସିବା ପରୀର ମୃତ୍ୟୁ ବିଷୟରେ। ସେ ଖାଲି ନୟାଗଡ଼ର ଝିଅ ନୁହେଁ ସେ ଥିଲା ତାର ମା ବାପାର ଏକମାତ୍ର ଗେହ୍ଲି ଝିଅ ଏବଂ ଏବେ ସେ ପାଲଟି ଯାଇଛି ସାରା ରାଜ୍ୟର ଝିଅ। ତାର ବିଭତ୍ସ ମୃତ୍ୟୁ ଖୋଲିଦେଇଛି ବହୁତ ଲୋକଙ୍କ ଅସଲ ମୁଢ଼ା ଏବଂ ସଂକେତ ଦେଇଛି ରାଜ୍ୟରେ ଥିବା ପ୍ରତି ମା ବାପାଙ୍କୁ ଯେ ତମର ମଧ୍ୟ ଏଭଳି ହୋଇପାରେ। ଏ ରାଜ୍ୟ ସରକାରଙ୍କ ଉପରେ ଭରସା କରିବା ବିପଦ। ସ୍କୁଲକୁ ଯାଉଥିବା ପିଲାମାନେ ମଧ୍ୟ ବିପଦମୁକ୍ତ ନୁହଁ। ପିଲା ଘରକୁ ନ ଫେରିଲା ପର୍ଯ୍ୟନ୍ତ ମା, ବାପା ଅସ୍ଥିରତାରେ ରହିବେ।

ଏଇଠି ପ୍ରଶ୍ନ ଉଠୁଛି ଏ ଅସ୍ଥିରତା ତିଆରି କରିବାରେ କେଉଁମାନେ ଦାୟୀ। ପରୀ ଘଟଣା ଆଙ୍ଗୁଳି ନିର୍ଦ୍ଦେଶ କରୁଛି ରାଜନୈତିକ ସହିତ ଜଡ଼ିତ ଥିବା ରାଜନେତାଙ୍କ ଆଡ଼କୁ। ସେ ଅଂଚଳର ଜନପ୍ରତିନିଧି ମାନଙ୍କ ଆଡ଼କୁ। ସିଧାସଳଖ ଟଣା ହେଉଛନ୍ତି ମନ୍ତ୍ରୀ ନିଜେ। ଏତେ କାଦୁଆ ଫିଙ୍ଗା ଚାଲିଛି ଯେ ଲୋକମାନେ ବିବ୍ରତ ହୋଇଗଲେଣି। ଏତେଦିନ ହେଲାଣି ପୋଲିସ କୂଳ କି ନାରା ପାଇନାହାନ୍ତି। ମୁଖ୍ୟ ଅଫିସର ଗତକାଲି ୧୫ଦିନ ସମୟ ମାଗିଛନ୍ତି। ସରକାର ଏସ.ଆଇ.ଟି ବସେଇ ଠିକ କରିଛନ୍ତି କିନ୍ତୁ ଏହାକୁ ସରକାରଙ୍କ ଲୋକ ବା ସରକାରୀ ଲୋକ ବାଟବଣା କରିବେ ନାହିଁ ତ? ଏତେବଡ଼ ପୋଲିସ ଅଫିସର ଏବଂ ଭଲ ଅଫିସର ସେ ବୁଲି ଆସିବା ପରେ ଏବଂ ପରିର ମା ବାପାଙ୍କ ସହିତ କଥା ହୋଇ ଆସିଲା ପରେ ସେ କାହିଁକି ୧୫ଦିନ ସମୟ ନେବେ? ନିଶ୍ଚିତ ପାଣି ସଫା ନୁହ, ଗୋଳିଆ ଅଛି। ସେ ମଧ୍ୟ କିଛି ସେମିତି ସିଧାସଳଖ ଚିନ୍ତା କରିପାରୁନାହାନ୍ତି। ଦୁନିଆରେ ଆଜି ଯେଉଁମାନେ ବଂଚିଛନ୍ତି ସମସ୍ତେ ଦିନେ ନା ଦିନେ ମରିବେ। ପରି ମଧ୍ୟ ମରିଛି କିନ୍ତୁ ଯେଉଁଭଳି ତାର ମୃତ୍ୟୁ ହେଲା ଏହା ସମସ୍ତ ରାଜ୍ୟବାସିଙ୍କ ମନକୁ ଦୋହଲାଇ ଦେଇଛି ଏବଂ ଆନ୍ଦୋଳିତ କରିଛି। ଏପରି ଘଟଣା ଯଦି କୌଣସି ରାଜନେତାଙ୍କର ହୋଇଥାଆନ୍ତା ବା କୌଣସି ମନ୍ତ୍ରୀଙ୍କଠାରେ ହୋଇଥାଆନ୍ତା। ସରକାର କ'ଣ ଏପରି ଢ଼ିଲା ମାରିଥାନ୍ତେ। ସେ ଅଂଚଳର ଜନ ପ୍ରତିନିଧି କହୁଛନ୍ତି ଯେ ସେ ଏଥିରେ ସଂପୃକ୍ତ ନୁହନ୍ତି। ଠିକ୍ କଥା ତେବେ ସେ ନିଜଆଡୁ କାହିଁକି ଚେଷ୍ଟା କରି କହୁନାହାଁନ୍ତି ମୁଁ ପରିର ହତ୍ୟାକାରିକୁ ୩ ଦିନ ମଧ୍ୟରେ ବାହାର କରିଦେବି।

କବିତା କୋଣାର୍କ

## ଶୁଣ ହେ ସୁଜନେ...

**ସୁଦର୍ଶନ ମହାପାତ୍ର**

କି ଗୀତ ଲେଖିବି କହରେ ମନୁଆ
ଛାତି ଭୟେ ଥରଥର
କବାଟ ବାହାରେ ଭୂତ ପରା ଠିଆ
ତାଲା ବନ୍ଦ ମୋର ଘର।
କି କଥା କହିବି କହ ବାଇମନ
ଦେଖି ପ୍ରକୃତିର କୋପ
ପ୍ରଳୟ ରଚୁଛି ସାରା ପୃଥିବୀରେ
କରିଦେବ ସବୁ ଲୋପ।
ଆରମ୍ଭରୁ ଶେଷ ଶେଷରୁ ଆରମ୍ଭ
ଦେଖ ଏ କାଳର ଗତି
ଯୋଦ୍ଧା ହୋଇ ଲଢ଼େ ପ୍ରତିଟି ମଣିଷ
ରଖିବାକୁ ତା'ର ସ୍ଥିତି।
ସବୁକିଛି ଧ୍ୱଂସ ହେବ ସୁଧିଜନେ
ରହିବନି ଅବଶେଷ
ସଭ୍ୟତା ନାମରେ ବିକୃତି ଚାଲିଛି
କ୍ଷମତାର ଅଟ୍ଟହାସ୍ୟ।
ନିଜ ପାଇଁ ଆଜି ଘାତକ ସାଜିଛି
ପ୍ରକୃତି ସହିତ ଖେଳି
ମାନସ ମନ୍ଥନ କରୁଅଛି ଆଜି
ଘରର କବାଟ କିଳି।
ପ୍ରତିଜ୍ଞା କରିଛି ସଂଯମ ଆଚରି
ସୁରକ୍ଷା କବଚ ପିନ୍ଧି
ଜୀବନ ଯୁଦ୍ଧରେ ବିଜୟୀ ହୋଇବ
ନକରି କା'ସହ ସନ୍ଧି।
ଶୁଣ ହେ ସୁଜନେ ପ୍ରାଚୁର୍ଯ୍ୟ ପଛକୁ
ଅବଶୋଷ କାଳେ କାଳେ
ଅନ୍ଧ ଦଉଡ଼ିରୁ ମଣିଷ ଫେରିବ
ପୁଣି ପ୍ରକୃତିର କୋଳେ।

+ କୁଂଜବିହାରୀ ଲେନ, କଟକ

## ଇଚ୍ଛା ହୁଏ- ମନ ଖୋଲି ହସିବାକୁ...

**କୃଷ୍ଣା ମିଶ୍ର**

ପରିଚୟ ମୋ ଶିକ୍ଷୟିତ୍ରୀ
କର୍ମ, ଶିକ୍ଷା ଦାନ ସମାଜରେ
ଆଉ, ଇଚ୍ଛା ମୋର
ମନ ଖୋଲି ହସିବାକୁ ଥରେ...
ହେଲେ କେଉଁଠି ଓ କେବେ,
ପୁଣି କାରଣ ଖୋଜିବାକୁ ପଡ଼େ।
ଭାବିଲି, ହସିବିକି ସମାଜର ସ୍ଥିତି
ଅବା ଜନତାଙ୍କ ଦୁର୍ଦ୍ଦଶା ଉପରେ ?
କିନ୍ତୁ ହସିବ କିପରି !
ଲୁହ ମୋ ଝରିଯାଏ,
ନୟନରୁ ଧାରେ...
ଭାବିଲି ହସିବାକୁ, ଶିକ୍ଷା ନିତୀ,
ପ୍ରଣାଳୀ ଉପରେ
ଅବା ଛାତ୍ରଙ୍କ
ମୂଲ୍ୟ ବୋଧର ଆଧାରେ,
ଭୟ ହୁଏ, ସମାଜର ପ୍ରଶ୍ନୀଳ ଦୃଷ୍ଟିକୁ
ପାରିବିକି ହସି ମନଖୋଲି ଥରେ ? ?
ଇଚ୍ଛା ମୋର ପ୍ରକଟିଲି
ସହକର୍ମୀ ମେଳେ,
କହିଲେ, "ପାଗଳୀ କି ତୁ ହସିବାକୁ
ମନ ବିଦ୍ୟାଳୟେ" ? ?
ପ୍ରଧ୍ୟାପକ କହିଲେ,
"ଅନୁମତି ମୁଁ ଦେବି,
ପ୍ରଶ୍ନଟିର ଉତ୍ତର ଯେ ଦିଅ !
ଶେଷଥର ତୁମେ, କେବେ ହସିଥିଲ" ?
ପ୍ରଶ୍ନଟି ଶୁଣି, ସ୍ତବ୍ଧ ମୁଁ ହେଲି...
ଶେଷ ଥର ପାଇଁ
କେବେ ମୁଁ ହସିଥିଲି !!
ବୋଧହୁଏ, ପ୍ରଥମ ଥର ମା'ଙ୍କ
ଉଷୁମ କୋଳରେ
ଆଉ ଶେଷ ଥର
ତାଙ୍କରି କୋମଳ ପଣତ ତଳେ...
ଇଚ୍ଛା ମୋର ରହିଗଲା,
ମନ ଖୋଲି ହସିବାକୁ ଥରେ...

+ଅଧ୍ୟାପିକା ଓ ପି ଜିନ୍ଦଲ ବିଦ୍ୟାଳୟ
ରାୟଗଡ଼, ଛତିଶଗଡ଼
ମୋ:୯୩୦୧୦୧୨୩୩୩

## ଇଚ୍ଛା ହୁଏ- ମନ ଖୋଲି ହସିବାକୁ...

**କୃଷ୍ଣା ମିଶ୍ର**

ଦୟାହେଉ ଜଗନ୍ନାଥ
ଥଣ୍ଡା କାଶକୁର ନୁହେଁ ସାଧାରଣ
କେବେ ନେବନି ହାଲୁକା
ଗୁରୁତ୍ୱ ନଦେଲେ ଅଳପ ଦିନରେ
ଶେଷ ଜୀବନ ନାଟିକା ।୧।
ଆଖି ପାଟି ମୁହଁ ବହାରେ ନଛୁଅଁ
ମାସ୍କ କର ବ୍ୟବହାର
ଦୁଇଗଜ ଦୂରୀ ବହୁତ ଜରୁରୀ
ରୋକିବାକୁ ସଂକ୍ରମଣ ।୨।
ପୂଜାପାର୍ବଣରେ ପ୍ରଫୁଲ୍ଲ ମନରେ
କରୋନାକୁ ଗଲେ ଭୁଲି
ଲକ୍ଷଲକ୍ଷ ପ୍ରାଣ ଯିବ ଅକାରଣ
ସମାଜ ଯିବ ଦୋହଲି ।୩।
ତୁଙ୍ଗ ନେତାମାନେ କୁହନ୍ତି ଭାଷଣେ
ନିଜେ ରଖ ନିଜ ଧ୍ୟାନ
ଆଜି ସରକାର ଉପାୟ ବିହୀନ
ଆପେ ହୁଅ ସାବଧାନ ।୪।
ସମୂହ ପ୍ରାର୍ଥନା ହେଉ ପ୍ରଭୁ ଘେନା
ଦିଅ ସଦ୍‌ବୁଦ୍ଧି ସୁପଥ
କରୋନାକୁ ମାର ବଂଚାଅ ସଂସାର
ଦୟା ହେଉ ଜଗନ୍ନାଥ ।୫।

+ଇଂ. ବିଦ୍ୟାଧର ପଣ୍ଡା, ଖ-୧୭/୧୫, ପ ଞ୍ଚସଖା ନଗର
ଡୁମୁଡୁମା, ଭୁବନେଶ୍ୱର-୧୯
ମୋ-୯୪୩୯୧୨୮୦୫୦

## ଆଜିର ଗଳ୍ପ

# ଚା ଏବଂ ସ୍ନେହ



ଦୁଷ୍ମନ୍ତ ବେହେରା
ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ: ୯୯୩୭୬୫୨୫୦୪

ମଥାପୁର ଗ୍ରାମରେ ଦୁଇ ସାଙ୍ଗ ଅବିନାଶ ଓ ପ୍ରଭାତ ଛୋଟ ବେଳୁ ଗାଁ ବୁଲି ଗାଁ ବିଦ୍ୟାଳୟରେ ଦୁଇ ବନ୍ଧୁ ପଢୁଥିଲେ । ଦୁଃଖ ଓ ସୁଖ ନିଜ ଭିତରେ ବାଣ୍ଟନ୍ତି । ଦୁହେଁ ଦୁହିଁ ଜଣଙ୍କୁ ନ ଦେଖିଲେ ରହିପାରନ୍ତି ନାହିଁ । ପ୍ରଭାତ ର ବାପା ହରିଦାସ ମହନା ସହରରେ ସରକାରୀ ଚାକିରି କରନ୍ତି । ଛୁଟି ଟିଏ ମିଳିଲେ ସହରରୁ ଗାଁକୁ ବସରେ ଚାଲି ଆସନ୍ତି । ବୟସ ବଢ଼ିବା ସାଙ୍ଗକୁ ଯିବା ଆସିବାର ବାଟରେ କଷ୍ଟ ଅନୁଭବ ହେଉଛି । ହରିଦାସ ମହଡ଼ା ସ୍ଥିର କଲେ ଆଉ ସହରରୁ ଗାଁକୁ ଯିବା ଆସିବା କରିହେବ ନାହିଁ । ହରିଦାସ ମହଡ଼ା ତାଙ୍କ ବାପାଙ୍କୁ କହିଲେ ମୁଁ ମୋ ସ୍ତ୍ରୀ ମୋ ପୁଅ ସହରକୁ ଯାଉଛୁ । ପ୍ରଭାତ ର ସେଠି ନାମ ଲେଖାହେବ ଏବଂ ସେ ସେଠି ପଢ଼ିବ । ଏ କଥା ଶୁଣି ପ୍ରଭାତ ଅବିନାଶର ଘରକୁ ଦୌଡ଼ିଲା ଏବଂ ଅବିନାଶକୁ ଦେଖି କହିଲେ ମୋ ବାପା ମୋତେ ସହରକୁ ନେଇଯିବେ ଏବଂ ସେଠି ବିଦ୍ୟାଳୟରେ ନାମ ଲେଖିଦେବେ। ଦୁହେଁ ଦୁଇଜଣଙ୍କୁ କୁଣ୍ଢା କୁଣ୍ଢି ହେଇ ଆଖିରୁ ଲୁହ ଧାର ଧାର ବୋହି ଆସିଲା । ଅବିନାଶ କହିଲା ତୁ ମତେ ଭୁଲି ଯିବୁନିତ ସାଙ୍ଗ ପ୍ରଭାତ କହିଲା ନାହିଁ ସାଙ୍ଗ କଣ କେବେ ତା ସାଙ୍ଗକୁ ଭୂଲିପାରେ ।

ପ୍ରେମ ଯେବେ ହୃଦୟରେ ହୁଏ
ପ୍ରଥମେ ସାଙ୍ଗକୁ ଦେଖି କୁହେ
ଦୁଃଖ ଯେବେ ମନରେ ହୁଏ
ଉଠରୁ ଆପେ କଥା ବାହାରି ଯାଏ ।
ତୁମ ମୋ ବନ୍ଧୁ ମୁଁ ତୋ ସାଙ୍ଗ
କେମିତି ଭୂଲିଯିବି ତୋ
ମନକୁ ସ୍ମୃତିକୁ ମନରୁ କେମିତି
କାଢ଼ିବି ତୋ ଛବି ଚେହେରାକୁ ।

ମଥାପୁର ଗାଁରୁ ହରଦାସ ମହଡ଼ା ଓ ତାଙ୍କ ସ୍ତ୍ରୀ ଏବଂ ପୁଅ ପ୍ରଭାତ ସହର ବାହାରିଲେ । ସହରରେ ପହଞ୍ଚି ପ୍ରଭାତର ନାମ ଲେଖା ହେଲା । ସେଠି ପ୍ରଭାତ ପାଠପଢ଼ି ଗୋଟିଏ କମ୍ପାନୀରେ ମ୍ୟାନେଜର୍ ପୋଷ୍ଟ ଚାକିରି ପାଇଲେ । ଛବିଶ୍ ବର୍ଷ ପରେ ପ୍ରଭାତର ଗାଁ କଥା ମନେ ପଡ଼ିଲା । ପ୍ରଭାତ ଗାଁକୁ ଫେରିବ ବୋଲି ମନରେ ସ୍ଥିର କଲା ଓ ସାଙ୍ଗକୁ ବହୁ ଦିନୁ ଦେଖିନି ବୋଲି ମନରେ ଉଙ୍କି ମାରିଲା । ସହରରୁ ବସ୍‌ରେ ଗାଁକୁ ଫେରିଲା । ବସଷ୍ଟାଣ୍ଡରେ ଓହ୍ଲାଇ ଗାଁ ଅଭିମୁଖେ ବାହାରିଲା । ଗାଁର ଲୋକେ ଦେଖି ବହୁତ ଖୁସି ହୋଇଗଲେ । ଅବିନାଶ ଘର ଅଭିମୁଖେ ବାହରିଲେ ପ୍ରଭାତ ଘରର କବାଟ ପାଖରେ ପହଞ୍ଚି କବାଟକୁ ଠିକ୍ ଠିକ୍ ଶବ୍ଦ କଲେ । କିଛି ସମୟ ଅପେକ୍ଷା ପରେ କବାଟ ଖୋଲିଲା । ପ୍ରଭାତ ସ୍ତ୍ରୀ ଲୋକକୁ ଦେଖି ପଚାରିଲା ଆପଣ କିଏ ? ମୁଁ ଅବିନାଶଙ୍କ ସ୍ତ୍ରୀ ହେଲେ ଆପଣ କିଏ ? ମୁଁ ପ୍ରଭାତ ଅବିନାଶର ସାଙ୍ଗ । ଓହଃ ସେ ତମ ବିଷୟରେ ସବୁବେଳେ କୁହନ୍ତି । ତୁମେ ସେଇ ପ୍ରଭାତ ? ହଉ ଘର ଭିତରକୁ ଆସ । ପ୍ରଭାତ ଚୌକିରେ ବସିଥାନ୍ତି । କିଛି ସମୟ ପରେ ଅବିନାଶ ଆସି ପହଞ୍ଚିଲେ ଆରେ ପ୍ରଭାତ ତୁ କେତେବେଳେ ? ଆରେ ଅବିନାଶ ମୁଁ ଏବେ ଆସିଛି । ଦୁହେଁ ଦୁହିଁଙ୍କର ଆଖିରୁ ଛଳଛଳ ଧାର ପରସ୍ପର ଆଲିଙ୍ଗନ ବହୁ ବର୍ଷ ପରେ ଦେଖା । ହୃଦୟର ପ୍ରେମ ସତେ ଯେମିତି କହୁଥିଲା ତୁ ମୋ ସାଙ୍ଗ ।

ଯାଉଛିରେ ମନ ଦେଖିଛି ତତେ
ପ୍ରେମ ନୟନରେ ବାନ୍ଧିଛୁ ମତେ
ମୁଁ ଭୁଲି ଯିବି କେମିତିରେ
ଶେଷ ଠିକଣା ରେ...

ଅବିନାଶ ସ୍ତ୍ରୀ ମାଳତୀକୁ କହିଲେ ଆରେ ମୋ ସାଙ୍ଗ ଆସିଛି ଏତେ ବର୍ଷ ପରେ । ଚା କପେ ଆଣ । ମାଳତୀ ହଁ କରି ରୋଷେଇ ଘରକୁ ଚାଲିଗଲେ । ଚା କରିବା ପାଇଁ ଚାହା ଅଛି ଚିନି ଅଛି ହେଲେ ଅମୁଲ୍ ନାହିଁ । ମାଳତୀ ଅବିନାଶକୁ ଡାକିଲେ ଆଗୋ ଶୁଣୁଛ ଟିକେ ଏଆଡ଼େ ଆସିଲ । ଅବିନାଶ ଓ ମାଳତୀ ଫୁସୁରୁ ଫାସିର କଥା ଶବ୍ଦ ଶୁଣି ଆରେ କ'ଣ କହୁଛୁ । ମୁଣ୍ଡ ଲାଜ୍ୟରେ ତଳକୁ ହୋଇଗଲା । ଅବିନାଶର ଘରକୁ ଏତେ ବର୍ଷ ପରେ ମୋ ବନ୍ଧୁ ଆସିଛି ହେଲେ ମୁଁ ଚା କପେ ଦେଇ ପାରୁନାହିଁ । ଧିକ୍ ମୋ ମଣିଷ ପଣିଆକୁ ଧିକ୍ । ପ୍ରଭାତ ଏ କଥା ଶୁଣି ଆରେ ସାଙ୍ଗ ଆଉ ଗୋଟେ ସାଙ୍ଗର ଦୁଃଖ କଥା ଯଦି ନଜାଣି ପାରେ । ସେ ସାଙ୍ଗର ମୂଲ୍ୟ କ'ଣ ? ଆରେ ଅବିନାଶ ତୁ ମାଳତୀକୁ କହ ନାଲି ଚା କପେ କରି ଆଣୁ । କପେ ପିଇ ଦେବା । ଆରେ ଯେଉଁଠାରେ ମନ, ହୃଦୟ, ପ୍ରେମ, ଥାଏ ସେଠି ମନ ଭାଙ୍ଗି ପାରେନା । ଆରେ ମାଳତୀ ପ୍ରଭାତ ଆମର ଏତେ ସମୟ ହେଲା ଆସିଲାଣି ତାକୁ ଭୋକ ହେଉଥିବ । କିଛି ଖାଇବା ବ୍ୟବସ୍ଥା କର । ମାଳତୀ କହିଲା ହଉ ଗୋଟିଏ ଆସନ ପକାଇ ଭାତ ତରକାରୀ ବଢ଼ା ହେଲା ଅବିନାଶ ଡାକିଲେ ଆସ ଖାଇବୁ । ପ୍ରଭାତ କହିଲା ମୁଁ କ'ଣ ଏକୁଟିଆ ଖାଇବି ତୁ ଆସ୍ ଓ ମାଳତୀ ଏକାଠି ଖାଇବା । ମାଳତୀ ଓ ଅବିନାଶ ମୁହଁକୁ ଅନାଇ ଆଖିରେ ଇଶାରା ଦେଲେ ଅବିନାଶ ବୁଝିଗଲେ ଭାତ ହାଣ୍ଡିରେ ଆଉ ଭାତ ନାହିଁ । କେମିତି ବସି ପ୍ରଭାତ ସାଙ୍ଗରେ ଖାଇବେ । ଆରେ ପ୍ରଭାତ ତୁ ଖା ଆମେ ମାଳତୀ ମୁଁ ପରେ ଖାଇବୁ । ନହେଲେ ଅବିନାଶ ତୁ ଆ ମୋ ସାଙ୍ଗରେର ଖାଇବୁ ନ ହେଲେ ମୁଁ ଖାଇବି ନାହିଁ । ଆରେ ମୁଁ କେମିତି କହିବି ପ୍ରଭାତ ଆଉ ହାଣ୍ଡିରେ ଭାତ ନାହିଁ । ଆଖିର ଲୁହ ଠୋପା ଗୁଡିକ କହି ଦେଉଥାଏ ଏ ଦୁଃଖର ଲୁହ । ଅବିନାଶ ଆରେ ମନ ଦୁଃଖ କରନା । ତୁ ପରା ମୋ ସାଙ୍ଗ ଆସ ତୁ ମାଳତୀ ଓ ମୁଁ ଅଧେ ଅଧେ ମିଶି ଖାଇବା । ସାଙ୍ଗର ଦୁଃଖ ଦେଖି ପ୍ରଭାତ କହିଲା ଆରେ ଅବିନାଶ ମୁଁ ସହରରେ ବଡ଼ କମ୍ପାନୀରେ ମ୍ୟାନେଜର ଚାକିରି କରିଛି । ତୁ ମୋ ସାଙ୍ଗରେ ଆସ ତୋ ପାଇଁ ସେଠି ଚାକିରି ଯୋଗାଡ଼ କରିଦେବି ।

ଆମେ ମିଳିମିଶି ହସଖୁସିରେ ରହିବା । ତୁ ପରା ମୋ ସାଙ୍ଗ ।



# ମନ ନିୟନ୍ତ୍ରଣରେ ମିଳେ ଶାନ୍ତି



ମନଜୟ ନିମନ୍ତେ ରଚିତ ଯୋଗସୂତ୍ରରେ ବର୍ଣ୍ଣିତ ଅଷ୍ଟାଙ୍ଗ ଯୋଗର ପ୍ରଥମ ପାଦ 'ଯମ'ରେ ଅହିଂସା ପରେ 'ସତ୍ୟ' ରହିଛି।

ମନରେ ନିୟନ୍ତ୍ରଣ ଓ ମନର ବିଭିନ୍ନ ଭ୍ରାନ୍ତିରୁ ମୁକ୍ତି ହେବା ନିମନ୍ତେ ସତ୍ୟ ଅନୁସରଣ ଅପରିହାର୍ଯ୍ୟ। ସତ୍ୟନିଷ୍ଠ ହେଲେ ମନ ଆପେ ସ୍ଥିର ହୋଇଯାଏ। ଭୟ, ଭ୍ରାନ୍ତି ଓ ଉଦ୍‌ବେଗଜନକ ଦୂର ହୋଇ ଚିରନ୍ତନ ସୁଖ ଓ ଶାନ୍ତି ମିଳିଥାଏ। ଚରିତ୍ରର ପରିବର୍ତ୍ତନ କରି ସତ୍ୟନିଷ୍ଠ ହେବା ବା ସତ୍ୟପଥରେ ଚାଲିବା ସମ୍ଭବ। ଏଥିନିମନ୍ତେ ଚେଷ୍ଟା କରିବା ଦରକାର। ସତ୍ୟ ଚିନ୍ତନ, ସତ୍ୟ କଥନ ଓ ସତ୍ୟ ଆଚରଣ ଆଦି ଏହି ୩ଟି ସ୍ତରରେ ଆମକୁ ସାଧନା କରିବାକୁ ପଡ଼ିବ।

ଯେଉଁ କଥା ଯେମିତି ତାକୁ ଠିକ୍ ସେହି ଭାବେ ଦେଖିବା ଓ ବୁଝିବା ହିଁ ଉପଲବ୍ଧି। ଏହାଛଡ଼ା ବୃହତ୍ତର ସ୍ୱାର୍ଥ ନିମନ୍ତେ କରାଯାଉଥିବା କାର୍ଯ୍ୟ ହିଁ ସତକର୍ମ। କଥାଟି ଠିକ୍‌ଭାବେ ବୁଝିବା ନିମନ୍ତେ ଏକ ଉଦାହରଣ ଦିଆଯାଇପାରେ। ଆପଣ ଏକ ରାସ୍ତାର ଦୋଛକିରେ ବସିଛନ୍ତି। ଗୋଟି, ଝିଅ ଭୟରେ ଦୌଡ଼ି ଆସି ଆପଣଙ୍କ ବାମପଟ ରାସ୍ତାରେ ଚାଲିଗଲା। ଠିକ୍ ତା' ପଛରେ କିଛି ଦୁଷ୍ଟଲୋକ ଗୋଡ଼ାଇ ଆସି ଆପଣଙ୍କୁ ପଚାରିଲେ ଯେ ଝିଅଟି କେଉଁବାଟେ ଗଲା। ଏଠାରେ ଆପଣ ସତ କହିଲେ ଝିଅର କ୍ଷତି ହୋଇପାରେ। ଆପଣ ଏକଲା ଯଦି ଝିଅକୁ ବଞ୍ଚାଇ ପାରିବେ ନାହିଁ, ତେବେ ଆପଣ ଗୁଣ୍ଡାଙ୍କୁ ଡାହାଣ ପଟ ରାସ୍ତାରେ ଝିଅଟି ଯାଇଛି ବୋଲି କହିବା ଆବଶ୍ୟକ। ପ୍ରକୃତରେ ମିଥ୍ୟା ଭାଷଣ ଦେଲେ ମଧ୍ୟ ସତ୍ୟ ଆଚରଣ ବୁଝାପଡ଼େ। ତେଣୁକରି 'ସତ୍ୟ'ର ଅର୍ଥ ନୁହେଁ ଯେ କେବଳ ସତ୍ୟ କଥା କହିବା। କାୟ ମନୋବାକ୍ୟରେ ସତ ଆଚରଣ ହିଁ ସତ୍ୟର ସାଧନା। ସତ୍ୟର ପଥ ଅନୁସରଣ କରୁଥିବା ବ୍ୟକ୍ତି ଅତ୍ୟନ୍ତ ସାହସୀ ଓ ଦୃଢ଼ମନା ହୋଇପାରିବେ। ଜୀବନରେ କୌଣସି କ୍ଷତି ତାଙ୍କୁ ବିଚଳିତ କରିପାରିବ ନାହିଁ। ସତ୍ୟ ସାଧନ ନିମନ୍ତେ ପ୍ରତି କ୍ଷଣରେ ମନ ସାମାନ୍ୟ ମିଥ୍ୟାଗାମୀ ହେବା ମାତ୍ରେ ତାକୁ ବାରଣ କରିବା ଆବଶ୍ୟକ। ସତ୍ୟନୁଷୀ ହେଲେ କିପରି ଶାନ୍ତି, ସାହସ ଓ ସ୍ଥିରତା ମିଳିପାରୁଛି ଏବଂ ମିଥ୍ୟା ପଥରେ ଗଲେ କିପରି ଭୟ, କଷ୍ଟଦାୟକ ମାନସିକ ସ୍ଥିତି ଆସୁଛି, ତାହା ଦେଖିବା ଆବଶ୍ୟକ। ଦୁର୍ନୀତିଗ୍ରସ୍ତ ଲୋକ ଆତ୍ମସମ୍ମାନ ହୀନ ହୋଇ ଚୋର ଭଳି ଜୀବନ ବଞ୍ଚୁଛନ୍ତି। ଆବଶ୍ୟକ ସ୍ଥଳେ ଦଣ୍ଡ ଭୋଗିବା ସହ ନିଜର ପରିବାର ଓ କୁଟୁମ୍ବର ସମ୍ମାନ ସମାଜ ଆଗରେ ହରାଉଛନ୍ତି। ଠିକ୍ ରାସ୍ତାରେ ଚଳୁଥିବା ବ୍ୟକ୍ତି ଗରିବ ହୋଇ ମଧ୍ୟ କିଭଳି ଚିନ୍ତାଶୂନ୍ୟ ଓ ଆତ୍ମସମ୍ମାନର ସହ ବଞ୍ଚି ପାରୁଛି, ତାହା ଅନୁଧ୍ୟାନ କରିବା ଆବଶ୍ୟକ। ଏସବୁ ବିଷୟକୁ ଧୈର୍ଯ୍ୟ ମାଧ୍ୟମରେ ମନରେ ପ୍ରତିଫଳିତ କଲେ, ଏହି ସ୍ୱଭାବ ଆପେ ମନର ଗଭୀର ସ୍ତରରେ ବସା ବାନ୍ଧିବା ସହ ସତ୍ୟ ପଥରେ ଚାଲିବା ନିମନ୍ତେ ଆଗ୍ରହ ବଢ଼ାଇବ। ମଣିଷର ଯେତେ ଧନ, ଦୌଲତ, ମାନ ସମ୍ମାନ ଥିଲେ ମଧ୍ୟ ସେ ଖାଇବା, ପିଇବା, ପିନ୍ଧିବା ସହ ନିଜ ସାମର୍ଥ୍ୟ (ଶାରୀରିକ ଓ ମାନସିକ) ଠୁ ବଳି ଅଧିକ ଭୋଗକରି ପାରିବ ନାହିଁ। ଏହାଛଡ଼ା ନିଜର ମୃତ୍ୟୁକୁ ଗୋଟେ କ୍ଷର ମଧ୍ୟ ଘୁଞ୍ଚାଇ ଦେଇ ପାରିବ ନାହିଁ। ତେଣୁ ଅନୈତିକ ପନ୍ଥାରେ ଧନ ସମ୍ପତ୍ତି ଠୁଳ କରିବାଠୁ ବଳି ମୁର୍ଖାମି ନାହିଁ। ମନୋଜୟ ନିମନ୍ତେ ମନର ପ୍ରତ୍ୟେକ ଦୁର୍ବଳତାକୁ ଦୂର କରିବା ଲାଗି ଚେଷ୍ଟା କରାଯାଇଥାଏ ଏବଂ ବ୍ୟକ୍ତି ମନୋଜୟ ନିମନ୍ତେ ୧ଭାଗ ଚେଷ୍ଟା କଲାବେଳକୁ ମନ ୨ଭାଗ ନିୟନ୍ତ୍ରଣ ହୋଇଥାଏ।

# ଜାଣିବା ପାଇଁ କିଛି ଟିପ୍ସ

**ଅନେକ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଢୁଥିବା ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ । ଏହାର ବଡ଼ କାରଣ ହେଉଛି ସ୍ୱାମୀଙ୍କର ଅନ୍ୟ ମହିଳାଙ୍କ ସହ ସମ୍ପର୍କ । ଯଦି ଆପଣଙ୍କ କ୍ଷେତ୍ରରେ ଏଭଳି କିଛି ଘଟୁଥିବାର ଆପଣ ଆଶଙ୍କା କରୁଛନ୍ତି ତେବେ ନିମ୍ନଲିଖିତ ଟିପ୍ସ ଏଥିରେ କିଛିଟା ସହଯୋଗ କରିପାରେ ।**

୧. ଘରେ ଖଟ ଉପରେ ଶାରୀରିକ ସମ୍ପର୍କ ଅବା ପ୍ରେମ ସମ୍ପର୍କ ସମୟରେ ଯଦି ଆପଣ ସ୍ୱାମୀଙ୍କ ଆଚରଣ ଏବଂ ବ୍ୟବହାରରେ କିଛିଟା ଫରକ୍ ଅନୁଭବ କରାଉଛନ୍ତି ତେବେ ଏହା ମଧ ଏକ କାରଣ ହୋଇପାରେ । ତେଣୁ ଏଥିପ୍ରତି ସଜାଗ ରହିବା ଦରକାର ।

୨. ବିବାହ ପୂର୍ବବର୍ତ୍ତୀ ଏବଂ ବିବାହ ପରେପରେ ସ୍ୱାମୀଙ୍କ ମନଖୋଲା ଖର୍ଚ୍ଚ ସମ୍ପର୍କରେ ଆପଣ ନିଶ୍ଚିତ ଅବଗତ ଥିଲେ । ଯଦି ସମ୍ପର୍କରେ ଦୀର୍ଘ ମାସ ପରେ ଏହି ଧାରା ବଦଳୁଛି ବୋଲି ଆପଣ ଅନୁଭବ କମରୁଛନ୍ତି ତେବେ ଚିନ୍ତାର କାରଣ ମଧ ହୋଇପାରେ । ତେଣୁ ଏ ସମ୍ପର୍କରେ ସ୍ୱାମୀଙ୍କ ସହ ସିଧାସଳଖ କଥାବାର୍ତ୍ତା ହେବା ଦରକାର ।

୩. ଅଧିକାଂଶ ପୁରୁଷ ଅଫିସ ଓ କର୍ମ ସଂସ୍ଥାନରେ ଅନ୍ୟ ସହକର୍ମୀଙ୍କ ସହ ରୋମାନ୍ସରେ ଥିବା ଘଟଣା ଦେଖିବାକୁ ମିଳେ । ଯଦି ଆପଣଙ୍କୁ ଆପଣଙ୍କ ସ୍ୱାମୀ ଅଫିସରେ ପାର୍ଟି ଏବଂ ଅନ୍ୟ ସହଯୋଗୀଙ୍କ ପାରିବାରିକ ଉତ୍ସବରେ ନେଉନାହାଁନ୍ତି ତେବେ ଏହା ମଧ ସନ୍ଦେହକୁ ଜନ୍ମ ଦିଏ ।



# ଡାଳିମ୍ବ ମଞ୍ଜି ଚିକେନ୍ କରୀ

**ଆବଶ୍ୟକ ସାମଗ୍ରୀ:**

ଚିକେନ୍- ୧ କିଲୋ, ଦହି-୩ ଚାମଚ, ରସୁଣ ପେଷ୍ଟ- ଅଧା ଚାମଚ, ରିଫାଇନ୍‌ଡ ତେଲ-୨ ଚାମଚ, ଟମାଟୋ ପ୍ୟୁରୀ-୪ ଚାମଚ, ଡାଳିମ୍ବ ମଞ୍ଜି-୧ କପ୍, ଜିରା ପାଉଡର ୧ ଚାମଚ, ଘିଅ-୧ ଚାମଚ, ଅଦା ପେଷ୍ଟ-ଅଧା ଚାମଚ, ଲଙ୍କା ଗୁଣ୍ଡ-୧ ଚାମଚ, କାଜୁ ପେଷ୍ଟ-୧ ଚାମଚ, ପିଆଜ-୩ ଟି (କଟାଯାଇଥିବ), ଗରମ ମସଲା- ୧ ଚାମଚ ।

**ପ୍ରଣାଳୀ:**

ପ୍ରଥମେ ଚିକେନକୁ ମେରିନେଟ୍ କରାଯିବ । ସେଥିପାଇଁ ଚିକେନରେ ଅଦା ପେଷ୍ଟ, ଲଙ୍କା ଗୁଣ୍ଡ ଓ ଲୁଣ ମିଶାଇ ଗୋଳେଇ ଅଧଘଣ୍ଟା ରଖିଦିଅନ୍ତୁ । ଅଧଘଣ୍ଟା ପରେ ଏକ ପ୍ୟାନରେ ତେଲ ଗରମ କରି ସେଥିରୋ ମେରିନେଟ୍ କରାଯାଇଥିବା ଚିକେନ୍‌କୁ ପକାଇ ସିଝିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଏବେ ଅନ୍ୟ ଏକ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ କଟାଯାଇଥିବା ପିଆଜ ପକାଇ ୫ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ । ଭଜା ପିଆଜକୁ ମିକ୍ସିରେ ପେଷ୍ଟ କରନ୍ତୁ । ଏବେ ଡାଳିମ୍ବ ମଞ୍ଜିର ଜୁସ୍ ବାହାର କରାଯିବ । ପ୍ୟାନ୍‌ରେ ତେଲ ଓ ଘିଅ ଗରମ କରି ସେଥିରେ ଅଦା ଓ ରସୁଣ ପେଷ୍ଟ ପକାଇ ୪ ମିନିଟ୍ ପର୍ଯ୍ୟନ୍ତ ଭାଜିବା ପରେ ଜିରା ଓ ଲଙ୍କା ପାଉଡର, ଦହି, ପିଆଜ ପେଷ୍ଟ, କାଜୁ ପେଷ୍ଟ, ଟମାଟୋ ପ୍ୟୁରୀ ଓ ଗରମ ମସଲା ପକାଇ ଗୋଳେଇ ଦିଅନ୍ତୁ ଓ ୧୦ ମିନିଟ୍ ରାନ୍ଧନ୍ତୁ । ଏବେ ଏହି ମିଶ୍ରଣରେ ଚିକେନ ଖଣ୍ଡ ପକାଇ ପାଣି ଢ଼ାଳି ଘୋଡ଼େଇ ଦିଆଯିବ । ୧୦ ମିନିଟ୍ ପରେ ଡାଳିମ୍ବ ରସ ପକାଇ ୩ ମିନିଟ୍ ଆହୁରି ରାନ୍ଧିବାକୁ ହେବ । ଏହା ପରେ ଗ୍ୟାସ ବନ୍ଦ କରି ଫ୍ରେସ୍ କ୍ରିମ୍ ଓ ଡାଳିମ୍ବ ମଞ୍ଜି ପକାଇ ସର୍ଭ କରନ୍ତୁ ।



# ସକାଳର କାମ



ଏବର ବ୍ୟସ୍ତଭରା ଜୀବନରେ ଲୋକଙ୍କର ଦୈନନ୍ଦିନ କାର୍ଯ୍ୟଶୈଳୀ ପ୍ରଭାବିତ ହେବା ସହ ପରିବର୍ତ୍ତନ ହୋଇଛି। କେବଳ ଭାରତ ନୁହେଁ, ପ୍ରାୟ ସମସ୍ତ ରାଷ୍ଟ୍ରରେ ଶୀଘ୍ର ଶଯ୍ୟା ତ୍ୟାଗ କରିବା ଏକ ଉତ୍ତମ ଦିନଚର୍ଯ୍ୟା ଭାବରେ ଗ୍ରହଣ କରାଯାଏ। ହେଲେ କାର୍ଯ୍ୟଭାରରେ ଯେପରି ଲୋକେ ଏହି କଥାକୁ ଭୁଲିବାକୁ ବସିଲେଣି। ସର୍ବେକ୍ଷଣରୁ ପ୍ରକାଶିତ ଯେ କେବଳ ଭାରତ ଓ ଜାପାନରେ କେତେକ ଅଂଚଳରେ ଲୋକେ ବର୍ତ୍ତମାନ ଭୋର ସମୟରେ ଶଯ୍ୟା ତ୍ୟାଗ କରୁଛନ୍ତି। ଭାରତରେ ଶୀଘ୍ର ଶଯ୍ୟା ତ୍ୟାଗ ନିୟମରେ ଦକ୍ଷିଣ ଭାରତୀୟ ସର୍ବାଗ୍ରେ ରହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏ ବାବଦରେ କେତେକ ତଥ୍ୟମାନ ପ୍ରକାଶ କରିଛନ୍ତି।

♦ ପରୀକ୍ଷାରୁ ଜଣାପଡ଼ିଛି ଯେ ସକାଳ ୮ଟା ପୂର୍ବରୁ ଶଯ୍ୟା ତ୍ୟାଗ କରୁଥିବା ଲୋକ ଖୁବ କମ୍ ଅବସାଦଗ୍ରସ୍ତ ହୋଇଥାନ୍ତି।

♦ ସକାଳୁ ଉଠି ବିଭିନ୍ନ ପ୍ରକାର ଘରୋଇ କାମ କଲେ ମସ୍ତିଷ୍କ କାର୍ଯ୍ୟକ୍ଷମ ହୋଇଥାଏ। ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକେ ପ୍ରତ୍ୟହ ସକାଳେ କିଛିକିଛି ଘର କାମ କଲେ ସେମାନେ ବେଶ୍ ଫୁର୍ତ୍ତି ଅନୁବ କରୁଥିବା ଗବେଷକମାନେ ପରୀକ୍ଷାରୁ ପ୍ରକାଶ କରିଛନ୍ତି।

♦ ଯୁବପିଢ଼ି ଶଯ୍ୟା ତ୍ୟାଗ କରି କିଛି ସମୟ ଧ୍ୟାନରେ ବସିବା ଉଚିତ। ଏପରି କଲେ ସେମାନଙ୍କ ଅବସାଦ କମ ହୋଇଥାଏ। ଶଯ୍ୟା ତ୍ୟାଗପରେ କିଛି ସମୟ ଛାତ ଉପରେ କିମ୍ବା ଖୋଲା ଜାଗାରେ ଭ୍ରମଣ କରିବା ଭଲ।

# କଦଳୀ, ବେସନ୍ ପ୍ୟାକ୍

କଦଳୀରେ ଜଳୀୟ ଅଂଶ ଏବଂ ପଟାସିୟମ ପ୍ରଚୁର ପରିମାଣରେ ରହିଛି, ଯାହା ଶୁଷ୍କ ତ୍ୱଚା ପାଇଁ ଉପଯୋଗୀ । ତ୍ୱଚାରେ ଦେଖାଯାଉଥିବା କୁଞ୍ଚ ବା ରିଙ୍କଲର କ୍ଷେତ୍ରରେ କଦଳୀ ଅତ୍ୟନ୍ତ ଉପଯୋଗୀ । ଏକ ପରିଷ୍କାର ପାତ୍ରରେ କିଛି ପାଚିଲା କଦଳୀ ଖଣ୍ଡ ନେଇ ସେଥିରେ କିଛି ଗୋଲାପ ଜଳ ଏବଂ କଞ୍ଚା କ୍ଷୀର ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ସେହି ପେଷ୍ଟକୁ ମୁହଁ, ବେକ ବେକ ପଛରେ ଲଗାଇ ୧୫ରୁ ୨୦ ମିନିଟ ଝାଡ଼ି ଦିଅନ୍ତୁ । ନଖ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ । ସପ୍ତାହକୁ ଏହି ମିଶ୍ରଣ ଦୁଇଥର ପ୍ରୟୋଗ କରନ୍ତୁ । ଏହା ଫଳରେ ଆପଣଙ୍କ ତ୍ୱଚା ନରମ ହେବ । ବିଶେଷ କରି ଶୁଷ୍କ ତ୍ୱଚା ନିମନ୍ତେ ଏହି ପେଷ୍ଟ ଅତ୍ୟନ୍ତ ଉପଯୋଗୀ ହେବ ।





# ଶୀତଦିନିଆ ସୁଆଦିଆ ଆଚାର

ଶୀତୁଆ ସକାଳ ଜଳଖିଆରେ ଗରମଗରମ ପରଟା ସହ ଚଟଣି କିମ୍ବା ଆଚାର ମିଳିଗଲେ, ମନ ତୃପ୍ତ ହୋଇଯାଏ । ପରଟାର ସ୍ୱାଦକୁ ଅଧିକ ମଜାଦାର କରିବାକୁ ହେଲେ ଚଟଣି ସଙ୍ଗେ ସଙ୍ଗେ ତିଆରି କରନ୍ତୁ । କେତୋଟି ଚଟଣିର ପ୍ରସ୍ତୁତି ଏହିପରି କଲେ ଅଧିକ ସୁଆଦିଆ ଲାଗେ ।

-ଟମାଟୋ ଚଟଣି- ଫାଳେ ଟମାଟୋ ଓ ପିଆଜକୁ କାଟି ଗ୍ରାଇଣ୍ଡିଂ କରିନେବେ । ଏବେ ଚୁଲାରେ କଡ଼େଇ ବସାଇ ୧ ଚାମଚ ତେଲ ଗରମ କରିବେ । ଅଧ ଚାମଚ ସୋରିଷ, ୨ଟା ଶୁଖିଲା ଲଙ୍କା ଭଲରେ ଫୁଟିବା ପରେ ବଟା ଟମାଟୋ- ପିଆଜକୁ ମିଶାଇ ଘୋଡ଼ଣି ଦେବେ । ୧ ମିନିଟ୍ ପରେ ଚୁଲା ବନ୍ଦ କରି ଗରମାଗରମ ପରଟା ସହ ଚଟଣିର ମଜା ନିଅନ୍ତୁ ।

-ନଡ଼ିଆ ଚଟଣି- ସ୍ୱାସ୍ଥ୍ୟ ପାଇଁ ଏହା ଏକ ଭଲ ଖାଦ୍ୟ । ଫାଳେ ନଡ଼ିଆକୁ ବାଟି ରଖିବେ । ଏବେ ପ୍ୟାନ୍‌ରେ ତେଲ ଗରମ କରି ଲଙ୍କା, ସୋରିଷ ଛୁଙ୍କକୁ ନଡ଼ିଆ ବଟାରେ ଦେଇ ପରଷି ଖାଆନ୍ତୁ ।

# ନିଶା ସୁନ୍ଦରୀର ମାୟାଜାଲରେ ଭୁବନ

## ଖୁଲମଖୁଲା ଚାଲିଛି ମଦ ଓ ଗଞ୍ଜେଇ ବେପାର, ମଦୁଆ ଗଡୁଛନ୍ତି ରାସ୍ତାରେ, ଅବକାରୀ ବିଭାଗ ନିଶାରେ ଲାଭରେ ଚୋରା ବେପାରୀ, କ୍ଷତିରେ ସରକାରୀ ଲାଇସେନ୍ସଧାରୀ

ଭୁବନ,୬।୧୨ (ନି.ପ୍ର): ମଦ ଓ ଗଞ୍ଜେଇ ଏବେ ଭୁବନରେ କାୟା ବିସ୍ତାର କରିଛି । ସବୁ ସ୍ଥାନରେ ଏବେ ଖୁଲମଖୁଲା ବିକ୍ରି ଚାଲିଛି । ଏହାକୁ ଖାଇବା ପାଇଁ ଯୁବକମାନେ ମଧ ପାଗଳ । ସମ୍ପ୍ରତି ବହୁ ଦୋକାନରେ ଏହା ଏବେ ଉପଲବ୍ଧ ହେଲାଣି । ଭୁବନ ଏନଏସିରେ ୩ଟି ଠିପିଖୋଲା ବାର୍ ସହିତ ଗୋଟିଏ ଠିପିବନ୍ଦ ବିଦେଶୀ ମଦ ଦୋକାନ ଓ ଗୋଟିଏ ସରକାରୀ ଦେଶୀ ମଦ ଭାଟି ରହିଥିବା ବେଳେ ଭୁବନ ବ୍ଲକର ଦୟଣାବିଲି ଓ ନୂଆହାଟରେ ଗୋଟିଏ ଲେଖାଁଏ ବିଦେଶୀ ଠିପିବନ୍ଦ ମଦ ଦୋକାନ ରହିଛି । ଚନ୍ଦାର ଓ ନୟାନୀଳକଣ୍ଠପୁରରେ ଗୋଟିଏ ଲେଖାଏ ଦେଶୀ ମଦଭାଟି ମଧ ଖୋଲିଛି । ଭୁବନ ଏନଏସିର ନିର୍ଦ୍ଦିଷ୍ଟ ଗୋଟିଏ ୱାର୍ଡ ସମେତ ବ୍ଲକର ମଧ ନିର୍ଦ୍ଦିଷ୍ଟ ଭାବେ ୩/୪ ଟି ଗ୍ରାମରେ ରନ୍ଧା ଦେଶୀ ମଦ ବିପୁଳ ପରିମାଣରେ ପ୍ରସ୍ତୁତି ହୋଇ ସ୍ଥାନୀୟ ଅଂଚଳରେ ବିକ୍ରି ହେବା ସହିତ ଆଖପାଖ ବିଭିନ୍ନ ଅଂଚଳକୁ ଚାଲାଣ ହେଉଛି । ଅଧିକ ଦାମ ଯୋଗୁ କେତେକ ଲୋକ ବିଦେଶୀ ମଦ ପରିବର୍ତ୍ତେ ଶସ୍ତାରେ ମିଳୁଥିବା ରନ୍ଧା ଦେଶୀ ମଦ ଉପରେ ନିର୍ଭର କରୁଛନ୍ତି । ଗାଁ ଗାଁ ରେ ଚୋରା ମଦ ବେପାରୀ ଓ ମୋବାଇଲ ବେପାରୀ ସକ୍ରିୟ ରହି ଫୋନ ପାଇବା ମାତ୍ରେ ସଙ୍ଗେସଙ୍ଗେ ମାଲ୍ ହାଜର କରିଦେଉଛନ୍ତି । ପୋଲିସ ଓ ଅବକାରୀ ବିଭାଗ ଏ ସମସ୍ତ ସ୍ଥାନରୁ ମାସିକିଆ ବଟି ନେଇ ଚୁପ ରହୁଛନ୍ତି ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି । ତା ସାଙ୍ଗକୁ ପୋଲିସ ଓ ଅବକାରୀ ବିଭାଗ ମଧରେ ସମନ୍ୱୟ ରହୁନଥିବାରୁ ବେଳେବେଳେ ଅବକାରୀ ବିଭାଗ କର୍ମଚାରୀମାନେ ମଦ ମାଫିଆଙ୍କ ଆକ୍ରୋଶର ଶିକାର ହେଉଛନ୍ତି । ପୋଲିସ ମୋଟାଅଙ୍କର ମାଲ୍ ନେଇ ମାଫିଆଙ୍କୁ ସମର୍ଥନ କରି ଅବକାରୀ କର୍ମଚାରୀଙ୍କୁ ମାଡ ଖୁଆଉଛି ବୋଲି ମଧ ଚର୍ଚ୍ଚା ହେଉଛି । ନକଲି ତଥା ଚୋରା ମଦ ବେପାରୀଙ୍କ ପ୍ରତି ରୀତିମତ ଚଢାଉ/କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା କାରଣରୁ ନକଲି ତଥା ଅତ୍ୟଧିକ ନିଶାଯୁକ୍ତ ମଦ ପିଇ ମଦୁଆ ରାସ୍ତାରେ ଗଡୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ ପାନ ଦୋକାନରେ ଦେଶୀ,ବିଦେଶୀ ମଦ ର ଅବାଧ କାରବାର ଚାଲିଥିବା ସହ କୋର୍ଡ ୱାର୍ଡ (ରାଜା) ନାମରେ ଗଞ୍ଜେଇ ସିଗାରେଟ ପ୍ରବଳ ମାତ୍ରାରେ ବିକ୍ରି ହେଉଛି । ଗୋଟିଏ ପ୍ୟାକେଟ ଗଞ୍ଜେଇ ସିଗାରେଟ (ରାଜା) ର ଦାମ ପ୍ରାୟ ୧୦୦ ଟଙ୍କାରୁ ଆରମ୍ଭ କରି ରୁ ୧୫୦ / ୨୦୦ ଶହ ଟଙ୍କାରେ ବିକ୍ରି ହେଉଛି । ଆଗରୁ ବିଭିନ୍ନ ଅଂଚଳରେ ଲୁଚା ଚୋରାରେ ମିଳୁଥିବା ବେଳେ ଏବେ କିନ୍ତୁ ଗଳିକନ୍ଦି ସବୁ ଜାଗାରେ ମିଳୁଛି । ପୂର୍ବରୁ ଗଞ୍ଜେଇ ନାଁ ଶୁଣିଲେ ଲୋକେ ଯେଉଁପରି ପ୍ରତିକ୍ରିୟା ପ୍ରକାଶ କରୁଥିଲେ ଏବେ କିନ୍ତୁ ଏହା କ୍ରମଶଃ ସାଧାରଣ କଥାରେ ପରିଣତ ହୋଇଗଲାଣି । ବହୁ ଯୁବକ ସମ୍ପ୍ରତି କୁପଥର ପଥିକ ହୋଇ ବିପଦଗାମୀ ମଧ ହୋଇଗଲେଣି। ଏଥିପାଇଁ ଚୋରି ଡକାୟତି ମାଡପିଟ ଆଦି ଘଟଣା ଦେଖିବାକୁ ମିଳୁଛି । ମଦ,ଗଞ୍ଜେଇ ସିଗାରେଟ କିଣିବାପାଇଁ ଅର୍ଥର ଆବଶ୍ୟକତା ରହିଛି । ଏଥିପାଇଁ ଆବଶ୍ୟକ ହେଲେ ବେଆଇନ କାର୍ଯ୍ୟ କରିବାକୁ ଯୁବକମାନେ ପଛାଉନାହାଁନ୍ତି । ଗଞ୍ଜେଇ ସିଗାରେଟରେ ଡ୍ରଗ୍ସ ମିଶାଇ ଯୁବକଙ୍କୁ ଅଧିକ ଦାମରେ ବିକ୍ରି କରାଯାଉଥିବା ଶୁଣିବାକୁ ମିଳୁଛି । ଗାଁ ଗହଳିରେ ନକଲି ତଥା ଚୋରା ବିଦେଶୀ ଓ ପାଉଚ ମଦର ବନ୍ୟା ଯୋଗୁ ସରକାରୀ ଲାଇସେନ୍ସ ପ୍ରାପ୍ତ ଦୋକାନ ଘାଟାରେ ଚାଲିଛି । କିଛି ସ୍ଥାନରେ ବେଆଇନ ଭାବେ ମଦ ରନ୍ଧାଯାଇ ଚୋରାରେ ମଦ ଅଣାଯାଇ ବିଭିନ୍ନ ଲୋକଙ୍କୁ ଖୁଚୁରା ବିକ୍ରୟ ପାଇଁ ଦିଆଯାଉଛି । ସରକାର ମଦରୁ ବିପୁଳ ରାଜସ୍ୱ ପାଉଥିବା ଯୋଗୁ ମଦ ବିକ୍ରିକୁ ପ୍ରୋତ୍ସାହନ ଦେଉଥିବା ବେଳେ ପୋଲିସ ଓ ଅବକାରୀ ବିଭାଗର ମାସିକିଆ ବଟିଖିଆ ନୀତି ଯୋଗୁ ଲାଇସେନ୍ସଧାରୀ ମାନେ ସରକାରଙ୍କୁ ଟିକସ ଦେଇନପାରି ହତାଶ ହୋଇ ପଡୁଛନ୍ତି । ସତେ ଯେମିତି ନିଶା ସୁନ୍ଦରୀର ମାୟା ଜାଲରେ ଭୁବନର ଯୁବକ ମାନେ ଫଶିଯାଇଛନ୍ତି ! ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦୃଢ ଦାବି ହୋଇଛି ।

## ସ୍ୱିକ୍ଆଉଟ୍ ଫର ମେଡିକାଲ କଲେଜ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଭଦ୍ରକ,୬।୧୨ (ନି.ପ୍ର): ସ୍ୱିକ୍ ଆଉଟ୍ ଫର ଭଦ୍ରକ ମେଡିକାଲ କଲେଜ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ କୌଣସି ପରିଶ୍ରମ, ସମୟ ଓ ଟଙ୍କା ଖର୍ଚ୍ଚ ନକରି ଭଦ୍ରକ ଜିଲାର ବୃହତ୍ ସ୍ୱାର୍ଥକୁ ସଂପୂର୍ଣ୍ଣ କରିବା ପାଇଁ ଭଦ୍ରକ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ସର୍ବବୃହତ୍ ଜନଆନ୍ଦୋଳନରେ ସାମିଲ ହେବା, କୌଣସି ରାଜନୈତିକ ସଂଗଠନ, କୌଣସି କ୍ରିୟାନୁଷ୍ଠାନ କମିଟି ବା ସାମାଜିକ ସଂଗଠନ ଏହି ଆନ୍ଦୋଳନ ପଛରେ ବା ସମ୍ମୁଖରେ ନାହାଁନ୍ତି। ମାତ୍ର ଏହି ସୋସିଆଲ ମିଡିଆ ପ୍ଲାଟ୍ଫର୍ମଟି ସମସ୍ତ ଭଦ୍ରକ ଜିଲାବାସୀଙ୍କ ନିଜସ୍ୱ ହୋଇଥିବାରୁ ନିଜେ ଯୋଦ୍ଧା ହୋଇ ନିଜ ନ୍ୟାର୍ଯ୍ୟ ଦାବୀ ପୂର୍ଣ୍ଣ କରିବା, ଏହି ପ୍ଲାଟଫର୍ମ କୌଣସି ରାଜନୈତିକ ଦଳର ହୋଇନଥିବାରୁ ବା ଏହି ଆନ୍ଦୋଳନରେ କାହାର ନେତୃତ୍ୱ, ଆବାହକତ୍ୱ ନଥିବାରୁ ଏଥିରେ ସାମିଲ ହୋଇ ଯେତେଦିନ ପର୍ଯ୍ୟନ୍ତ ମେଡିକାଲ କଲେଜ ସ୍ଥାପନ ହୋଇ ସେତେଦିନ ପର୍ଯ୍ୟନ୍ତ ଏଥିରେ ସାମିଲ ହୋଇ ଜନ ଆନ୍ଦୋଳନକୁ ଏକ ବିଶାଳ ଗଣ ଆନ୍ଦୋଳନରେ ପରିଣତ କରିବା ଏହି ସୋସିଆଲ ମିଡିଆର ମୂଳ ଲକ୍ଷ୍ୟ ବୋଲି ଏହାର ସଂଯୋଜକ ଜ୍ୟୋତିପ୍ରକାଶ ମହାନ୍ତି ଓ ପ୍ରକାଶଜ୍ୟୋତି ମହାକୁଡ ଆଜି ସ୍ଥାନୀୟ ଟାଉନ୍‌ହଲ୍ ସମ୍ମୁଖରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି। ଏହି ଦୁଇ ସଂଯୋଜକ ଗଣମାଧ୍ୟମକୁ ଦେଇଥିବା ସୂଚନା ମୂଳେ ଦୀର୍ଘ ଦୁଇ ଦଶନ୍ଧି ଧରି ଭଦ୍ରକରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ଜିଲାବାସୀ ଆନ୍ଦୋଳନ କରୁଥିବାବେଳେ ଆଜି ପର୍ଯ୍ୟନ୍ତ ତାହା ସ୍ଥାପନ ହୋଇପାରୁନାହିଁ। ବିଗତ ଦିନମାନଙ୍କରେ ବହୁ ବୁଦ୍ଧିଜୀବୀ, ଯୁବ ଛାତ୍ର, ରାଜନୈତିକ ଦଳ, ସାମାଜିକ ସଂଗଠନ ପକ୍ଷରୁ ଏହାର ପ୍ରତିଷ୍ଠା ନେଇ ଆନ୍ଦୋଳନ, ଧାରଣା, ରାସ୍ତାରୋକ, ଦସ୍ତଖତ ଅଭିଯାନ, ଏପରିକି ଜିଲା ବନ୍ଦ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ବରଂ ଅନ୍ୟ ଜିଲାମାନଙ୍କରେ ସରକାରଙ୍କ ପକ୍ଷରୁ ମେଡିକାଲ କଲେଜ ସ୍ଥାପନ ହେବ ବୋଲି ଆନୁସଙ୍ଗିକ ଘୋଷଣା ହେଲା। ତେଣୁ ଏକ ନୂଆ ରୂପରେ ନୂଆ ଧାରାରେ ଏହି ସୋସିଆଲ ମିଡିଆ ପ୍ଲାଟ୍ଫର୍ମ ମାଧ୍ୟମରେ ଯେଉଁ ଆନ୍ଦୋଳନ ଆରମ୍ଭ କରାଯାଉଛି, ସେଥିରେ କେବଳ ଭଦ୍ରକ ଜିଲା ନୁହେଁ ଏହି ଜିଲା ସଂଲଗ୍ନ ପଡୋଶୀ ଜିଲାର ଜନସାଧାରଣ ମଧ୍ୟ ସାମିଲ ହେବେ। ଏହି କ୍ୟାମ୍ପେନ ମାଧ୍ୟମରେ ପ୍ରତି ଜିଲାବାସୀ କୌଣସି ନେତୃତ୍ୱ ବା ସଂଗଠନରେ ନିଜ ନିଜର ଦାବି ଉପସ୍ଥାପନ କରିବେ। ସୋସିଆଲ ମିଡିଆରେ ବିଭିନ୍ନ ପ୍ଲାଟ୍ଫର୍ମ ଯଥା ଫେସ୍‌ବୁକ୍, ହ୍ୱାଟସ୍ଆପ ଗ୍ରୁପ୍, ଷ୍ଟାଟସ୍, ଇନ୍‌ଷ୍ଟାଗ୍ରାମ୍, ଟୁଇଟର ଓ ୟୁଟ୍ୟୁବ୍ ମାଧ୍ୟମରେ ଭିଡିଓ ଅପଲୋଡ କରିବା ସହ ନିଜ ନିଜର ମତାମତ ଓ ଦାବି ଜଣାଇ ଆନ୍ଦୋଳନ କରିପାରିବେ। ଏହି ଆନ୍ଦୋଳନ ମାଧ୍ୟମରେ ଯେଉଁ ବିଶାଳ ଜନ ଆନ୍ଦୋଳନ ଗଢିଉଠିବ, ତାହା ଓଡ଼ିଶାରେ ଆଗରୁ କେବେ ବି ହୋଇନଥିବା ବିଷୟ ଏହି ଦୁଇ ସଂଯୋଜକ ସୂଚନା ଦେଇଛନ୍ତି।

## ଖାଦ୍ୟ ଅନ୍ୱେଷଣରେ ସହର ମୁହାଁ ମାଙ୍କଡ ପଲ

ନୂଆପଡା,୬।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହରରେ ମାଙ୍କଡ ପଲଙ୍କ ଉତ୍ପାତ ବୃଦ୍ଧି ପାଉଛି । ଜଙ୍ଗଲ କ୍ଷୟ ଓ ଜଙ୍ଗଲ ଧ୍ୱଂସ କାରଣରୁ ଏହି ମାଙ୍କଡ ମାନେ ଖାଦ୍ୟାଭାବ କାରଣରୁ ସହର ମୁହାଁ ହେଉଥିବା ଲୋକେ ପ୍ରକାଶ କରନ୍ତି । ଖଡିଆଳ ସହର ଆଖପାଖରେ ଥିବା ଜଙ୍ଗଲରୁ ମାଙ୍କଡ ମାନେ ସହର ମୁହାଁ ହୋଇ ସହର ଭିତରେ ଦିନରାତ୍ରୀ ରହି ଯାଉଛନ୍ତି । ସେମାନେ ସହର ମଧ୍ୟରେ ଥିବା ଗଛ, ପତ୍ର ମାନଙ୍କରେ ରହୁଥିବା ବେଳେ କେହି କେହି ଖାଇବାକୁ ଦେଲେ ଖାଉଛନ୍ତି । ଅନ୍ୟପକ୍ଷରେ ଖଡିଆଳ ସହରରେ ଗତ ୫ ବର୍ଷରୁ ଅଧିକ ହେବ ମାଙ୍କଡ ଉତ୍ପାତ ବୃଦ୍ଧି ପାଇଛି । ଗରିବ ଶ୍ରେଣୀର ଲୋକେ ଚାଳ ଛପରରେ ଘର ନିର୍ମାଣ କରି ରହିଥିବା ବେଳେ ଏହି ମାଙ୍କଡ ଦଳ ସେହି ଚାଳ ଛପର ଉପରେ ଯିବା ଆସିବା କରି ଘରକୁ ନଷ୍ଟ କରୁଥିବା ଦେଖିବାକୁ ମିଳିଛି । ଏନେଇ ବନ ବିଭାଗକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ। ବିଶେଷ କରି ଜଙ୍ଗଲ ଧ୍ୱଂସ କାରଣରୁ ବନ୍ୟ ଜୀବଯନ୍ତୁ ମାନେ ସହର ଓ ଗାଁ ମୁହାଁ ହେଉଥିବା ବୁଦ୍ଧିଜୀବୀ ମତ ପ୍ରକାଶ କରନ୍ତି ।

# ଦଳିତ ସମାଜ ଆମ୍ବେଦକରଙ୍କ ନୀତି ଆଦର୍ଶକୁ ଅନୁସରଣ କରିବା ଉଚିତ୍

କେନ୍ଦ୍ରାପଡ଼ା,୬।୧୨ (ନି.ପ୍ର): ଭାରତ ରତ୍ନ ଡ଼ଃ ଭିମରାଓ ଆମ୍ବେଦକର ସମସ୍ତ ପ୍ରତିକୂଳ ପରିସ୍ଥିତି, ଓ ନିନ୍ଦା ଅପମାନ କୁ ସହନ କରି ନିଜର ସାଧନା, ଅଧ୍ୟବସାୟ ବଳରେ ଉଚ୍ଚଶିକ୍ଷା ଲାଭକରି ଦଳିତ ସମାଜର ଉନ୍ନତି ପାଇଁ ଏକ ନୂତନ ମାର୍ଗ ଦେଖାଇ ଯାଇଛନ୍ତି । ସାମାଜିକ ବିସଙ୍ଗତି ର ଚିରନ୍ତନ ସମାଧାନ ଶିକ୍ଷାଲାଭରେ ରହିଛି । ଶିକ୍ଷା ଓ ଜ୍ଞାନ ବୃଦ୍ଧି ଦ୍ୱାରା ସେ ତତ୍କାଳିନ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ସହ ସର୍ବ ଭାରତୀୟ ନେତୃବୃନ୍ଦଙ୍କ ସହ ମହାତ୍ମାଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରିପାରି ଥିଲେ । ତାଙ୍କ ଭାଷାରେ କହିବାକୁ ଗଲେ, ସେ କହୁଥିଲେ- ଶିକ୍ଷିତ ହୁଅ, ସଂଗଠିତ ହୁଅ ଓ ସାମାଜିକ କୁରୀତି ଓ ଅପସଂସ୍କାର କୁ ଦୂର କରିବା ପାଇଁ ସଂଗ୍ରାମ କର । ସେ ହେଉଛନ୍ତି ସେ ସମୟର ଅଦ୍ୱିତୀୟ ଜ୍ଞାନୀ, ବିଦ୍ୱାନ୍ ଓ ଆମ ଭାରତୀୟ ସମ୍ବିଧାନ ର ରଚୟିତା । ତାଙ୍କ ମାର୍ଗରେ ଅନୁପ୍ରାଣୀତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବିଧାନ ଦିବସ ପାଳନ କରିବା ଓ ତାଙ୍କ ଜନ୍ମସ୍ଥାନ ଓ ତାଙ୍କର ଶେଷ ସଂସ୍କାର ସ୍ଥାନକୁ କିର୍ତୀସ୍ଥାନ ରୂପେ ସଂରକ୍ଷିତ ରଖିଛନ୍ତି ବୋଲି ଓଡିଶା ବିଧାନ ସଭାର ବିରୋଧୀ ଦଳର ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଦିପ୍ତ ନାୟକ ମତବ୍ୟକ୍ତ କରିଥିଲେ । ଜିଲ୍ଲା ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ସମ୍ବିଧାନ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ମୋର୍ଚ୍ଚା ଜିଲ୍ଲା ସଭାପତି ମାଧବ ମଲିକଙ୍କ ଅଧକ୍ଷତାରେ ଇଛାପୁର ର ଓମ୍ ମଣ୍ଡପ ଠାରେ ଆୟୋଜିତ ଏହି ସମାବେଶ ରେ ଜିଲ୍ଲା ସଭାପତି କିଶୋର ପଣ୍ଡା, ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡଃ ବିଭୁ ପ୍ରସାଦ ତରାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ, ସୁନାକର ବେହେରା, ଉମାକାନ୍ତ ପଟ୍ଟନାୟକ, ବିଜୟ ପ୍ରଧାନ, ମାନସ ମହାନ୍ତି, ଆଇଟି ସେଲର ସଂଯୋଜକ ଅବିମନ୍ୟୁ ଗୋଛାୟତ, ନେହେରୁ ସାହୁ, ଭକ୍ତବନ୍ଧୁ ମିଶ୍ର, ନାରଦ ବିଶ୍ୱାଳ, ଉପିନ ରାଉତ, ଦିଲିପ ଦାସ, ଲଲାଟ କେଶରୀ ସାମଲ, ଉମାକାନ୍ତ ନାୟକ, ଭାରତୀ ସାମଲ ଓ ପ୍ରଭାତୀ ସେଠୀ ପ୍ରମୁଖ ବହୁ ଜିଲ୍ଲା ସ୍ତରୀୟ ନେତା ଏହି ସମାବେଶରେ ବକ୍ତବ୍ୟ ପ୍ରଦାନ କରିଥିଲେ । କେନ୍ଦ୍ରାପଡା ଗସ୍ତ ସମୟରେ ଶ୍ରୀ ନାୟକ ବଳଦେବଜୀୟୁଙ୍କ ମନ୍ଦିର ଅରୁଣ ସ୍ତମ୍ଭ ନିକଟରେ ବଡ ଠାକୁର ଶ୍ରୀ ବଳଦେବଜୀୟୁଙ୍କ ଦର୍ଶନ ସମୟରେ ମନ୍ଦିର ର ସେବକ ମାନେ ବିଭିନ୍ନ ଦାବି ଓ ମନ୍ଦିର ଖୋଲିବା ପାଇଁ ସରକାରଙ୍କ ଉପରେ ଚାପ ପକାଇବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ୯ ମାସ ହେବ ମନ୍ଦିର ବନ୍ଦ ରହିଥିବାରୁ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଦର୍ଶନରୁ ବଂଚିତ ହେବା ସହ ସେବକ ମାନଙ୍କ ଜୀବିକା ଉପରେ ଗଭୀର ପ୍ରଭାବ ପଡିଛି । ଏହି କାର୍ଯ୍ୟକ୍ରମରେ ବିଜେପି ଅନୁସୂଚିତ ଜାତି ସେଲର ବହୁ କର୍ମକର୍ତ୍ତା ଓ ମହିଳା ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ପରୀକୁ ନ୍ୟାୟ ଦାବିରେ ଏବିଭିପି ତରଫରୁ ବିକ୍ଷୋଭ

ଭୂବନ,୬।୧୨ (ନି.ପ୍ର): ନୟାଗଡ ଜିଲ୍ଲା ଯଦୁପୁର ଗ୍ରାମର ନାବାଳିକା ଝିଅ ପରୀ ହତ୍ୟାକାଣ୍ଡର ଦୀର୍ଘ ୪ ମାସ ବିତିଯାଇଥିବା ବେଳେ ସରକାର ଏବଂ ପୋଲିସ ପ୍ରଶାସନ ହତ୍ୟାକାରୀକୁ ସୁରକ୍ଷାଦେବା ସକାଶେ ଅହେତୁକ ବିଳମ୍ବ କରୁଥିବା ଅଭିଯୋଗ କରି ପରୀ କୁ ତୁରନ୍ତ ନ୍ୟାୟ ପ୍ରଦାନ, ହତ୍ୟାକାରୀକୁ ଫାଶି ଦଣ୍ଡ ଦେବା ଦାବିରେ ଏବିଭିପି ଭୁବନ ଶାଖା ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଭୁବନ ଶାଖା ନଗର ସମ୍ପାଦକ ଜଗବନ୍ଧୁ ସାହୁ ଙ୍କ ନେତୃତ୍ୱରେ ଧୀରେନ୍ଦ୍ର ପୃଷ୍ଟି,ଚନ୍ଦନ ସାହୁ,କମଳ ସାହୁ,ହାପି ମହାଳିକ,ସିପିନା ନାୟକ,ଜଗନ୍ନାଥ ସାହୁ,ମିଥୁନ ସାହୁ,ସାଗରିକା ସାହୁ ପ୍ରମୁଖ ବିଦ୍ୟାର୍ଥୀ ମାନେ ୫୩ ନମ୍ବର ଜାତୀୟ ରାଜପଥର କାଳୀବଜାର ସ୍ଥିତ ସହିଦ ବାଜିରାଉତଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇ ବିକ୍ଷୋଭ କରିବା ସହ ସରକାରଙ୍କ କାର୍ଯ୍ୟକୁ ତୀବ୍ର ନିନ୍ଦା କରି ମନ୍ତ୍ରୀ ଅରୁଣ ସାହୁ ଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବାକୁ ଦାବି କରିଥିଲେ ।

## ଡ଼ିସେମ୍ବର ୮ ଭାରତ ବନ୍ଦ ଡ଼ାକରାକୁ ମୟୂରଭଞ୍ଜ ସିପିଆଇ ପକ୍ଷରୁ ସମର୍ଥନ ଘୋଷଣା

ବାରିପଦା,୬।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ଭୂଲ ଓ ବିପଦଜନକ ନିଷ୍ପତି ଫଳରେ ଭାରତ ଅର୍ଥନୀତିକ ସଙ୍କଟ ମଧ ଦେଇ ଗତି କରୁଛି । ଦେଶରେ ସମସ୍ତ ସାମଗ୍ରୀଗୁଡ଼ିକର ମୂଲ୍ୟବୃଦ୍ଧି, ବେକାରୀ ବୃଦ୍ଧି ସହିତ ତାଳ ଦେଇ କର୍ପୋରେଟରମାନଙ୍କର ଲୁଟ ମଧ ବଢ଼ିଛି । କେନ୍ଦ୍ର ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ ଆଣି ଜନଜୀବନକୁ ଅସ୍ତବ୍ୟସ୍ତ କରାଇ ଦେଇଥିବା ବେଳେ ପୁଞ୍ଜିପତି ଓ ଶିଳ୍ପପତିମାନଙ୍କୁ କଳାଧନକୁ ଧଳା କରାଇବା ନିମନ୍ତେ ନୋଟବନ୍ଦୀ, ତାଲାବନ୍ଦ ପରେ ଦେଶର ପ୍ରମୁଖ ଅନ୍ନଦାତା ସଂଗଠନ ତଥା ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ପରାମର୍ଶ ନ ନେଇ ୩ଟି କୃଷି ଓ କୃଷକ ବିରୋଧୀ କଳା ଆଇନ ପାରିତ କରାଇ କୃଷକର ଅଧିକାରକୁ ଛଡ଼ାଇ ନେଇ କୃଷି କାର୍ଯ୍ୟରେ ପୁଞ୍ଜିବାଦୀ ବ୍ୟବସ୍ଥାକୁ ବଳପୂର୍ବକ ଲଦି ଦେଇଛନ୍ତି । ଯାହାଫଳରେ ଆଜି ସମଗ୍ର ଦେଶରେ କୃଷକ ଆନ୍ଦୋଳନ ଓ ବିଦ୍ରୋହ ମୁଣ୍ଡ ଟେକି ଉଠିଛି । ଉକ୍ତ କଳା କୃଷି ଆଇନ ବାତିଲ କରାଯିବା ଦାବିରେ ସର୍ବଭାରତୀୟ କୃଷକ ସଂଗଠନ ପକ୍ଷରୁ ଡ଼ିସେମ୍ବର ୮ ମଙ୍ଗଳବାର ଦିଆଯାଇଥିବା ଭାରତ ବନ୍ଦ ଡ଼ାକରାକୁ ସର୍ମନ ଜଣାଛି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ମୟୂରଭଞ୍ଜ ଶାଖା । ଏଥି ସହିତ ପାର୍ଟିର ସମସ୍ତ ଗଣସଂଗଠନ ବନ୍ଦ ଆନ୍ଦୋଳନକୁ ସମର୍ଥନ ଓ ସହଯୋଗ ଜାରି ରଖି ରାଜରାସ୍ତାକୁ ଓହ୍ଲାଇବ ବୋଲି ସିପିଆଇର ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର ପ୍ରେସ ଇସ୍ତାହାରରେ ଗଣମାଧ୍ୟମକୁ ସୂଚନା ଦେବା ସାଙ୍ଗକୁ ସଫଳ କରାଇବା ନିମନ୍ତେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

# ଜିଲ୍ଲାସ୍ତରୀୟ ମୃତ୍ତିକା ଦିବସ ପାଳିତ

ଝାଡ଼ସୁଗୁଡା ,୬।୧୨ (ନି.ପ୍ର): ବିଶ୍ୱ ମୃତିକା ଦିବସ ଅବସରରେ ଆଜି ଜିଲ୍ଲା ସ୍ତରୀୟ ମୃତିକା ଦିବସ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ମାଟିର ସଂରକ୍ଷଣ ଏକାନ୍ତ ଜରୁରୀ ଓ ଏଥିପାଇଁ ପ୍ରଯୁକ୍ତି ବିଦ୍ୟାର ସଠିକ ଉପଯୋଗରେ ମାଟିର ସୁ - ପରିଚାଳନା ସହ ଖାଦ୍ୟର ଗୁଣାତ୍ମକତାକୁ ସଂରକ୍ଷିତ ରଖିବା ମଧ ଆବଶ୍ୟକ ବୋଲି ଜିଲ୍ଲାପାଳ କହିଥିଲେ । ମାଟିର ସୁରକ୍ଷା ଓ ସାରର ସଠିକ ଉପଯୋଗ ଦୃଷ୍ଟିରୁ ଚାଷୀମାନେ ପ୍ରଶିକ୍ଷିତ ହେବାର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ପରିଷଦ ଉପାଧକ୍ଷ୍ୟା ପଙ୍କଜିନୀ ପ୍ରଧାନ , ଝାରସୁଗୁଡ଼ା ପ ଂଚାୟତ ସମିତି ଅଧକ୍ଷ ଦିଗାମ୍ବର ଭୋଇ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ , ଚାଷୀମାନେ ଅଧିକ ଅମଳ ପାଇଁ କୃଷି ବୈଜ୍ଞାନିକ ଓ କୃଷି ଅଧିକାରୀମାନଙ୍କ ପରାମର୍ଶ ନେବାକୁ କହିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ‘ଆତ୍ମା ‘ ବିଜୟ କୁମାର ରଥ ମୃତିକା ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ସାମଲ ଚାଷୀମାନଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ବଂଟନ କରିଥିଲେ । ଝାରସୁଗୁଡ଼ା ମୃତିକା ପରୀକ୍ଷାଗାରର ମୃତିକା ରସାୟନବିତ ତିଳତମା ମହାକୁଡ଼ ମାଟିର ସ୍ୱାସ୍ଥ୍ୟ ପରୀକ୍ଷା ସହ ଜୈବିକ ସାର ପ୍ରୟୋଗ ଓ ମୃତିକା ସ୍ୱାସ୍ଥ୍ୟ କାର୍ଡ଼ ସମ୍ପର୍କରେ ଆଲୋଚନା କରିଥିଲେ । କୃଷି ବୈଜ୍ଞାନିକ ଜ୍ୟୋତିର୍ମୟୀ ଉଦଗାତା ମାଟିର ଗୁଣାବଳୀ , ଉର୍ବରତା ଓ ଉପକାରୀ ଅଣୁଜୀବ ସମ୍ପର୍କରେ ବୁଝାଇଥିଲେ । ଏହି ଅବସରରେ ମତ୍ସ୍ୟ ବିଭାଗ , ଉଦ୍ୟାନ କୃଷି ବିଭାଗ ଆଦି ବିଭାଗୀୟ ଅଧିକାରୀ ସମ୍ପୃକ୍ତ ବିଭାଗର ଯୋଜନା ସମ୍ପର୍କରେ ଆଲୋଚନା କରି ଏହି ଯୋଜନା ଦ୍ୱାରା ଚାଷୀମାନେ କିପରି ଉପକୃତ ହୋଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ । ଉପ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ଝାରସୁଗୁଡ଼ା ବ୍ଲକ କୃଷି ଅଧିକାରୀ ନୀଳମଣି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲି ବୋଝେଇ ହାଇୱାଠାରୁ ଜୋରିମାନ ଆଦାୟ

ହରିଚନ୍ଦନପୁର,୬।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଦାୟିତ୍ୱରେ ଥିବା ତହସିଲଦାର ଗୋଟିଏ ବାଲି ବୋଝେଇ ହାଇୱା ଠାରୁ ୧୦ହଜାର ଟଙ୍କା ଯୋରିମାନା ଆଦାୟ କରିଛନ୍ତି । ଖବର ଅନୁଯାୟୀ ଏହି ହାଇୱା ଆନନ୍ଦପୁର ବୈତରଣୀ ନଦୀରୁ ବାଲି ବୋଝେଇ କରି ହରିଚନ୍ଦନପୁର ଜଙ୍ଘିରା ଅ ଂଚଳରେ ବିକ୍ରି କରିଥାନ୍ତି । ବାଲି ବୋଝେଇ କରି ଆସୁଥିବା ସମୟରେ ହରିଚନ୍ଦନପୁର ଗାନ୍ଧିଛକ ନିକଟରେ ତହସିଲଙ୍କ ନଜର ପଡ଼ିଥିଲା । ଉକ୍ତ ଗାଡ଼ିରୁ ଯୋରିମାନା ଆଦାୟ କରିବା ସହ ଗାଡିଗୁଡିକର କାଗଜପତ୍ର ଯା ଂଚ ନିମନ୍ତେହରିଚନ୍ଦନପୁର ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି ।

# ପୁଲିସ ବଦଳିକୁ ନେଇ ସପକ୍ଷ ବିପକ୍ଷବାଦୀଙ୍କ ଛକାପଞ୍ଝା

## ଦ୍ୱନ୍ଦରେ ଜନତା, ବାରି ହେଉଛି ରାଜନୈତିକ ବାସ୍ନା ହାଜତ ମୃତ୍ୟୁର ଗମ୍ଭୀରତାକୁ ଫୁସ୍ କରିବା ପାଇଁ ଯୋଜନା

ପୁରୀ,୬।୧୨ (ନି.ପ୍ର): ଗତ ନଭେମ୍ବର ୧୮ ତାରିଖରେ କେ. ରମେଶ ଜଣେ ଯୁବକ ହାଜତ ମୃତ୍ୟୁ ହୋଇଛି ବୋଲି ଅଭିଯୋଗ ହୋଇଥିଲା । ଏହାକୁ ନେଇ ୨୦ଦିନ ହେଲାଣି ପୁରୀରେ ଏହାକୁ ନେଇ ସପକ୍ଷ ଓ ବିପକ୍ଷବାଦୀଙ୍କ ଶୋଭାଯାତ୍ରା, ବିକ୍ଷୋଭ, ଦାବିପତ୍ର ଦିଆଯାଉଛି । ଏହି ଘଟଣାରେ ପୂର୍ବତନ ଏସପି ଅଖିଳେଶ୍ୱର ସିଂଙ୍କୁ ବଦଳି କରାଯିବା ସହ ତିନିଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି । ତଥାପି ପୁରୀରେ ଆନ୍ଦୋଳନ ଥମୁନାହିଁ । ଏସପିଙ୍କ ବଦଳି ବାତିଲ ପାଇଁ ଗୋଟିଏ ଯୁବଗୋଷ୍ଠୀ ପ୍ରଥମେ ଶୋଭଯାତ୍ରା କରିଥିଲେ । ପରେ ପରେ ଗୋଟିଏ ପ୍ରଭାବଶାଳୀ ରାଜନୈତିକ ଦଳ ପକ୍ଷରୁ ବାଇକ ଶୋଭଯାତ୍ରା ଅନୁଷ୍ଠିତ ହୋଇଥିଲା । ଅନ୍ୟପକ୍ଷରେ ଗୋଟିଏ ରାଜନୈତିକ ଦଳପକ୍ଷରୁ କେ.ରମେଶଙ୍କ ଘରକୁ ଯିବା, ତାର ପରିବାରକୁ ଆର୍ଥିକ ସାହାର୍ଯ୍ୟ କରିବା ଓ ଘଟଣାର ସତ୍ୟତା ପାଇଁ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ଦାଏର କରାଯାଇଛି । ଅନ୍ୟପକ୍ଷରେ ଜଣେ ଶ୍ରମିକ ନେତା ଆଇନଜୀବି ଶରତ ରାୟଗୁରୁଙ୍କ ପକ୍ଷରୁ ଓଡିଶା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା କରାଯାଇଛି । ରମେଶଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା ସଂପର୍କରେ ମାନ୍ୟବର କୋର୍ଟଙ୍କୁ ଶପଥପାଠ ଜରିଆରେ ଜଣାଇଛନ୍ତି । ଏହି ଘଟଣା ପରେ ଥାନା ଅଧିକାରୀଙ୍କ ବଦଳି ବାତିଲ କରିବା ପାଇଁ ଗୋଟିଏ ବ୍ୟବସାୟୀ ଗୋଷ୍ଠୀ ଦୁଇଥର ଶୋଭାଯାତ୍ରା କଲେଣି । ସପକ୍ଷ ବାଦୀ ଓ ବିପକ୍ଷବାଦୀଙ୍କ ଶୋଭାଯାତ୍ରାକୁ ସହରର ସାଧାରଣ ଜନତା ଏବେ ଦ୍ୱନ୍ଦରେ ପଡିଛନ୍ତି । ପୁରୀ ଓକିଲ ସଂଘର କେତେକ ଯୁବ ଆଇନଜୀବି ନୂଆ ଏସପିଙ୍କୁ ଭେଟି ଆଇଆଇସିଙ୍କ ବଦଳି ଦାବି କରୁଥିବା ବେଳେ ମା ମଶାଣୀଚଣ୍ଡି କ୍ଷୁଦ୍ର ପରିବା ବ୍ୟବସାୟୀ ସଂଘ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପୁରୀରେ ଏବେ ଚର୍ଚ୍ଚା ହେଉଛି କେ.ରମେଶ କିପରି ମଲା, ତା ଦେହରେ କେମିତି ଦାଗ ରହିଲା, ପଥରରେ ପଡି ମଲା କି ପବନ ଠେଲି ପକାଇଦେଲା ତାକୁ ନେଇ ସନ୍ଦେହ ଉପୁଜୁଛି । ଯଦି ପୁଲିସ ସହ ଧସ୍ତାଧସ୍ତି ହେଲା ତେବେ କେତେଜଣ ପୁଲିସ ଆହତ ହୋଇଥିଲେ । ତାଙ୍କର ଇଞ୍ଜୁରି ରିପୋର୍ଟ ରହିଛି କି ନାହିଁ ତାକୁ ନେଇ ସାଧାରଣରେ ଆଲୋଚନା ହେଉଛି । ଏଣେ ଯୁବ ଆଇନଜୀବିମାନେ ନିରୀହ ପୁଲିସ ନିଲମ୍ବିତ ହୋଇଥିବା ବେଳେ ଆଇଆଇସି ଖସି ଯିବା ପାଇଁ ଚକ୍ରାନ୍ତ କରୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି । ମୀନ ଖସିଗଲା ଭାଳୁର ରହିବା ନେଇ ସହରରେ ଚର୍ଚ୍ଚା ହେଉଛି । ପୁରୀସହରରେ ପୁଲିସ ଅଧିକାରୀ ଓ ଏସପିଙ୍କ ବଦଳିକୁ ନେଇ ଏତେ ଶୋଭଯାତ୍ରା ଆଗରୁ ଦେଖିବାକୁ ମିଳିନଥିଲା । ଏହି ଘଟଣାରେ ରାଜନୈତିକ ବାସ୍ନା ବାରି ହେଉଥିବାରୁ ଦିନକୁ ଦିନ ଏହି ଘଟଣା ଗୋଳିଆ ପାଣିରେ ପରିଣତ ହେଲାଣି । ହାଜତ ମୃତ୍ୟୁ ଗମ୍ଭୀରତାକୁ ପୁସ କରିବା ପାଇଁ ଏହାଏକ ବୌଦ୍ଧିକ ଚକ୍ରାନ୍ତ ବୋଲି ସହରରେ ଚର୍ଚ୍ଚା ହେଉଛି ।

## ମାଓ ଅଧ୍ୟୁଷିତ ଅଂଚଳରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ

କନ୍ଧମାଳ,୬।୧୨ (ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକର ମାଓ ଅଧ୍ୟୁଷିତ ଅ ଳ ଭାବେ ପରିଚିତ ଖମନଖୋଲ ଠାରେ ଆଜି ସିଆରପିଏଫ୍ ୧୨ ବାଟାଲିୟନ୍ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି-ବୌଦ୍ଧ-ବଲାଙ୍ଗିର ଜିଲାର ସୀମାନ୍ତରେ ଥିବା ଖମଣଖୋଲ ପଂଚାୟତ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆସିଷ୍ଟାଣ୍ଡ କମାଣ୍ଡେଣ୍ଟ ସହଦେବ ସିଂଙ୍କ ନେତୃତ୍ୱରେ ସମସ୍ତ ଯବାନ ଏଥିରେସାମିଲ୍ ହୋଇ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରକୁ ସଂପୂର୍ଣ୍ଣଭାବେ ସଫେଇ କରିଥିଲେ । ଇନିସପେକ୍ଟର ରାଜେନ୍ଦ୍ର ପ୍ରସାଦ ଯୋଶୀ ,ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ାକ୍ତର ସାଇ ପ୍ରସାଦ ମିଶ୍ର , ଫାର୍ମାସିଷ୍ଟ ସତ୍ୟ ନାରାୟଣ ପ୍ରଧାନ ,ଏଏନ୍ଏମ୍ ଓ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ମଧ୍ୟ ଏହି ସଫେଇ କାର୍ଯ୍ୟରେ ସାମିଲ୍ ହୋଇଥିଲେ । ଗୋଟିଏ ପଟେ ମାଓବାଦୀଙ୍କ ସହିଦ୍ ସପ୍ତାହ ଚାଲିଥିବା ବେଳେ ଅନ୍ୟପଟେ ସ୍ୱାଚ୍ଛ ଭାରତ କାର୍ଯ୍ୟକ୍ରମ ଚାଲିଥିବା ସ୍ଥାନ ଠାରୁ ମାତ୍ର ୫ କିଲୋମିଟର ଦୂରରେ କିଛିଦିନ ପୂର୍ବେ ମାଓବାଦୀ ମାନେ ରାସ୍ତାକାମକୁ ବିରୋଧ କରି ରାସ୍ତା କାମରେ ଠିକାସଂସ୍ଥା ପକ୍ଷରୁ ନିୟୋଜିତ ଥିବା ଚାରୋଟି ଗାଡ଼ିକୁ ପୋଡ଼ି ଦେଇଥିଲେ । ଏହାକୁ ନଜରରେ ରଖି କଡ଼ା ସୁରକ୍ଷା ମଧ୍ୟରେ ଏହି ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଭଳି କାର୍ଯ୍ୟକୁ ପଂଚାୟତବାସୀ ବେଶ୍ ପ୍ରଶଂସା କରିଛନ୍ତି ।

## ଶ୍ରୀ ବଳଦେବଜୀୟୁ ମଣ୍ଡଳର ପ୍ରଶିକ୍ଷଣ ଶିବିର ଉଦ୍ୟାପିତ

କେନ୍ଦ୍ରାପଡ଼ା,୬।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପରିଷଦ ୮ନଂ ଜୋନ ଶ୍ରୀ ବଳଦେବଜୀୟୁ ମଣ୍ଡଳର ୨ ଦିନିଆ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍ୟାପିତ ହୋଇଯାଇଛି । ମଣ୍ଡଳ ସଭାପତି ଉମାକାନ୍ତ ନାୟକ ଏଥିରେ ଅଧକ୍ଷତା କରିଥିଲେ । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିର ରେ କପାଳେଶ୍ୱର, ଓସ୍ତପୁର, କଂସାର, ପୁରୁଷୋତମପୁର, ଆୟବା, ବଗଡା ଓ କଳପଡା ପ୍ରଭୃତି ପଂଚାୟତ ର ଶତାଧିକ ସକ୍ରିୟ କାର୍ଯ୍ୟକର୍ତ୍ତା ଶିବିର ରେ ପ୍ରଶିକ୍ଷଣ ନେଇଥିଲେ । ଏହି ଶିବିର ରେ ବିଜେପି ରାଷ୍ଟ୍ରୀୟ ପରିଷଦର ସଭ୍ୟ ବୈଦନାଥ ଚାଟାର୍ଜୀ , ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବିଷ୍ଣୁ ଦାସ, ଜିଲ୍ଲା ଉପ ସଭାପତି ଉପିନ କୁମାର ରାଉତଙ୍କ ସମେତ ସୁନାକର ବେହେରା, ରଞ୍ଜିତ ଆଚାର୍ଯ୍ୟ, ଆଇଟି ସେଲର ସଂଯୋଜକ ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଯୋଗଦେଇ ବିଜେପି ଉତ୍ପତି, କାର୍ଯ୍ୟଧାରା ଓ ଲକ୍ଷ୍ୟ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ଲଲାଟ କେଶରୀ ସାମଲ, ବାସୁଦେବ ତ୍ରିପାଠୀ, ଭ୍ରମରବର ସ୍ୱାଇଁ, ଜ୍ଞାନ ରଞ୍ଜନ ପ୍ରଧାନ, ସ୍ୱରାଜ ମଲିକ, ସୁଦିପ୍ତ ରାଉତ,ସୁବାଷ ଜେନା,ବିମଳକାନ୍ତ ତ୍ରିପାଠୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

## ତ୍ୟାଗଭୂମି ମହୋତ୍ସବ - ୨୦୨୦ର ପ୍ରସ୍ତୁତି ବୈଠକ ଓ ସମ୍ବର୍ଦ୍ଧନା ସଭା

ଭଦ୍ରକ,୬।୧୨ (ନି.ପ୍ର): ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ଠାରେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକଙ୍କ ଆବାହନ କ୍ରମେ ଅବସରପ୍ରାପ୍ତ ପ୍ରଫେସର ଡ. ଗୋଲକ ସାହୁଙ୍କ ପୌରୋହିତ୍ୟରେ ତ୍ୟାଗଭୂମି ମହୋତ୍ସବ - ୨୦୨୦ର ପ୍ରସ୍ତୁତି ବୈଠକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ଦିବଂଗତ ସାରସ୍ୱତ ସ୍ରଷ୍ଟା ତଥା ‘ନବରାଗ’ର ସମ୍ପାଦକ ଡ. ଅଚ୍ୟୁତାନନ୍ଦ ନାୟକଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଏବଂ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ଚିତ୍ରଶିଳ୍ପୀ ଅଶୋକ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସମ୍ମାନିତ ଅତିଥି ଡ. ରାମଚନ୍ଦ୍ର ପଣ୍ଡା ମହୋତ୍ସବ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ତ୍ୟାଗଭୂମି ଦସ୍ତାବିଜ୍‌ର ସମ୍ପାଦକ ଅଧ୍ୟାପକ ବିଶ୍ୱରଂଜନ ଦାସ ଓ ଅଧ୍ୟାପକ ଡ. ଅଭୟ କୁମାର ଦାସ ଦସ୍ତାବିଜ୍ - ୨୦୨୦ର ପ୍ରସ୍ତୁତି, ପରିପାଟୀ ଓ ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀହର୍ଷ ସ୍ୱାଇଁ, ଗଗନ ବିହାରୀ ରାଉତ, ବାବୁଲାଲ ଦାସ, ଅମରେନ୍ଦ୍ର ବିଶ୍ୱାଳ, ଡ. ପ୍ରଭାତ ନଳିନୀ ମହାପାତ୍ର, ମୁସ୍ତାକ ଗହ୍ୱର, ନାସିର ବକ୍ସ, ଗୌରହରି ନାୟକ, ହରିଶ୍ଚନ୍ଦ୍ର ଦାସ, ବସୁମିତ୍ରା ସାହୁ, ରୂପକ ରାୟ ପ୍ରମୁଖ ସୁଚିନ୍ତିତ ମତାମତ ରଖିଥିଲେ । ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଅଶୋକ କୁମାର ଦାସ, ଡ. ରାଧାରାଣୀ ମହାପାତ୍ର ପ୍ରମୁଖ ସମ୍ବର୍ଦ୍ଧିତ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ପ୍ରସ୍ତୁତି ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ଚଳିତ ବର୍ଷ ମହୋତ୍ସବ ଡିସେମ୍ବର ୨୯ ,୩୦ ଏବଂ ୩୧ ତାରିଖ ୩ ଦିନ ମଧ୍ୟରେ ସୀମିତ ରଖିବାକୁ ମତ ଦେଇଥିଲେ । ମହୋତ୍ସବକୁ କୋବିଡ଼ ଗାଇଡ ଲାଇନ ମଧ୍ୟରେ ପାଳନ କରିବାକୁ ସଦସ୍ୟ ମତ ଉପସ୍ଥାପନ କରିଥିଲେ । ଉତ୍ସବରେ ଅଧିବକ୍ତା ଗିରିଧାରୀ ନାଥ, ଲକ୍ଷ୍ମୀକାନ୍ତ ବାରିକ, ଗୀତାରାଣୀ ଆଇଚ, ପଙ୍କଜ ବଳ, ଦିବ୍ୟସିଂହ ଦାସଅଧିକାରୀ, ବସନ୍ତ ମହାନ୍ତି, ଗୌରାଙ୍ଗ ଚନ୍ଦ୍ର ବାରିକ, କରୁଣାକର ଉପାଧ୍ୟାୟ, ବିଶ୍ୱନାଥ ଓଝା, ଅଭିଜିତ୍ ନାୟକ, ପ୍ରମୋଦ ରାୟ, ହରମୋହନ କୁଅଁର, ଅରୂପାନନ୍ଦ ନାୟକ, ଅମର ମହାନ୍ତି, ହୃଷିକେଶ ମହାନ୍ତି, ଶାନ୍ତନୁ ରାଉତ, ଜୟଜଗନ୍ନାଥ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିବା ବେଳେ ସଂପାଦକ ତୁଷାରକାନ୍ତି ମହାନ୍ତି ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅଧିବକ୍ତା ଗଦାଧର ବଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଂଗଠନ ସମ୍ପାଦକ ସୁଧାକର ରାଉତ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## କରୋନାରେ ଦେଶରେ ୨୪ ଘଂଟାରେ ୩୬,୦୧୧ ନୂଆ ମାମଲା, ୪୮୨ ମୃତ୍ୟୁ

ନୂଆଦିଲ୍ଲୀ,୦୬।୧୨ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩୬,୦୧୧ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୪୮୨ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୬,୪୪,୨୨୨ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪,୦୩,୨୪୮ ଥିବା ବେଳେ ବର୍ତମାନ ସୁଦ୍ଧା ୧,୪୦,୧୮୨ଜଣ ମୃତ୍ୟୁ ବରଣ କରିଛନ୍ତି।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ ସମରେନ୍ଦ୍ର କୁଣ୍ଡୁଙ୍କ ଶ୍ରାଦ୍ଧ ବାର୍ଷିକ



ବାଲେଶ୍ୱର,୦୬।୧୨ (ନି.ପ୍ର): ବାଲେଶ୍ୱର ମାଟିରେ ଜନ୍ମିତ ବିଶିଷ୍ଟ ଜନନାୟକ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସମରେନ୍ଦ୍ର କୁଣ୍ଡୁଙ୍କ୨୭ ତମ ଶ୍ରାଦ୍ଧ ବାର୍ଷିକ ଆଜି ପାଳିତ ହୋଇଯାଇଛି । ସମରେନ୍ଦ୍ର କୁଣ୍ଡୁ ସ୍ମୃତି କମିଟି ପକ୍ଷରୁ ସହରର ଷ୍ଟେସନଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏଥିରେ ମଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ କୁଣ୍ଡୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସଙ୍ଗେ ସଙ୍ଗେ ମହାନ ଆତ୍ମାଙ୍କ ସ୍ମୃତି ଉଜ୍ଜୀବିତ ରଖିବାରେ ସ୍ମୃତି କମିଟିର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । କେବଳ ବାଲେଶ୍ୱର କିମ୍ବା ଓଡ଼ିଶାର ବିକାଶ ନୁହେଁ ବରଂ ତତ୍କାଳୀନ ଭାରତୀୟ ରାଜନୀତିରେ ସ୍ୱର୍ଗତ କୁଣ୍ଡୁଙ୍କ ପ୍ରଭାବ ଜିଲ୍ଲା ପାଇଁ ଗୌରବ ଆଣିଥିଲା । ବାଲେଶ୍ୱର ଜିଲ୍ଲାର ସାମଗ୍ରିକ ବିକାଶରେ ତାଙ୍କର ଅବଦାନ ସର୍ବଦା ଅବିସ୍ମରଣୀୟ ରହିବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ । ସଦରବିଧାୟକ ସ୍ୱରୂପ ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ କୁଣ୍ଡୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ବାଲେଶ୍ୱର ପ୍ରତି ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି ସେ କହିଥିଲେ । ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ରଘୁନାଥ ଲେଙ୍କା, ସୁବ୍ରତ ଦାସ, କବି ଶ୍ରୀଦେବ, କବି ସୀତାଂଶୁ ଲେଙ୍କା, ଲକ୍ଷ୍ମୀଧର ବେହେରା, ଗୌରାଙ୍ଗ ଚରଣ ପାଣିଗ୍ରାହୀ, ଯଶୋଧାରା ଦାସ, ବିଶ୍ୱଜିତ୍ ମହାପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ଦିବଂଗତ ଜନନାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହିତ ତାଙ୍କର ଜୀବନାଦର୍ଶ ଓ ବାଲେଶ୍ୱର ବିକାଶରେ ତାଙ୍କର ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ କୁଣ୍ଡୁଙ୍କ ତ୍ୟାଗ, ସଦାଚାର ଓ ନିସ୍ୱାର୍ଥପର ସାଂଗଠନିକ ଦକ୍ଷତା ଜିଲ୍ଲାବାସୀଙ୍କୁ ସବୁଦିନ ଉଦ୍‌ବୋଧ କରୁଥିବା ବୋଲି ବକ୍ତାମାନେ ବକ୍ତବ୍ୟରେ କହିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଇନ୍ଦୋରର ଚଇଥ୍ରାମ ....

ପେଟ୍ରୋଲିୟମ ଏବଂ ଗ୍ୟାସ ଶିଳ୍ପର ଅନେକ ଅଂଶୀଦାରଙ୍କ ସହ ମିଳିତ ଭାବରେ ଆଲୋଚନା କରିଛନ୍ତି । ଏହି ବୈଠକରେ ଲୋକଙ୍କ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛ ପରିବେଶକୁ ନିଶ୍ଚିତ କରିବାରେ ବର୍ଜ୍ୟବସ୍ତୁ ପୃଥକକରଣ ଏବଂ ପରିଚାଳନାରେ ଆଇଏମସିର ଉଦ୍ୟମ ଉପରେ ଅନ୍ତର୍ନିହିତ ଆଲୋଚନା ହୋଇଥିଲା । ଉଲ୍ଲେଖନୀୟ ଯେ ଏହି ବୈଠକରେ ଇନ୍ଦୋର ମ୍ୟୁନିସିପାଲିଟି କର୍ପୋରେସନ୍ ଦ୍ୱାରା ବର୍ଜ୍ୟବସ୍ତୁରୁ ଉର୍ଜା ପ୍ଲାଂଟ ପ୍ରତିଷ୍ଠା ଉପରେ ଏକ ପ୍ରେଜେନଟେଂସନ ପ୍ରସ୍ତୁତ ହୋଇଥିଲା । ଏହି ଅବସରରେ ସେ କହିଛନ୍ତି ଯେ ଇନ୍ଦୋର ମହାନିଗର ନିଗମ ବା ଆଇଏମସି ପକ୍ଷରୁ ସହରରେ ପ୍ରତିଦିନ ଅଳିଆ ଆବର୍ଜନାକୁ ହଟାଯାଇ ଶତପ୍ରତିଶତ ଘରୋଇ ବର୍ଜ୍ୟବସ୍ତୁକୁ ପୃଥକ କରାଯାଇପାରିଛି । ଏହି ବର୍ଜ୍ୟବସ୍ତୁକୁ କମ୍ପୋଷ୍ଟ ଏବଂ ଇନ୍ଧନ ଭଳି ବ୍ୟବହାର ଯୋଗ୍ୟ ଉତ୍ପାଦରେ ପରିଣତ କରାଯାଉଛି । ଭାରତ ସରକାରଙ୍କ ସତତ୍ କାର୍ଯ୍ୟକ୍ରମ ଅଧୀନରେ ନିଆଯାଉଥିବା ଏହି ସବୁଜ ପଦକ୍ଷେପ ଗୁଡ଼ିକ ଅର୍ଥନୀତିକୁ ପ୍ରୋତ୍ସାହନ ଦେବା ସହ ଲୋକଙ୍କ ସ୍ୱାସ୍ଥ୍ୟ ସୁବିଧାରେ ମଧ୍ୟ ସହାୟକ ହେବ । ଏହା ବ୍ୟତିତ ବର୍ଜ୍ୟୁବସ୍ତୁରୁ ଅର୍ଥ ଉତ୍ପାଦନ କରାଯିବା ସହ ଗ୍ରାମାଂଚଳ ଏବଂ ସହରାଂଚଳରେ ରୋଜଗାର ସୃଷ୍ଟି ହେବ ଓ ମହିଳା ମାନଙ୍କୁ ମଧ୍ୟ ସଶକ୍ତ କରିବା ଦିଗରେ ଏହି ପଦକ୍ଷେପ ବଡ ଭୂମିକା ଗ୍ରହଣ କରିବ ।

## ବିଜେଡ଼ି ଓ ବିଜେପି ....

ନୟାଗଡ଼ ଜିଲ୍ଲାର ସମସ୍ତ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଏ ଘଟଣାରେ ନ୍ୟାୟ ପ୍ରଦାନକୁ ତ୍ୱରିତ କରିବାପାଇଁ ଚିଠି ଲେଖାଯାଇଛି । କଂଗ୍ରେସ ଦଳ ପକ୍ଷରୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌କୁ ପଠାଯାଇଥିଲା ଘଟଣା ସ୍ଥଳକୁ ଯାଇ ତଥ୍ୟ ସନ୍ଧାନ କରିବାପାଇଁ । କିନ୍ତ ଗତ ବିଧାନସଭାରେ କଂଗ୍ରେସ ଦଳ ହିଁ ପରୀ ଘଟଣାକୁ ପ୍ରଥମେ ବିଧାନସଭାରେ ଆଗତ କରିଥିଲା ସେତେବେଳେ ରାଜ୍ୟର ବିରୋଧି ଦଳର ମାନ୍ୟତ ପାଇଥିବା ବିଜେପି ଦଳ ଏ ପ୍ରସଙ୍ଗ ବାବଦରେ ବିଧାନସଭାରେ ଉଠାଇ ନଥିଲେ । କଂଗ୍ରେସ ଦଳ ପରୀ ଘଟଣାରେ ଗୃହକୁ ଅଚଳ କରି ରଖିଲା ଏବଂ ଏସଆଇଟି ଏବଂ ହାଇକୋର୍ଟର ଜଣେ ସିଂଟିଂ ଜର୍ଜଙ୍କ ତତ୍ୱାବଧାନାରେ ଏ ଘଟଣାର ଅନୁସନ୍ଧାନ କରିବା ପାଇଁ ଦାବି ରଖିଲା । ବିଜେପି କହୁଛି କଂଗ୍ରେସ ଦଳ ମ୍ୟାନେଜ ହୋଇଯାଇଛି କିନ୍ତୁ ପ୍ରକୃତ କଥା ସାରା ଓଡ଼ିଶାବାସୀ ଜାଣି ସାରିଛନ୍ତି ବିଜେପି ଏବଂ ବିଜେଡ଼ି ଏକ ଏମାନେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଦିନରେ କଳି ରାତିରେ କୋଳାକୋଳି ଏହା ହେଉଛି ତାଙ୍କର ଚରିତ୍ର । ମୁଁ ରାଜ୍ୟ ବାସୀଙ୍କ ସାମନାରେ କେତେଗୁଡିଏ ତଥ୍ୟ ଉପସ୍ଥାପନ କରିବା ପାଇଁ ଚାହୁଁଛି ବିଜେଡ଼ି ବିଜେପି ଭିତରେ ଏକ ବୁଝାମଣା ଓ ସୁବିଧାବାଦୀ ରାଜନୀତି ଚାଲିଛି । ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଉଭୟ ଦଳ ରାଜ୍ୟର ମିଳିତ ଭାଗୀଦାରୀ ସରକାରର ଥିଲେ । ସେ ସରକାର ସମୟରେ ଯେଉଁ ଜମି ଦୁର୍ନୀତି, ଜଳ ଦୁର୍ନୀତି, ଡାଲି ଦୁର୍ନୀତିର କଥା ଉଠିଥିଲା ସେଗୁଡ଼ିକ ଆଜିପର୍ଯ୍ୟନ୍ତ ତାର ପର୍ଦାଫାଶ କରାଗଲା ନାହିଁ । ବିଜେପିର ଆବଶ୍ୟକ ବିଧାୟକଙ୍କ ସଂଖ୍ୟା ନଥାଇ କିଭଳି ଅଶ୍ୱନୀବୈଷ୍ଣ ରାଜ୍ୟ ସଭାକୁ ସାଂସଦ ହୋଇପାରିଲେ । ଏଥିରେ କିଏ ତାଙ୍କୁ ସାହାଯ୍ୟ କଲା ଏବଂ କାହିଁକି କଲା । ୨୦୧୪ ପାଖରୁ ନରେନ୍ଦ୍ର ମୋଦୀଙ୍କ ସରକାର ଯେତେ ସବୁ ଜନବିରୋଧି ଆଇନ ବିମୁଦ୍ରୀ କରଣ, ଜିଏଷ୍ଟି, କୃଷକ ବିରୋଧି ଆଇନ ଏ ସବୁକୁ ସର୍ବ ପ୍ରଥମେ କିଏ ସମର୍ଥନ ଜଣାଇଛି । ରାଜ୍ୟ ସଭାରେ ଡେପୁଟି ଚ୍ୟାଆରମ୍ୟାନ ନିର୍ବାଚନରେ ବିଜେଡ଼ି କାହାକୁ ସାହାଯ୍ୟ କରିଛି । ପ୍ରଶ୍ନ କରାଯାଉଛି ଭାରତୀୟ ଜନତାପାର୍ଟି ସିବିଆଇ ଇନ୍‌କ୍ୱାରୀ ପାଇଁ ଦାବୀ କରୁଛି । ରାଜ୍ୟରେ ବହୁଚର୍ଚ୍ଚିତ ଇତିଶ୍ରୀ ଘଟଣାକୁ ସିବିଆଇ ଇନ୍‌କ୍ୱ୍ୟାରୀ କରୁଥିଲା ଏବଂ ସେଥିରୁ ଯେଉଁ ଫଳାଫଳ ମିଳିଲା ତାହା ସମସ୍ତଙ୍କୁ ଜଣା । ଇତିଶ୍ରୀ ଘଟଣାରେ ମୁଖ୍ୟ ଅଭିଯୁକ୍ତ ସେତେବେଳେର ବିଜେଡ଼ିର ବରିଷ୍ଠ ନେତା ଜୟରାମ ପାଙ୍ଗୀ ସିବିଆଇ ଇନ୍‌କ୍ୱାରୀ ଚାଲିଥିବା ବେଳେ ବିଜେପିରେ ମିଶିଥିଲେ ତାପରେ ସିବିଆଇ ଇନ୍‌କ୍ୱାରୀ ବାଟମାରଣା ହୋଇଗଲା । ମୋର ପ୍ରଶ୍ନ ବିଜେପିକୁ କିଭଳି ଭାବରେ ଜଣେ ଆରୋପି ରାଜନୈତିକ ବ୍ୟକ୍ତି ତାଙ୍କ ବାବଦରେ ଇନ୍‌କ୍ୱାରୀ ଚାଲିଥିଲା ବେଳେ ଆପଣ ଜାଣିଥିଲେ କିଭଳି ଆପଣଙ୍କ ଦଳରେ ସାମିଲ କଲେ, ଏହା ଆପଣଙ୍କ ଦଳର ସ୍ୱଚ୍ଛ ରାଜନୀତିର ଆଭିମୁଖ୍ୟକୁ ସ୍ପଷ୍ଟ କରୁଛିକି । ରାଜ୍ୟରେ ମାଇନୋରଟି କମିଶନ ଶାସକ ବିଜେଡ଼ି ଦଳ ନୀରବ କାହିଁକି । ରାଜ୍ୟରେ ୩୬୦୦ କୋଟି ଟଙ୍କାର ଖଣି ଦୁର୍ନୀତିର ଅଭିଯୋଗ ରାଜ୍ୟ କଂଗ୍ରେସ ଆଣିଲାବେଳେ କାହିଁକି ବିଜେପି ଚୁପ । ଆଜି ଏ ରାଜ୍ୟରେ ଜଣେ ତାମିଲ ଆଇଏସ୍ ଅଫିସର ନିଜକୁ ସର୍ବମାନ୍ୟ ବୁଲାଉଥିଲାବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପୁଅଙ୍କ ସହିତ ଖଣି କାରବାରରେ ଲିପ୍ତ ଅଛନ୍ତି କି ନାହିଁ । ବିଜେପି ଏବଂ ବିଜେଡ଼ି ଉଭୟ ମିଳିତ ଭାବରେ ରାଜ୍ୟର ସଂପତିକୁ ହରିଲୁଟ କରିଚାଲିଛନ୍ତି । ତାଙ୍କର ରାଜ୍ୟର ପ୍ରଗତି ଏବଂ ରାଜ୍ୟର ଅବହେଳିତ ଜନତାଙ୍କ ଦୁଃଖଦୁର୍ଦ୍ଦଶାକୁ ଦୁରକରିବାରେ ସାମନ୍ୟତମ ଆନ୍ତରିକତା ନାହିଁ । ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସମ୍ବୋଧନ କରି ଦୀର୍ଘ ୨୦ ବର୍ଷ ଧରି ରାଜ୍ୟରେ ନବୀନ ବାବୁ ମୁଖ୍ୟମନ୍ତ୍ରୀ ଅଛନ୍ତି ଗୃହବିଭାଗ ମଧ୍ୟ ତାଙ୍କ ଅଧିନରେ ଅଛି କିନ୍ତୁ ରାଜ୍ୟର ନାରୀ ତଥା ଅଳ୍ପ ବୟସ୍କା ମହିଳା ଓ ଶିଶୁମାନେ ଆଜି ଅସୁରକ୍ଷିତ । କଂଗ୍ରେସ ଦଳ ନୟାଗଡ଼ର ପରି ଘଟଣାର ତଦନ୍ତ ଏସଆଇଟି ଏବଂ ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ୱାବଧାନରେ କରାଯିବା ପାଇଁ ଦାବି କରିଥିଲା କିନ୍ତୁ ରାଜ୍ୟ ସରକାର ପ୍ରଥମେ କ୍ରାଇମବ୍ରାଂଚ ତଦନ୍ତ କରିବା ଜିଦ୍‌ରେ ଥିଲେ ।

## ପରୀ ହତ୍ୟା...

ଏଥି ସହିତ ପରୀକୁ ନ୍ୟାୟ ଦେବା ପାଇଁ ସରକାର ଓ ପ୍ରଶାସନ ତତ୍ପରତା ଦେଖାନ୍ତୁ । ପରୀର ପରିବାରକୁ ଆର୍ଥିକ ସହାୟତା ଦିଆଯାଇ ଘଟଣାର ସି.ବି.ଆଇ ତଦନ୍ତ କରାଯାଉ । ଯଦି ସରକାର ଏହି ଦାବି ଗୁଡ଼ିକ ପ୍ରତି ଧ୍ୟାନ ନ ନିଅନ୍ତି ତେବେ ଆଗାମୀ ଦିନରେ ବିଦ୍ୟାର୍ଥୀ ପରିଷଦ ତରଫରୁ ପରୀକୁ ନ୍ୟାୟ ଦାବିରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କୁହାଯାଇଛି । ଏହି ବିରୋଧ ପ୍ରଦର୍ଶନରେ ରାଷ୍ଟ୍ରୀୟ କାର୍ଯ୍ୟକାରୀଣି ସଦସ୍ୟା ସୋନାଲୀ ବେହେରା, କଟକ ଜିଲ୍ଲା ପ୍ରମୁଖ ସହଦେବ ସାହୁ, ଜିଲ୍ଲା ସଂଯୋଜକ ଓମ୍ ପ୍ରକାଶ ପଣ୍ଡା, ବିଭାଗ ଏସ.ଏଫ.ଏସ ପ୍ରମୁଖ ଲୋକନାଥ ମାହୁନ୍ତ, ମାନସ ବାରିକ, ମୃତ୍ୟୁଞ୍ଜୟ ସାମଲ, ଆଶୀର୍ବାଦ ବିଶ୍ୱାଳ, ବିଜୟ ବେହେରା ଆଦି କର୍ମକର୍ତାମାନେ ଉପସ୍ଥିତ ଥିଲେ । ଜିଲ୍ଲା ସଂଗଠନ ସମ୍ପାଦକ ସଞ୍ଜୟ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଗୋଟିଏ ଦିନରେ ...

ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୧୫ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୧୧ ଜଣ, ବରଗଡ଼ରୁ ୯ ଜଣ, ଭଦ୍ରକରୁ ୯ ଜଣ, ବଲାଙ୍ଗୀରରୁ ୨୩ ଜଣ ରହିଛନ୍ତି ।

'ସେହିପରି ବୌଦ୍ଧ ଜିଲ୍ଲାରୁ କେହି ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୨୫ ଜଣ, ଦେବଗଡ଼ରୁ ୧୭ ଜଣ, ଢେଙ୍କାନାଳରୁ ୬ ଜଣ ଚିହ୍ନଟ ହୋଇଥିବା ବେଳେ ଗଜପତିରୁ ଜିଲ୍ଲାରୁ ୧, ଗଞ୍ଜାମରୁ ୩ ଜଣ, ଜଗତ୍ ?ସିଂହପୁରରୁ ୧୧ ଜଣ, ଯାଜପୁରରୁ ୬ ଜଣ, ଝାରସୁଗୁଡ଼ାରୁ ୧୨ ଜଣ, କଳାହାଣ୍ଡିରୁ ୨୭ ଜଣ, କନ୍ଧମାଳର ଜିଲ୍ଲାରୁ ୨, କେନ୍ଦ୍ରାପଡ଼ାରୁ ୧୨ ଜଣ, କେନ୍ଦୁଝରରୁ ୮ ଜଣ, ଖୋର୍ଦ୍ଧାରୁ ୪୯ ଜଣ, କୋରାପୁଟରୁ ୭ ଜଣ ଚିହ୍ନଟ ହୋଇଛନ୍ତି । ମାଲକାନଗିରିରୁ ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।
ମୟୂରଭଞ୍ଜରୁ ୩୨ଜଣ, ନବରଙ୍ଗପୁରରୁ ୧, ନୟାଗଡ ଜିଲ୍ଲାରୁ ୪, ନୂଆପଡ଼ାରୁ ୧୨ ଜଣ, ପୁରୀରୁ ୧୮ ଜଣ, ରାୟଗଡା ଜିଲ୍ଲାରୁ ୨, ସମ୍ବଲପୁରରୁ ୧୧ ଜଣ, ସୋନପୁରରୁ କେହି ସଂକ୍ରମିତହୋଇ ନାହାନ୍ତି ।
ସୁନ୍ଦରଗଡ଼ରୁ ୪୫ ଜଣ ଓ ଷ୍ଟେଟ୍ ?ପୁଲ୍ ?ରୁ ୧୧ ଜଣ ଚିହ୍ନଟ ହୋଇଛନ୍ତି ।

# ବାଲେଶ୍ୱରରେ ବି ଆର ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ



ବାଲେଶ୍ୱର,୦୬।୧୨ (ନି.ପ୍ର): ଆମ୍ବେଦକର ବିକାଶ ପରିଷଦ ପକ୍ଷରୁ ଭାରତର ସମ୍ବିଧାନ ପ୍ରଣେତା ମହାନ ଜନନାୟକ ଡକ୍ଟର ବିଆର ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ରବିବାର ଦିନ ପାଳିତ ହୋଇଯାଇଛି । ସମାଜସେବୀ ସଲିମ ରାଜା ଓ ଆଇନଜୀବୀ ଲକ୍ଷ୍ମଣ ବେହେରାଙ୍କ ମିଳିତ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିକାଶ ପରିଷଦର ସଭାପତି ବରିଷ୍ଠ ଆଇନଜୀବୀ ରଘୁନାଥଇ ମହାଳିକ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଆଇନଜୀବୀ ପଞ୍ଚାନନ ପରିଡ଼ା, ଇଂଜିନିୟର ବସନ୍ତ ବେହେରା, ଶେଖ ଆୟୁବ୍, ମହମ୍ମଦ ରିଜୱାନ୍ ଖାନ୍, ମାନଗୋବିନ୍ଦ ସେଠୀ, ଜୟନ୍ତ କୁମାର ସେଠୀ, ମୀନତି ସେଠୀ ପ୍ରମୁଖ ଯୋଗଦେଇ ଦେଶର ଦିବଂଗତ ଜନନାୟକ ଭାରତରତ୍ନ ବିଆର ଆମ୍ବେଦକରଙ୍କ ଜୀବନାଦର୍ଶ ଓ ରାଷ୍ଟ୍ର ବିକାଶରେ ତାଙ୍କର ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ତାଙ୍କ ଦ୍ୱାରା ରଚିତ ସମ୍ବିଧାନରେ ନାଗରିକର ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ବକ୍ତାମାନେ ମତାମତ ରଖିଥିଲେ । ବିଶେଷ କରି ସମାଜର ପଛୁଆବର୍ଗଙ୍କ ଅଧିକାର ସୁରକ୍ଷା ଦିଗରେ ସେ ଦେଇ ଯାଇଥିବା ମାର୍ଗଦର୍ଶିକାର ସଫଳ ରୂପାୟନ ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଶୋକ କବି, ପ୍ରଦୀପ ଚନ୍ଦ୍ର ଦାସ, ସ୍ନେହଲତା ଦାସ, ଶେଖ ଫଜୁଦ୍ଦିନ୍ ଅହମ୍ମଦ ପ୍ରମୁଖଙ୍କ ସମେତ ବାଲେଶ୍ୱରର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ବ୍ୟକ୍ତିଗତ ଜମିରେ ଜବରଦସ୍ତ ଟ୍ରାକ୍ଟର ଚାଳନାକୁ ନେଇ ଗଣ୍ଡଗୋଳ : ଥାନାରେ ମାମଲା

ଜଳେଶ୍ୱର,୦୬।୧୨ (ନି.ପ୍ର): ରାଇବଣିଆ ଥାନା ଅନ୍ତର୍ଗତ ବେହେରା ସାହି ଗ୍ରାମର ସୁଜାତା ଘୋଷଙ୍କ ବ୍ୟକ୍ତିଗତ ଘରବାଡି ଉପର ଦେଇ ସେହି ଗ୍ରାମର ଅଜୟ ପରିଡା, ବିଜୟ ପରିଡା, ରାମଚନ୍ଦ୍ର ଘୋଷ, ହରିଶ୍ଚନ୍ଦ୍ର ଘୋଷ, ପ୍ରତାପ ଘୋଷ, ସୁଧାଂଶୁ ଘୋଷ, ମନୋରଂଜନ ଘୋଷ, ସୁବାଶ ଘୋଷ, ରାମଚନ୍ଦ୍ର ଘୋଷ ପ୍ରମୁଖ ଜବରଦସ୍ତ ଟ୍ରାକ୍ଟରେ ଜିନିଷ ପରିବହନ କରିଥିଲେ । ସୁଜାତା ସେଠାରେ ସେମାନଙ୍କୁ ବାଧା ଦେବାରୁ ତାଙ୍କୁ ମରଣାନ୍ତକ ମାଡ ମାରିବା ସହିତ ତାଙ୍କର ସୁନା ଅଳଙ୍କାର ଲୁଟି ନେଇଥିବା ରାଇବଣିଆ ଥାନାରେ ଅଭିଯୋଗ ହୋଇଛି । ସେଠାରେ ପହଞ୍ଚିଥିବା ସୁଜାତାର ଦଶ ବର୍ଷର ପୁଅ ପାର୍ଥସାରଥୀ, ସ୍ୱାମୀ ସୁଶାନ୍ତ ଘୋଷ, ଭାଇଶୁର ସୁବାଶ ଘୋଷକୁ ମଧ୍ୟ ଆକ୍ରମଣ କରାଯାଇଥିଲା । ଗୁରୁତର ହେବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ହାତୀଗଡ ଡାକ୍ତରଖାନାରେ ଚିକିତ୍ସିତ କରାଯାଇଛି । ଏ ସଂପର୍କରେ ଏକ ଅଭିଯୋଗ ରାଇବଣିଆ ଥାନାରେ ଗତ ୩/୧୧/୨୦ରିଖରେ ହୋଇଥିଲେ ମଧ୍ୟ ଅଦ୍ୟାବଧି କୋଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ତେଣୁ ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବାର ପକ୍ଷରୁ ଦାବୀ ହୋଇଛି ।

# କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା




ଜଳେଶ୍ୱର,୦୬।୧୨ (ନି.ପ୍ର): ଉତ୍ତର ବାଲେଶ୍ୱରର ୩ଟିବ୍ଲକ ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ଅଂଚଳରୁ ଗତ ଶିକ୍ଷାବର୍ଷ ୨୦୧୯-୨୦ରେ ଅନୁଷ୍ଠିତ ହୋଇଥିବା ହାଇସ୍କୁଲ ପରୀକ୍ଷାରେ ଏ୧ରେ ଉତ୍ତିର୍ଣ୍ଣ ହୋଇଥିବା ୧୯ଜଣ ଛାତ୍ରୀଛାତ୍ରଙ୍କୁ ଜଳେଶ୍ୱର ଠାରେ ଉତ୍ତରୀୟ, ମାନପତ୍ର ଓ ନଗଦ ଅର୍ଥ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଚର୍ଯ୍ୟାଶ୍ରମ କଟିସାହି(ବି) ବାଲିଆପାଳ ପକ୍ଷରୁ ଜଳେଶ୍ୱର ବ୍ଲକର ନୂଆବଜାର ସ୍ଥିତ ସରକାରୀ ହାଇସ୍କୁଲରେ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଜିର ଏହି ଉତ୍ସବରେ ହାଇସ୍କୁଲର ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଜଳେଶ୍ୱର ଥାନା ଆଇଆଇସି ମାନସ କୁମାର ଦେଓ ଓ ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀକାନ୍ତ ଚରଣ ପାତ୍ର, ସମ୍ମାନୀତ ଅତିଥିଭାବେ ଚର୍ଯ୍ୟାଶ୍ରମର ସଂପାଦକ ଭାସ୍କର ପ୍ରଧାନ ଯୋଗ ଦେଇ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବା ସହିତ ବଡ ମଣିଷ ହେବା ପାଇଁ ମାର୍ଗଦର୍ଶନ କରିଥିଲେ । ମଂଚ ଆହ୍ୱାନ ବିଦ୍ୟାପତି ଦେ, ସଂଚାଳନ ଓ ଧନ୍ୟବାଦ ଡ. ଅଜିତ୍ କୁମାର ମହାନ୍ତି କରିଥିବା ବେଳେ ଦୀନକୃଷ୍ଣ ସ୍ମୃତି ପରିଷଦର ସଂପାଦକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ବିପିନ ବିହାରୀ ବିଶ୍ୱାଳଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ହରେକୃଷ୍ଣ ଜେନା ପ୍ରାରମ୍ଭିକ ସଂଗୀତ ଓ ପରିଚାଳନାରେ ସହାୟତା କରିଥିଲେ ।

# ଡ. ଆମ୍ବେଦକରଙ୍କ ମହାପରୀନିର୍ବାଣ ଦିବସ ପାଳିତ



ଭଦ୍ରକ,୦୬।୧୨ (ନି.ପ୍ର): ଭାରତୀୟ ସମ୍ବିଧାନ ପ୍ରଣେତା ବାବା ସାହେମ ଭିମ ରାଓ ଆମ୍ବେଦକରଙ୍କ ୬୪ତମ ମହାପରୀନିର୍ବାଣ ଦିବସ ଭଦ୍ରକ ଜୀବନ ବୀମା ନିଗମ କାର୍ଯ୍ୟାଳୟ ପରିସରରେ ନିଗମର ଅନୁସୂଚିତ ଜାତି ଓ ଜନଜାତି ସଂଗଠନ ଏବଂ ଅନ୍ୟ କର୍ମଚାରୀମାନେ ମିଳିତ ଭାବେ ପାଳନ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ସଭାରେ କାର୍ତ୍ତିକ କୁମାର ଦାସ ସଭାପତିତ୍ୱ କରିଥିଲେ । ଏଲ୍ଆଇସି ଭଦ୍ରକ ଶାଖାର ଡେଭେଲପ୍‌ମେଣ୍ଟ ଅଧିକାରୀ ମନୋଜ କୁମାର ଜେନା ସଭା ପରିଚାଳନା କରିଥିଲେ । ସଭାରେ ଉପସ୍ଥିତ ଅତିଥିମାନେ ବାବା ସାହେବଙ୍କ ଜୀବନ, ସାମାଜିକ ନ୍ୟାୟ, ସମ୍ବିଧାନ ସୁରକ୍ଷା ନିମିତ୍ତ ଚିନ୍ତାଧାରର ଆଦି ସମ୍ପର୍କରେ ଆଲୋଚନା କରିଥିଲେ । ସମାଜରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଉପରେ ହୋଇ ଆସୁଥିବା ସାମାଜିକ ଶୋଷଣରୁ ଜାତିକୁ ରକ୍ଷା କରିବା ନିମିତ୍ତ ଆବଶ୍ୟକ ଥିବା ପଦକ୍ଷେପ ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏଥିରେ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ଦାସ, ଲଲାଟେନ୍ଦୁ ମଲ୍ଲିକ, ଅମିୟ ମଲ୍ଲିକ, କାହ୍ନୁ ଚରଣ ମଲ୍ଲିକ, ବିଶ୍ୱନାଥ ଜେନା, ପରୀକ୍ଷିତ ନାଏକ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।

## ରାୟଗଡା ଜିଲ୍ଲରେ ଆଜି ଦୁଇ ଜଣ ଆକ୍ରନ୍ତ ଚିହ୍ନଟ

ରାୟଗଡ଼ା,୦୬।୧୨ (ନି.ପ୍ର): ରବିବାର ଜିଲ୍ଲାରେ ଦୁଇ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଆକ୍ରନ୍ତଙ୍କ ସଂଖ୍ୟା ୮୩୧୭ ରେ ପହଞ୍ଚିଛି । ଆଜିର ଆକ୍ରନ୍ତଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଜଣେ ମହିଳା ଅଛନ୍ତି ଏବଂ ଉଭୟ ରାୟଗଡ଼ା ପୌରାଞ୍ଚଳର ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଆର୍ତବନ୍ଧୁ ନାୟକ ସୁଚନା ଦେଇଛନ୍ତି । ସୂଚନା ଥାଉକି ଏହକୁ ମିଶାଇ ଜିଲ୍ଲାରେ ସର୍ବମୋଟ ୮୩୧୭ ଜଣ ଚିହ୍ନଟ ହୋଇଛନ୍ତି ସେଥି ମଧ୍ୟରୁ ୮୨୦୨ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳ ୭୧ ଜଣ ଚିକିତ୍ସିତ ହେଉଛନ୍ତି ଓ ଜିଲ୍ଲାରେ କରୋନା ଜନିତ ମୃତ୍ୟ ସଂଖ୍ୟା ୪୪ ଅଟେ ।

# ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ୧୦ରେ ଭଦ୍ରକ ବନ୍ଦ ସଫଳ କରିବାକୁ ଜିଲ୍ଲା କଂଗ୍ରେସର ଆହ୍ୱାନ




ଭଦ୍ରକ,୦୬।୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରତି ସରକାରଙ୍କର ବୈମାତୃକ ମନୋଭାବ ପାଇଁ ଭଦ୍ରକ ଜିଲ୍ଲାର ମୁଖ୍ୟ ଦାବୀ ଯାହା ମଣିଷ ସମାଜର ଜୀବନ ସୁରକ୍ଷାର ବିଷୟ ମେଡିକାଲ କଲେଜ ପ୍ରତିଷ୍ଠା ଦାବୀକୁ ବହୁଦିନ ଧରି ଅଣଦେଖା କରାଯାଇଛି । ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ଦାବୀକୁ ଆହୁରି ଶାଣିତ କରି ସରକାରଙ୍କ ପାଖରେ ପହଞ୍ଚାଇବା ପାଇଁ ଭଦ୍ରକ ଜିଲ୍ଲା କଂଗ୍ରେସ ୧୦ ଡିସେମ୍ବର ଗୁରୁବାର ଦିନ ଭଦ୍ରକ ସହରକୁ ୧୨ ଘଣ୍ଟିଆ ବନ୍ଦ କରିବାକୁ ନିଷ୍ପତି ନେଇଛି ବୋଲି ଆଜି ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁବ୍ରତ କୁମାର ଦାସ ଗଣମାଧ୍ୟମକୁ କହିଛନ୍ତି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତି କହିଥିଲେ କି ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗ ଏବେ ପୂରା ଅସୁସ୍ଥ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବା ପୂରା ଠପ୍ । କରୋନା ଆଳରେ ରୋଗୀଙ୍କୁ ଚିକିତ୍ସା ନକରି ଫେରାଇ ଦେବା ଓ ସାଧାରଣ ରୋଗୀଙ୍କୁ ବି କଟକ ରେଫର କରିବା ଏକ ନିତିଦିନିଆ ଘଟଣା ପାଲଟି ଯାଇଛି । ଭଦ୍ରକ ଜିଲ୍ଲାର ଡାକ୍ତରଖାନାକୁ ଗୁଡିକୁ ଆବଶ୍ୟକ ସଂଖ୍ୟକ ଡାକ୍ତର ଆଣିବାରେ ସରକାର ଓ ଶାସକ ଦଳର ନେତା ବିଫଳ । ଭଦ୍ରକ ମେଡିକାଲରେ ଭେଣ୍ଟିଲେଟର ଥିଲେ ମଧ୍ୟ ତାହା କାର୍ଯ୍ୟ କରୁନାହିଁ । ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରାଯିବାକୁ ଶ୍ରୀ ମହାନ୍ତି ଦାବୀ କରିଥିଲେ । କୋବିଡ଼୍ ପରିଚାଳନାରେ ବିଫଳ ହେବା ସହିତ ପ୍ରଶାସନ ଓ ଶାସକ ମିଳିତ ଭାବରେ କୋଟି କୋଟି ଟଙ୍କା ଲୁଟ କରିଛନ୍ତି । ଆଜି ସୁଦ୍ଧା କେତେ ଟଙ୍କା କୋବିଡ଼୍‌ରେ ଭଦ୍ରକ ଜିଲ୍ଲା ପାଇଁ ଖର୍ଚ୍ଚ କରାଯାଇଛି ଓ କେଉଁ ସବୁ ବାବଦରେ ଖର୍ଚ୍ଚ ହୋଇଛି ତାହା ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଶାସନ ଶ୍ୱେତପତ୍ର ଜାରିକରୁ ବୋଲି ସମ୍ମିଳନୀରେ କୁହାଯାଇଛି । ଉପରୋକ୍ତ ଦାବୀକୁ ନେଇ ଆଗାମୀ ୧୦ ତାରିଖ ଭଦ୍ରକ ସହର ବନ୍ଦ ରଖାଯିବ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆ ଯାଇଛି । ଭଦ୍ରକର ଜନସାଧାରଣ ତଥା ଯୁବଗୋଷ୍ଠୀ, ମହିଳା, ଛାତ୍ରଗୋଷ୍ଠୀ, ବ୍ୟବସାୟୀ, ସରକାରୀ କର୍ମଚାରୀ ସମସ୍ତେ ଏହି ହକ୍ ଦାବୀ ନେଇ ଡାକରା ଦିଆ ଯାଇଥିବା ବନ୍ଦକୁ ସଫଳ କରିବାରେ ସହଯୋଗ କରିବାକୁ କଂଗ୍ରେସ ଗଣମାଧ୍ୟମ ମାଧ୍ୟମରେ ନିବେଦନ କରିଛନ୍ତି । ଏହି ସମ୍ମିଳନୀରେ ବରିଷ୍ଠ ନେତା ଅବଦୁଲ ମୁକିତ୍ ଖାଁ, ପଞ୍ଚାୟତରାଜ ସଂଗଠନର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ଦାସ, ଟାଉନ ସଭାପତି ବିଜୟ ବାରିକ, ହେମନ୍ତ ମହାପାତ୍ର ଉପସ୍ଥିତ ଥିଲେ ।

## ଏମ.ସି.ଏ.ଏମ. ପକ୍ଷରୁ ଅସହାୟ ମାନଙ୍କୁ କମ୍ବଳ ବଂଟନ



ବାରିପଦା,୦୬।୧୨ (ନି.ପ୍ର): ସ୍ଥାନୀୟ ମହାରାଜପୁର ସ୍ଥିତ ମୟୁରଭଞ୍ଜ କଲେଜ ଅଫ୍ ଆକାଉନଟେନସି ଏଣ୍ଡ ମ୍ୟାନେଜମେଂଟରେ ଏନ.ଏସ.ଏସ. ସ୍ୱେଚ୍ଛାସେବୀ ମାନେ ବାରିପଦା ସହରର ଅମ୍ବିକା ମନ୍ଦିର, ବଡଜଗନ୍ନାଥ ମନ୍ଦିର ଓ ଷ୍ଟେସନ ବଜାର ରାସ୍ତା ପାର୍ଶ୍ୱରେ ବସି ରହିଥିବା ଅସହାୟ ମାନଙ୍କୁ କମ୍ବଳ ବଂଟନ କରିଥିଲେ । ଶୀତଦିନର ଶୀତୁଆ ରାତିରେ ଶୀତରୁ ରକ୍ଷା ପାଇବା ନିମନ୍ତେ ଛାତ୍ରଛାତ୍ରୀ ମାନଙ୍କ ନିଆରା ଅପଦକ୍ଷେପକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ଉଚ୍ଚ ପ୍ରଶଂସା କରିଛନ୍ତି । ମୟୁରଭଞ୍ଜ କଲେଜ ଅଫ୍ ଆକାଉନଟେନସି ଏଣ୍ଡ ମ୍ୟାନେଜମେଂଟର କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ଓ ବିଜୟା ନାୟକ କମ୍ବଳ ବଂଟନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

ସୋମବାର,୦୭ ଡିସେମ୍ବର ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଷମକଟକ ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରଶିକ୍ଷଣ ଶିବିର

ଗୁଣୁପୁର,୦୬।୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ଠାରେ ସ୍ଥାନୀୟ ସୁଭଦ୍ରା ଉଦ୍ଧବ ଶୌଣ୍ଡିକ ମଙ୍ଗଳ ଭବନ ପରିସରରେ ଆଜି ଭାରତୀୟ ଜନତା ପାର୍ଟି ତରଫରୁ ମଣ୍ଡଳୀ ସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ସଭାପତି ଶ୍ରୀ ଶିବ ପ୍ରସାଦ ପଟ୍ଟନାୟକଙ୍କ ଅଧକ୍ଷତା ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ ଶିବିରର ଉଦଘାଟନ ଉତ୍ସବରେ ଜାତୀୟ କମିଟି ସଦସ୍ୟ ତଥା ମାଲକାନଗିରି ଜିଲ୍ଲା ପ୍ରଭାରୀ କାଳିରାମ ମାଝି ପୂର୍ବତନ ଜିଲ୍ଲା ସଭାପତି ରଜତ କୁମାର ମଧଳା, ଶିବଙ୍କର ଉଲ୍ଲାକା, ରାଜ୍ୟ କାର୍ଯ୍ୟ କାରିଣି ସଦସ୍ୟ ଶ୍ରୀ ରାମଚନ୍ଦ୍ର ବେହେରା, ପୂର୍ବତନ ଜିଲ୍ଲା ଉପସଭାପତି ଶ୍ରୀଯୁକ୍ତ ରାମକୃଷ୍ଣ ପଣ୍ଡା, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ଭାସ୍କର ପଣ୍ଡା, ଉପ ସଭାପତି ଶ୍ରୀ ବାବୁରାଓ, ମଣ୍ଡଳ ସଭାପତି ସରପଞ୍ଚ ଜଗା ଶବର, ରୋହିତ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ ପ୍ରଜ୍ୱଳନ ଓ ବନ୍ଦେମାତାରାମ ସଙ୍ଗିତ ଗାନା ପରେ ରାମକୃଷ୍ଣ ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରେମାନନ୍ଦ ବଢ଼ର(ଟୁନା), ରାଜକିଶୋର ବେହେରା ନୂତନ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ମୁନିଗୁଡା ଓ ଅମ୍ବାଦଳା ର ୮ଟି ମଣ୍ଡଳର ସମସ୍ତ ମଣ୍ଡଳୀ ସଭାପତି ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣ ଶିବିର ରାଷ୍ଟ୍ରୀୟ ସୁରକ୍ଷା ଦଳୀୟ ଶୃଙ୍ଖଳା, ଦଳର ବିଚାର ବ୍ୟକ୍ତିତ୍ୱ ଓ ଭାରତୀୟ ପୁରାତନ ସଂସ୍କୃତି ପ୍ରମୁଖ ବାରଟି ବିଷୟ ଉପରେ ପ୍ରଶିକ୍ଷକ ସର୍ବ ଶ୍ରୀ ଶିବ ପଟ୍ଟନାୟକ, କାଳିରାମ ମାଝୀ, ରଜତ ମାଦଳା, ଗୌରାଙ୍ଗ ରାଉତ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ।

## ଗତ ୨୪ ଘଂଟାରେ ୫୭୦ ଜଣ କରୋନା ସଂକ୍ରମିତ ସୁସ୍ଥ ହେଲେ

ଭୁବନେଶ୍ୱର,୦୬।୧୨ (ନି.ପ୍ର): ଗତ ୨୪ ଘଂଟାରେ ଆଉ ୫୭୦ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଥିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଏହା ସହିତ ରାଜ୍ୟରେ ସୁସ୍ଥ ହୋଇଥିବା କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୩୧୫୮୪୦ ହୋଇଛି।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୮ ଗିରଫ

ଭୁବନେଶ୍ୱର,୦୬।୧୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗୋଟିଏ ମାମଲା ରୁଜୁ କରିଛି। ସେହିପରି ପୋଲିସ ଗତ ୨୪ ଘଂଟାରେ ୮ ଜଣଙ୍କୁ ଗିରଫ କରିଥିବା ବେଳେ ୬୭୬ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୨୨,୮୯,୫୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

## ଲୋକଙ୍କୁ ସଚେତନ କରାଯାଉ : ବିରୋଧୀ ଦଳର ନେତା

ଭୁବନେଶ୍ୱର,୦୬।୧୨ (ନି.ପ୍ର): ହେଲମେଟ୍ ନପିନ୍ଧିଲେ ଚାଳକଙ୍କର ଡ୍ରାଇଭିଙ୍ଗ ଲାଇସେନ୍ସ (ଡିଏଲ୍?) ବାତିଲ କରା ଯିବା ଓ ଅନ୍ୟ ଟ୍ରାଫିକ ନିୟମକୁ କଡା କଡି କରିବା ପାଇଁ ପରିବହନ ମନ୍ତ୍ରୀଙ୍କ ବକ୍ତବ୍ୟ ପରେ ପ୍ରତିକ୍ରିୟା ଦେଉଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ। ଶ୍ରୀ ନାୟକ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ ଏହାକୁ ଲାଗୁ କରିବା ପାଇଁ ସରକାର କିଛି ସମୟ ଦିଆ ଯାଉ। ଏହାକୁ ତତକ୍ଷଣାତ ଲାଗୁ କରା ନ ଯାଉ।ଟେଲିଭିଜନ ଓ ରେଡିଓ ଓ ଅନ୍ୟ ମାଧ୍ୟମରେ ଲୋକ ମାନଙ୍କୁ ସଚେତନ କରା ଯିବା ପରେ ଏହାକୁ ଲାଗୁ କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ମ୍ୟାଲେରିଆ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ଷ୍ଟିଅରିଂ ଓ ଟାସ୍କଫୋର୍ସ କମିଟି ବୈଠକ

### ମୟୂରଭଞ୍ଜ ଜିଲ୍ଲାରେ ୧୫ ଲକ୍ଷ ଦୀର୍ଘସ୍ଥାୟୀ ଔଷଧ କରଣ ମଶାରୀ ବଂଟନ କରାଯିବ



ବାରିପଦା (ନି.ପ୍ର.) ତା୪/୧୨ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟସେବା ଯୋଜନାରେ କାର୍ଯ୍ୟକାରୀ କରାଯାଉଥିବା (ଏନ୍‌ଭିବିଡି) ଜାତୀୟ ଜଳ ବାହୀତ ରୋଗର ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ମ୍ୟାଲେରିଆ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ଷ୍ଟିଅରିଂ ଓ ଟାସ୍କଫୋର୍ସ କମିଟି ବୈଠକ ଗତ ୩ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ମୟୂରଭ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମ୍ୟାଲେରିଆ ନିରାକରଣ ପାଇଁ ଚଳିତ ଡିସେମ୍ବର ମାସରେ ଜିଲ୍ଲାରେ ୧୫ଲକ୍ଷ ଦୀର୍ଘସ୍ଥାୟୀ ଔଷଧ କରଣ ମଶାରୀ ବଣ୍ଟନ କରାଯିବା ସଂପର୍କୀତ କାର୍ଯ୍ୟଖସଡା ପ୍ରସ୍ତୁତି ନିମନ୍ତେ ସବିଶେଷ ଆଲୋଚନା କରାଯିବା ସହ କାର୍ଯ୍ୟକ୍ରଉତ୍ୱରାନ୍ୱିତ କରାଯିବାକୁ ନିଷ୍ପତି ନିଆଯାଇଛି। ସୂଚନା ଯୋଗ୍ୟ ଯେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ ମୟୂରଭ ଜିଲ୍ଲାରେ ଔଷଧିକରଣ ମଶାରୀ ଜିଲ୍ଲାର ସମସ୍ତ ବ୍ଲକ୍, ସହରାଂଚଳ ପରିବାର ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ସମୂହ ହଷ୍ଟେଲର ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ବଂଟନ କରାଯିବ। ମଶାରୀ ବଂଟନ ଓ ବ୍ୟବହାର ତଥା ମ୍ୟାଲେରିଆ ରୋଗ ପ୍ରତିଷେଧ ଆଦି ସଂପର୍କୀତ ଜନସଚେତନତା ପାଇଁ ସବିଶେଷ ସୂଚନା ନିୟୋଜିତ ସଂପୃକ୍ତ ସମସ୍ତ ଅଧିକାରୀ / କର୍ମଚାରୀ ଏବଂ ସଂପୃକ୍ତ ଅଂଚଳର ସମସ୍ତ ଜନ ପ୍ରତିନିଧିମାନଙ୍କୁ ହ୍ୱାଟସ୍ ଆପ୍ ଜରିଆରେ ଜଣାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଗାଇଡ୍‌ଲାଇନ ଅନୁସାରେ ମଶାରୀ ବଂଟନ କରାଯାଉଥିବା ଜିଲ୍ଲାର ହୀତାଧିକାରୀ ପରିବାର ଏବଂ ଏସ୍‌ଟି ଏସ୍‌ସି ଆବାସିକ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ପ୍ରାପ୍ତି ସ୍ୱୀକାର ସଂପର୍କୀତ ସ୍ୱତନ୍ତ୍ର ରେଜିଷ୍ଟର ମେନ୍‌ଟେନ୍ କରିବା କାର୍ଯ୍ୟକ୍ରମର ଫୋଟ / ଭିଡିଓ ଡକ୍ୟୁମେଂଟେସେନ୍ ରଖିବା ପାଇଁ ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟାନ୍ୟ ବିଷୟ କ୍ରମରେ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ଆସନ୍ତା ଜାନୁୟାରୀ / ଫେବୃୟାରୀ ମାସରେ ଫାଇଲେରିଆ / କୃମି ନାଶକ ଔଷଧ ପ୍ରକୃତ ହିତାଧିକାରୀ ମାନଙ୍କୁ ପ୍ରଦାନ କରାଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମୟୂରଭ ଭବେଶ କୁମାର ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ବନମାଳୀ ପ୍ରଧାନ, ବାରିପଦା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବସନ୍ତ କୁମାର ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଦେବେନ୍ଦ୍ର ବେହେରା, ଜିଲ୍ଲାଶିକ୍ଷା ଅଧିକାରୀ ପ୍ରତ୍ୟୁଷ କୁମାର ନାୟକ, ଡେପ୍ୟୁଟି କଂଜରଭେଟର ଅଫ୍ ଫରେଷ୍ଟ ବଟ କୃଷ୍ଣ ପାଢୀ, ଡା. ଦେବକାନ୍ତ ନାୟକ, ଭିବିଡି କନ୍‌ସୋଲଟାଣ୍ଟ ସୁଚୀସ୍ମିତା ପାତ୍ର ପ୍ରମୁଖଙ୍କ ସମେତ ସଂପୃକ୍ତ ବିଭାଗ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାର ଅଂଶଗ୍ରହଣ କରିଥିଲେ।

## ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ ଗୁଡିକୁ ଅଧିକ ସୁବିଧା ଯୋଗାଇ ଦେବାକୁ ଦାବି

ବାରିପଦା, ୬/୧୨ (ନି.ପ୍ର.): ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ କେବଳ ନାକ୍ - ବି ଗ୍ରେଡ ପାଇଥିବା ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟ ମାନଙ୍କରେ ନୂତନ ସମ୍ମାନ ଶ୍ରେଣୀ, ପି.ଜି. ଶ୍ରେଣୀ ଓ ଇଂଟିଗ୍ରେଟେଡ ବି.ଇଡି. ଖୋଲିବା ପାଇଁ କରିଥିବା ନିୟମ କୋଭିଡ-୧୯ ସମୟରେ ମହାବିଦ୍ୟାଳୟ ମାନଙ୍କ ପାଇଁ କ୍ଷତିକାରକ ହେଉଛି। ସେହିପରି ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କୁ ବିଧାୟକ ହାତ ପାଣ୍ଠି ଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଓଡ଼ିଶା ସରକାର କେବଳ +୨ ଏବଂ +୩ ମହାବିଦ୍ୟାଳୟ ମାନଙ୍କ ନିମନ୍ତେ ଅନୁଦାନ ବ୍ୟବସ୍ଥା କରିଛନ୍ତି। ଆଇନ, ଆୟୁର୍ବେଦ, ହୋମିଓପାଥି, ଏକାଉଟିଂ, ମ୍ୟାନେଜମେଂଟ ଓ ଅନ୍ୟାନ୍ୟ ମହାବିଦ୍ୟାଳୟ ମାନଙ୍କୁ ଅନୁଦାନ ଦେବାର କୌଣସି ବ୍ୟବସ୍ଥା କରିନାହାନ୍ତି। ତେଣୁ ରାଜ୍ୟ ସରକାର ନୂତନ ସମ୍ମାନ, ପି.ଜି. ଏବଂ ଇନଟିଗ୍ରେଟେଡ ବି.ଇଡି. ଖୋଲିବା, ବିଧାୟକ ପାଣ୍ଠି ବଂଟନ କରିବା ଆଦି ସୁବିଧା ସୁଯୋଗ ଓଡ଼ିଶା ୧୨(ବି) ଧାରାରେ ସ୍ୱୀକୃତି ପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କୁ ପ୍ରଦାନ କରିବା ପାଇଁ ସଚେତନ ମଂଚ ସଭାପତି ତଥା ପୂର୍ବତନ ବିଧାୟକ କିଶୋର ଦାଶ, ଉତ୍କଳ ବିକାଶ ପରିଷଦ ରାଜ୍ୟ ସଭାପତି ତଥା ପୂର୍ବତନ ପ୍ରଶାସକ ବସନ୍ତ କୁମାର ସ୍ୱାଇଁ, ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପୂର୍ବତନ ସିନେଟ ସଦସ୍ୟ ପ୍ରଦୀପ ନାୟକ, ସଂଘମିତ୍ରା ରାଉତ, ସଂଜିବ ଆଚାର୍ଯ୍ୟ ଓ ଅନ୍ୟାନ୍ୟ ଦାବୀ କରିଛନ୍ତି। ବିଶ୍ୱ ବିଦ୍ୟାଳୟ ଆୟୋଗ ଦ୍ୱାରା ୧୨(ବି) ଅନୁଯାୟୀ ସ୍ୱୀକୃତି ପ୍ରାପ୍ତ ମହାବିଦ୍ୟାଳୟ ମାନେ କୌଣସି ନା କୌଣସି ବିଷୟରେ ସ୍ଥାୟୀ ଅନୁବନ୍ଧିତ ଏବଂ ସ୍ଥାୟୀ ଏଫିଲିଏସନ ପାଇସାରିଛନ୍ତି। ତେଣୁ ସଂପୃକ୍ତ ମହାବିଦ୍ୟାଳୟ ମାନେ ଅନ୍ୟାନ୍ୟ ବିଷୟରେ ସ୍ଥାୟୀ ଅନୁବନ୍ଧିତ ଆଂଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ସ୍ତରରେ ପ୍ରଦାନ କଲେ କୋଭିଡ ମହାମାରୀ ଦୃଷ୍ଟିରୁ ସୁବିଧା ହୁଅନ୍ତା ବୋଲି ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ମତ ପ୍ରକାଶ କରିଛନ୍ତି।

## ଚରମ୍ପା ମହାବିଦ୍ୟାଳୟ ଇଂରାଜୀ ବିଭାଗର ଆନ୍ତର୍ଜାତୀୟ ୱେବିନାର




ଭଦ୍ରକ,୦୬।୧୨ (ନି.ପ୍ର): ଚରମ୍ପା ମହାବିଦ୍ୟାଳୟର ଇଂରାଜୀ ବିଭାଗ ଦ୍ୱାରା ଇତିମଧ୍ୟରେ ୪ଟି ବିଭିନ୍ନ ବିଷୟକୁ ନେଇ ୱେବିନାର ଆୟୋଜିତ ହୋଇ ଯାଇଛି। ପ୍ରଥମ ଜାତୀୟ ୱେବିନାର ସେପ୍ଟେମ୍ବର ୬ ତାରିଖରେ ଆୟୋଜିତ ହୋଇଥିବା ବେଳେ ଦ୍ୱିତୀୟଟି ସେପ୍ଟେମ୍ବର ୨୭ରେ ଆୟୋଜିତ ହୋଇଥିଲା। ସେହିପରି ତୃତୀୟ ଜାତୀୟ ୱେବିନାର ଅକ୍ଟୋବର ୨ ତାରିଖରେ ଆୟୋଜିତ ହୋଇଥିବା ବେଳେ ଚତୁର୍ଥ ୱେବିନାର ଆଜି ଅନୁଷ୍ଠିତ ହୋଇଛି। ଆଜି ଅନୁଷ୍ଠିତ ଏହି ଅନ୍ତର୍ଜାତୀୟ ୱେବିନାରଟି ଚରମ୍ପା ମହାବିଦ୍ୟାଳୟ ଓ ଟରୋଣ୍ଟୋ, କାନାଡା ସ୍ଥିତ ନାଇବରହୁଡ୍ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ଗୁଗୁଲ୍ ମିଟ ଜରିଆରେ ଆୟୋଜିତ ହୋଇଥିଲା। ଫକିରମୋହନ ବିଶ୍ୱ ବିଦ୍ୟାଳୟର ରାଜନୀତି ବିଭାଗ ପ୍ରଫେସର ଅନିଲ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଟରୋଣ୍ଟୋରୁ କବି, ଲେଖକ ତଥା ଅର୍ଗାନାଇଜେସନର ବରିଷ୍ଠ କାର୍ଯ୍ୟକ୍ରମ ପରିଚାଳକ ପ୍ରଶାନ୍ତକୁମାର ଭୂୟାଁ, ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱ ବିଦ୍ୟାଳୟ, ଦିଲ୍ଲୀର ପ୍ରଫେସର ନନ୍ଦିନୀ ସାହୁ, ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟର ରିସର୍ଚ୍ଚ ସ୍କଲାର ପ୍ରଫେସର ଦେବମାଲ୍ୟ ବିଶ୍ୱାସ ସମ୍ମାନିତ ବକ୍ତା ଭାବରେ ଜାତୀୟ ଶିକ୍ଷାନୀତି, ଭର୍ଚୁଆଲ ଶିକ୍ଷାର ଭବିଷ୍ୟତ ଆଦି ବିଷୟ ଉପରେ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଚରମ୍ପା ମହାବିଦ୍ୟାଳୟର ଅଧକ୍ଷ ବ୍ରଜକିଶୋର ବଳ ଏହି ସଭାରେ ପୌରୋହିତ୍ୟ କରିବା ସଂଗେ ସଂଗେ ଇଂରାଜୀ ବିଭାଗର ମୁଖ୍ୟ ସତୀରାଣୀ ମହାନ୍ତି, ପ୍ରାଧ୍ୟାପକ ପୀତାମ୍ବର ନାୟକ, ଅଧ୍ୟାପିକା ଡ. ସୁକାନ୍ତୀ ମହାପାତ୍ର ଏହାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ବେଶ୍ ସଫଳ ଭାବେ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ଅନେକ ଛାତ୍ରଛାତ୍ରୀ, ଜ୍ଞାନୀ ବ୍ୟକ୍ତି ଯୋଗ ଦାନ କରି ଆଲୋଚନାରେ ଭାଗ ନେଇଥିଲେ।

## ଏବିଭିପି ତରଫରୁ ଆମ୍ବେଦକରଙ୍କ ପୂଣ୍ୟତିଥି ଅବସରରେ ସାମାଜିକ ସମରସତା ଦିବସ ପାଳନ

ଭୁବନେଶ୍ୱର,୦୬।୧୨ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭୁବନେଶ୍ୱର ତରଫରୁ ରାଷ୍ଟ୍ରପୁରୁଷ ବିଆର ଆମ୍ବେଦକରଙ୍କ ତିରୋଧନ ଦିବସ ଅବସରରେ ସାମାଜିକ ସମରସତା ଦିବସ ପାଳନ କରାଯାଇଛି। ଏହି ଅବସରରେ ଏଜି ଛକ ନିକଟରେ ଥିବା ବାବାସାହେବଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପ ଣ କରାଯିବା ସହ ତାଙ୍କ ଗୌରବର ଗାଥା ଆଲୋଚନା କରାଯାଇଥିଲା। ବାବାସାହେବଙ୍କ ଅବଦାନ ଛାତ୍ରଛାତ୍ରୀ ମାନଙ୍କୁ ସର୍ବଦା ପ୍ରରେଣ ଦେବା ସହ ସମସ୍ତଙ୍କ ହୃଦୟରେ ଏକ କ୍ଷୁଦ୍ର ଘର ସୃଷ୍ଟି କରିଛି।ମ୍ଳାନ ଦିଗବଳୟର ଅମ୍ଳାନ ଜ୍ୟୋତିଷ୍କ ଭାବରେ ଆର୍ବିଭାବ ହୋଇ ସମଗ୍ର ଭାରତକୁ ସେ ଏକତାର ବନ୍ଧନରେ ବାନ୍ଧିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ




ଭଦ୍ରକ,୦୬।୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଜିଲ୍ଲା କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ସଂସ୍କୃତି ଭବନରେ ପାଳିତ ହୋଇ ଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜଗନ୍ନାଥ ନନ୍ଦ ଉକ୍ତ ଉତ୍ସବରେ ଅଧକ୍ଷତା କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାଶ ଯୋଗ ଦେଇ ମାଟିକୁ ଜୀବନ୍ତ ରଖିବା ସହିତ ଜୈବ ବିବିଧତା ଉପରେ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଅରବିନ୍ଦ ଦାଶ, ବୈଜ୍ଞାନିକ ଦେବୀ ପ୍ରସାଦ ଦାସ, ଚିନ୍ମୟ ଦାସ ବ୍ଲକ କୃଷି ଅଧିକାରୀ ଶ୍ରୀଧର ଦାସ, ଇଫ୍‌କୋର ଏରିଆ ମ୍ୟାନେଜର ସୁଦର୍ଶନ ପଣ୍ଡା, ଯୋଗ ଦେଇ ବକ୍ତବ୍ୟ ରଖିବା ସହ ମୃତ୍ତିକାର ସଂରକ୍ଷଣ ଜୀବନ ରକ୍ଷା ସହ ସମାନ। ଅତ୍ୟଧିକ ସାର ବ୍ୟବହାର ମାଟିର ନିଜସ୍ୱ ଉତ୍ପାଦକ କ୍ଷମତାକୁ ହ୍ରାସ କରୁଛି। ଜୈବିକ ଖତର ବ୍ୟବହାର ମୃତ୍ତିକାର ସୁରକ୍ଷା କରିଥାଏ ବୋଲି ମତପୋଷଣ କରିଥିଲେ। ଏହି ଅବସରରେ ଭଦ୍ରକ ବ୍ଲକର ୨୦ଜଣ କୃଷକଙ୍କୁ ଅତିଥିମାନେ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ କୃଷି ଅଧିକାରୀ ମୀରା ପରିଚ୍ଛା ସଂଯୋଜନା କରିଥିବା ବେଳେ ଶ୍ରୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାରାଜା ବୈକୁଣ୍ଠ ନାଥ ଦେବଙ୍କ ସ୍ମୃତିରେ ରକ୍ତଦାନ ଶିବିର



ବାଲେଶ୍ୱର,୦୬।୧୨ (ନି.ପ୍ର): ପ୍ରତିବର୍ଷ ଭଳି ମହାରାଜା ବୈକୁଣ୍ଠ ନାଥ ଦେବ ସ୍ମୃତି ସଂସଦ ପକ୍ଷରୁ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ମାଣିଖମ୍ବସ୍ଥିତ ରାଜବାଟୀ ଛକଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ସ୍ୱର୍ଗତ ମହାରାଜାଙ୍କ ବୈକୁଣ୍ଠ ନାଥ ଦେବଙ୍କ ସ୍ମୃତିରେ ଆୟୋଜିତ ଏହି ମହତ କାର୍ଯ୍ୟ ବେଶ୍ ପ୍ରଶଂସନୀୟ ବୋଲି ସେମାନେ କହିଥିଲେ। ପ୍ରଜାଙ୍କ ହିତ ସହ ସ୍ଥାନୀୟ ଅଂଚଳର ଉନ୍ନତି ପ୍ରତି ସର୍ବଦା ଗୁରୁତ୍ୱ ଦେଇ ଆସିଥିବା ମହାରାଜାଙ୍କ ଅବର୍ତ୍ତମାନରେ ବି ତାଙ୍କ ଆଦର୍ଶକୁ ବଜାୟ ରଖିବା ସହିତ ରକ୍ତଦାନ ଭଳି ସେବାକାର୍ଯ୍ୟ ହାତକୁ ନେଇ ସ୍ମୃତି ସଂସଦ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ବୋଲି ବିଧାୟକ ଶ୍ରୀ ଦାସ ପ୍ରକାଶ କରିଥିଲେ। ସଦର ବିଜେପି ନେତା ମାନସ କୁମାର ଦତ୍ତ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ପୂର୍ବତନ ପୌର ଉପାଧ୍ୟକ୍ଷ ରଶ୍ମିରେଖା ଦେବ ପ୍ରମୁଖ ଏଥିରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ଏହି ପରମ୍ପରା ନିୟମିତ ବଜାୟ ରଖିବାକୁ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସେମାନେ ପରାମର୍ଶ ଦେଇଥିଲେ। ମହାରାଜା ବୈକୁଣ୍ଠ ନାଥ ଦେବ ସ୍ମୃତି ସଂସଦର ସଭାପତି ସମାଜସେବୀ ସୁଜିତ୍ ଦେବ ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଶିବିର ଶେଷସୁଦ୍ଧା ଶହେରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସଂସଦର ସମ୍ପାଦକ ରାମନାରାୟଣ ଦେ, ଶୁଭଙ୍କର ବର୍ଦ୍ଧନ, ଅଶୋକ କୁମାର ଦାସ, ଗୋପାଳ ଆଢ୍ୟ, ସଂଜୟ କୁମାର କର, ବାଦଲ କୁମାର ବାରିକ, ସୁଦର୍ଶନ ମାଝୀ, ନିଶିକାନ୍ତ ବାରିକ, ରବୀନ୍ଦ୍ର ମାଝୀ, ଶମ୍ଭୁନାଥ କର ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟମାନେ ଏହି ଶିବିରକୁ ପରିଚାଳନା କରିଥିଲେ।

## ରାଗିଣୀ ଦେବୀଙ୍କ ୬୮ତମ ଜୟନ୍ତୀ ଉତ୍ସବ




ବାଲେଶ୍ୱର,୦୬।୧୨ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ଶେରଗଡ଼ସ୍ଥିତ ଲୋକଶକ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଲୋକଶକ୍ତି ଆଇଟିଆଇ, ବାଘାଯତୀନ ଲୋକନାଟ୍ୟ ପ୍ରଭୃତି ଅନୁଷ୍ଠାନର ପ୍ରତିଷ୍ଠାତା ତଥା ରବୀନ୍ଦ୍ର କୁମାର ରାୟଙ୍କ ଧର୍ମପତ୍ନୀ ସ୍ୱର୍ଗତ ରାଗିଣୀ ଦେବୀଙ୍କ ୬୮ତମ ଜୟନ୍ତୀ ଉତ୍ସବ ପ୍ରତିଷ୍ଠାନ ପରିସରରେ ୬ ତାରିଖ ଦିନ ପାଳିତ ହୋଇଯାଇଛି। ରାଗିଣୀ ଦେବୀ ସ୍ମୃତି କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ଏଥିରେ ସଭାପତିତ୍ୱ କରି ରାଗିଣୀ ଦେବୀଙ୍କ ବହୁବିଧ ପ୍ରତିଭା ସମ୍ପର୍କରେ ଆଲେଚନା କରିଥିଲେ। ସ୍ୱର୍ଗୀୟା ରାୟଙ୍କ ସମାଜସେବା ପ୍ରତି ଅନୁରାଗ ଓ ଜନଦରଦୀ କାର୍ଯ୍ୟମାନ ସବୁଦିନ ପାଇଁ ମନେ ରହିବ ବୋଲି ସେ ଉଲ୍ଲେଖ କରିଥିଲେ। ପ୍ରତିଭାଶ୍ରୀର ମୁଖ୍ୟ ତଥା ବିଶିଷ୍ଟ କବି ପ୍ରଶାନ୍ତ ଦାସ, ଚନ୍ଦ୍ରଭାଗା ସାଂସ୍କୃତିକ ଅନୁଷ୍ଠାନର ମୁଖ୍ୟ କବି ଶ୍ରୀଦେବ, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ରିଟ୍ସ'ର ସମ୍ପାଦକ ତଥା ଓଏସିସର ମୁଖ୍ୟ ସଂଜୟ କୁମାର ସାହୁ, ବିଶିଷ୍ଟ ସଙ୍ଗୀତଜ୍ଞ ଅମୃତାଂଶୁ ଶାଶ୍ୱତ କୁମାର ପଟ୍ଟନାୟକ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲୋକଶକ୍ତି ଅନୁଷ୍ଠାନର ଉନ୍ନତି ତଥା ରବୀନ୍ଦ୍ର କୁମାର ରାୟଙ୍କ ସଫଳତା ପଛରେ ରାଗିଣୀ ଦେବୀଙ୍କ ଅବଦାନ ବିଶେଷ ଉଲ୍ଲେଖନୀୟ ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକଶକ୍ତି ଆଇଟିଆଇର ଅଧ୍ୟକ୍ଷ ଧର୍ମେନ୍ଦ୍ର ଦାସମହାପାତ୍ର, ଶ୍ରୀକୃଷ୍ଣ ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷ ପଦ୍ମଲୋଚନ ମହାନ୍ତି, ବିଶିଷ୍ଟ ସାମାଜିକ କର୍ମୀ ବିଜୟ ଶତପଥୀ, ସମାଜସେବୀ ସନ୍ତୋଷ ପଣ୍ଡା, ପର୍ଶୁରାମ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ରାଗିଣୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ। ମନୋଜ ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ମୁଖ୍ୟ ରବୀନ୍ଦ୍ର କୁମାର ରାୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆଗାମୀ ଦିନରେ ରାଗିଣୀ ଦେବୀ ସ୍ମୃତି କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଶ୍ରୀ ରାୟ ସୂଚନା ଦେଇଥିଲେ। ଶେଷରେ ଆଇନଜୀବୀ ପ୍ରାଣବନ୍ଧୁ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋ ସ୍କୁଲ ଅଭିଯାନର ଜଳେଶ୍ୱର ବ୍ଲକ ସ୍ତରୀୟ କୋର କମିଟିର ବୈଠକ

ଜଳେଶ୍ୱର,୦୬।୧୨ (ନି.ପ୍ର): ସରକାର ଶିକ୍ଷାର ସୁଧାର ଆଣିବା ପାଇଁ ଗୋଟିଏ ପରେ ଗୋଟିଏ ଯୋଜନା କରିଚାଲିଥିଲା ବେଳେ ଏବେ ମୋ ସ୍କୁଲ ଅଭିଯାନ ଆରମ୍ଭ କରିଛନ୍ତି। ସରକାରୀ ସ୍କୁଲକୁ ଲୋକାଭିମୁଖୀ କରିବାଲାଗି ପ୍ରତ୍ୟେକ ବିଦ୍ୟାଳୟରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଆଲୁମିନି କମିଟି ଗଠନ କରିବା, ସେମାନଙ୍କ ଠାରୁ ପାଣ୍ଠି ସଂଗ୍ରହ କରିବା ଓ ମୋ ସ୍କୁଲ ଅଭିଯାନ ସଂପର୍କରେ ବିଦ୍ୟାଳୟମାନଙ୍କୁ ଯାଇ ବୁଝାଇବା ଲାଗି ବ୍ଲକ ସ୍ତରୀୟ କୋର କମିଟି ବୈଠକ ଶନିବାର ଅପରାହ୍ନରେ ଶାନ୍ତିଆ ସରକାରୀ ଉପ୍ରା। ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ମୋ ସ୍କୁଲ ଅଭିଯାନର ଜିଲା ସଂଯୋଜକ ସନ୍ଦିପ ଖଟୁଆ, ଜୋନାଲ ପ୍ରଜେକ୍ଟ ମନିଟରିଂ ଅଫିସର ଶୋଭା ପାଲିତ୍ ଭର୍ଚୁଆଲ ମାଧ୍ୟମରେ ବୈଠକରେ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ଜଳେଶ୍ୱର ଶିକ୍ଷାଜିଲାରେ ୪ଟି ଟିମ୍ ଗଠନ କରାଯାଇଛି। ପ୍ରଥମ ଟିମ୍‌ରେ ଗୋପାଳପୁର, ବରଡିହା, ରାଇବଣିଆ, ଖୁଆଡ କ୍ଲଷ୍ଟର ଥିବା ବେଳେ ୨ୟ ଟିମ୍‌ରେ ବେହେରା ସାହି, ଚାଫଲା, ଶିଖରପୁର ରହିଛି। ସେହିପରି ୩ୟ ଟିମ୍‌ରେ ଜଳେଶ୍ୱର ସଦର, ସୁଗୋ, ଆମ୍ବଳିଅଠା, ନାମ୍ପୋ ଓ ୪ର୍ଥ ଟିମ୍‌ରେ ଛମୌଜ, ପର୍ଶ୍ଚିମବାର୍ଡ, ମେଦିନୀପୁର, ପାଇକସିଦା, ବାଘମାରୀ କ୍ଲଷ୍ଟର ରହିଛି। ଏହି ବୈଠକରେ ଏବିଇଓ ଅଜୟ କୁମାର ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସଂଗୀତା ସାହୁ, ବ୍ଲକ କୋଡିନେଟର ନରେନ୍ଦ୍ର ମହାନ୍ତଙ୍କ ସହିତମନୋରଂଜନ ଦାସ, ଡ. ଅଜିତ୍ କୁମାର ମହାନ୍ତି, ରଜେନ୍ଦ୍ର ଦତ୍ତ, କୁମୁଦ ରଂଜନ ଜେନା,କାର୍ତ୍ତିକ ଚନ୍ଦ୍ର ବାରିକ, ହରେକୃଷ୍ଣ ଜେନା, ପ୍ରଦୀପ କୁମାର ଜେନା, କୁଂଜ ବିହାରୀ ପ୍ରଧାନ, ଶିବେଶ୍ୱର ଦାସ, ଗୌରଶଂକର ପରିଡା, ସୁକୁମାର ମିଶ୍ର, ଦିନବନ୍ଧୁ ଦାସ ପ୍ରମୁଖ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo